RNI No.ODIODI/2010/33031
୧୭ ବର୍ଷ Volume-17
ISSUE -168 ସଂଖ୍ୟା-୧୬୮
ଭୁବନେଶ୍ୱର, ବୁଧବାର ୧୬ ସେପ୍ଟେମ୍ବର ୨୦୨୬
Bhubaneswar, Wednesday 16 September, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର




# ବଙ୍ଗୋପସାଗରରେ ବାତ୍ୟା ଭୟ

## ୨୩ରୁ ୨୫ ମଧ୍ୟରେ ପୂର୍ବ ଉପକୂଳ ଛୁଇଁପାରେ, ଓଡିଶାମୁହାଁ ହେଉଥିବା ଅନ୍ତର୍ଜାତୀୟ ମଡେଲ୍‌ଙ୍କ ଆକଳନ

ଭୁବନେଶ୍ୱର,୧୫।୯(ନି.ପ୍ର.): ବଙ୍ଗୋପସାଗରରେ ଆସିପାରେ ବାତ୍ୟା। ପ୍ରକୋପ କେତେ ରହିବ କେଉଁ ଆଡ ଗତି କରିବ ସେ ନେଇ ଏପର୍ଯ୍ୟନ୍ତ କେଣସି ଆକଳନ କରାଯାଇ ନାହିଁ। ତେବେ ଆମେରିକାର ଜିଏଫ୍‌ଏସ୍, ୟୁରୋପର ଇସିଏମ୍‌ଡବ୍ଲ୍ୟୁଏଫ୍ ମଡେଲ୍ ଏଭଳି ପୂର୍ବାନୁମାନ କରିଛନ୍ତି। ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ସ୍ପଷ୍ଟ ଚିତ୍ର ଦେଇ ନ ଥିଲେ ମଧ୍ୟ ୧୯ କିମ୍ବା ୨୦ ତାରିଖ ବେଳକୁ କେନ୍ଦ୍ରୀୟ ବଙ୍ଗୋପସାଗରରେ ଘୂର୍ଣ୍ଣିବଳୟ ସୃଷ୍ଟି ହେବା ନେଇ ସୂଚନା ଦେଇଛି। ବାତ୍ୟା ସମ୍ଭାବନାର କାରଣ ଦର୍ଶାଇବାକୁ ଯାଇ ମଡେଲ୍‌ଗୁଡିକ କହିଛନ୍ତି ଯେ ଦେଶର ବିଭିନ୍ନ ସ୍ଥାନରେ ମୌସୁମୀ ବାୟୁପ୍ରବାହ ଦୁର୍ବଳ ରହିଛି। ଉତ୍ତର ପଶ୍ଚିମ ଭାରତରୁ ମୌସୁମୀ ଅପସାରଣ ପାଇଁ ପାଗ ଅନୁକୂଳ ରହିଛି। ଏଥିସହ ଗତ ୧୫ ଦିନ ହେଲା ପଶ୍ଚିମ ରାଜସ୍ଥାନର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆଉ ବର୍ଷା ହୋଇ ନାହିଁ। ସମୁଦ୍ରପୃଷ୍ଠ ତାପମାତ୍ରା ଯଥେଷ୍ଟ ଅଧିକ ରହିବା ସହ ଉପର ଓ ତଳ ଭାଗରେ ବାୟୁ ଚଳାଚଳରେ ତରତମ୍ୟ କମ୍ ରହୁଥିବାରୁ ଲଘୁଚାପକୁ ଅଧିକ ଘନୀଭୂତ କରାଇ ବାତ୍ୟାରେ ପରିଣତ କରିବାର ଯଥେଷ୍ଟ ସମ୍ଭାବନା ରହିଛି।

ଆମେରିକୀୟ ଜିଏଫ୍‌ଏସ୍ ମଡେଲର ଆକଳନ ଅନୁଯାୟୀ ୧୮ ଓ ୧୯ ତାରିଖ ବେଳକୁ ଏକ ଘୂର୍ଣ୍ଣିବଳୟ ଦକ୍ଷିଣ ଚୀନ ସାଗରରୁ ଅବଶିଷ୍ଟାଂଶ ଭାବେ ପ୍ରବେଶ କରିବାର ସମ୍ଭାବନା ରହିଛି। ପ୍ରଭାବରେ ୨୦ ତାରିଖ ବେଳକୁ ଉତ୍ତର ଆଣ୍ଡାମାନ ସାଗର ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ପରବର୍ତ୍ତୀ ସମୟରେ ଆହୁରି ଘନୀଭୂତ ହୋଇ ବାତ୍ୟାର ରୂପ ନେବା ସହ ଉତ୍ତର ପଶ୍ଚିମ ଦିଗରେ ଗତି କରିପାରେ। ଏଥିସହ ଏହା ପୂର୍ବ ଉପକୂଳ ଆଡକୁ ଗତିକରି ଓଡିଶା-ଆନ୍ଧ୍ର ଉପକୂଳମୁହାଁ ହେବ। ବାତ୍ୟା ପ୍ରଭାବରେ ପ୍ରବଳରୁ ଅତିପ୍ରବଳ ବର୍ଷା ସହ ସମୁଦ୍ର ଭିତରେ ୧୦୦ କିମି ବେଗରେ ପବନ ହୋଇପାରେ। ସ୍ଥଳଭାଗକୁ ପ୍ରବେଶ ସମୟରେ ପବନର ବେଗ ଘଣ୍ଟାପ୍ରତି ୭୦ରୁ ୮୫ କିମି ଛୁଇଁବ। ଉପକୂଳ ଓଡିଶାରେ



ପ୍ରବଳରୁ ଅତିପ୍ରବଳ ବର୍ଷା ହେବା ନେଇ ଆକଳନ କରାଯାଇଛି।

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ବିଶ୍ୱର ପ୍ରମୁଖ ପାଣିପାଗ ମଡେଲଗୁଡ଼ିକ ସେପ୍ଟେମ୍ବର ୨୦ରୁ ୨୨ ବେଳକୁ ବଙ୍ଗୋପସାଗରରେ ଏକ ନୂଆ ପ୍ରଣାଳୀ ସୃଷ୍ଟିର ସଙ୍କେତ ଦେଉଛନ୍ତି। ପ୍ରଥମେ ଘୂର୍ଣ୍ଣିବଳୟ, ଲଘୁଚାପ ଓ ଅବପାତ ଭାବେ ପ୍ରଣାଳୀଟି ଆଗକୁ ବଢ଼ିପାରେ। ଏହା ବାତ୍ୟାରେ ପରିଣତ ହେବାର ସମ୍ଭାବନାକୁ ଏବେଠାରୁ ବାଦ୍ ଦିଆଯାଇପାରିବ ନାହିଁ। ପ୍ରଣାଳୀଟି ଶକ୍ତିଶାଳୀ ହେଲେ ୨୩ରୁ ୨୭ ତାରିଖ ମଧ୍ୟରେ ଉତ୍ତର ଆନ୍ଧ୍ର-ଓଡ଼ିଶା-ପଶ୍ଚିମବଙ୍ଗ ଉପକୂଳ ଉପରେ ନଜର ରଖିବାକୁ ପଡ଼ିବ। ଏବେଠାରୁ କୌଣସି ନିର୍ଦ୍ଦିଷ୍ଟ ସ୍ଥଳଭାଗ ଛୁଇଁବା ସ୍ଥାନ କହିବା ଠିକ୍ ହେବ ନାହିଁ। ମଡେଲରେ ଦେଖାଯାଉଥିବା ବାତ୍ୟାର ଶକ୍ତି ଓ ଗତିପଥ ପରବର୍ତ୍ତୀ ସମୟରେ ବଦଳିପାରେ। ଦୁଇଟି ମଡେଲରେ ପ୍ରଣାଳୀ ସୃଷ୍ଟି ଓ ପରେ ଅଧିକ ସଂଗଠିତ ହେବା ନେଇ କିଛିଟା ସମାନ ସଙ୍କେତ ଦେଖାଯାଉଛି। ମାତ୍ର ଏହାର ଶକ୍ତି, ଗତିପଥ ଓ କେଉଁଠାରେ ସ୍ଥଳଭାଗ ଛୁଇଁବ ସେ ସଂକ୍ରାନ୍ତରେ ଅନିଶ୍ଚିତତା ରହିଛି।

ଆଞ୍ଚଳିକ ପାଣିପାଗ କେନ୍ଦ୍ରର ପୂର୍ବତନ ନିର୍ଦ୍ଦେଶକ ଶରତ କୁମାର ସାହୁ କହିଛନ୍ତି ଯେ ମେସୁମୀ ସମୟରେ ପାଗ ଅନୁକୂଳ ରହିଲେ ଲଘୁଚାପଟି ବାତ୍ୟା ରୂପ ନେଇପାରେ। ସ୍ଥଳଭାଗ ଅତିକ୍ରମ ପୂର୍ବରୁ ବାତ୍ୟା ରୂପ ନେବାର ସମ୍ଭାବନା ରହିଛି। ଆଶ୍ୱସ୍ତିର କଥା ହେଉଛି ଯେ ବାତ୍ୟା ରୂପରେ ମାତ୍ର ୧୨ରୁ ୨୪ ଘଣ୍ଟା ପର୍ଯ୍ୟନ୍ତ ରହିବ। ତେବେ ୨୦ ତାରିଖ ବେଳକୁ ଏହାର ସ୍ୱଷ୍ଟତା ଆସିବ ବୋଲି ସେ ମତ ଦେଇଛନ୍ତି।

ଆଇଏମ୍‌ଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି, ଆସନ୍ତା ୧୯ ତାରିଖ ବେଳକୁ ରାଜସ୍ଥାନର ପଶ୍ଚିମ ଭାଗରୁ ମୌସୁମୀ ପ୍ରତ୍ୟାହୃତ ହେବାର ସମ୍ଭାବନା ରହିଛି। ଯଦିଓ ପଶ୍ଚିମ ଭାରତରୁ ବର୍ଷା ପରିମାଣ କମିବ, କିନ୍ତୁ ପୂର୍ବ ଓ ଦକ୍ଷିଣ ଭାରତରେ ବର୍ଷା ଲାଗି ରହିବ। ଆଗାମୀ ୧୯ରୁ ୨୦ ତାରିଖ ମଧ୍ୟରେ ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଧୀରେ ଧୀରେ ଏହା ଅଧିକ ଘନୀଭୂତ ହୋଇ ଉତ୍ତର-ପଶ୍ଚିମ ଦିଗକୁ ଗତି କରିବ। ଓଡିଶା ଓ ଆନ୍ଧ୍ରପ୍ରଦେଶ ଉପକୂଳରେ ଏହାର ପ୍ରଭାବ ରହିବା ସମ୍ଭାବନା ରହିଛି।

ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ଆକଳନ ଅନୁଯାୟୀ ଆସନ୍ତା ଦୁଇ ଦିନ ପର୍ଯ୍ୟନ୍ତ କେନ୍ଦୁଝର ଓ ମୟୂରଭଞ୍ଜର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, ଜଗତସିଂହପୁର, କଟକ, ସୁନ୍ଦରଗଡ, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା ଓ ନୟାଗଡ ଜିଲ୍ଲାରେ ବିଜୁଳି, ଘଡଘଡି ସହ ଘଣ୍ଟାପ୍ରତି ୩୦ରୁ ୪୦ କିମି ବେଗରେ ପବନ ହେବାକୁ ଥିବାରୁ ୟେଲୋ ଓ୍ୱାର୍ଣ୍ଣିଂ ଜାରି ହୋଇଛି। ୧୮ ତାରିଖଠାରୁ ବାଲେଶ୍ୱର, ଯାଜପୁର, କେନ୍ଦୁଝର, ମୟୂରଭଞ୍ଜରେ ପ୍ରବଳ ବର୍ଷା ହେବାକୁ ଥିବା ବେଳେ ପରବର୍ତ୍ତୀ ସମୟରେ ଉପକୂଳ ଓ ଉତ୍ତର ଓଡିଶାର ଜିଲ୍ଲାଗୁଡିକରେ ବର୍ଷା ପରିମାଣ ବୃଦ୍ଧି ପାଇବ। ୨୦ ତାରିଖ ବେଳକୁ କଳାହାଣ୍ଡି, ରାୟଗଡା, ଗଜପତି ଓ ଗଞ୍ଜାମ ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଥିବାରୁ ୟେଲୋ ଓ୍ୱାର୍ଣ୍ଣିଂ ଦିଆଯାଇଛି। ସମ୍ଭାବ୍ୟ ବିପର୍ଯ୍ୟୟ ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନ ସଜାଗ ରହିବାକୁ ଏସ୍‌ଆରସିଙ୍କ ପକ୍ଷରୁ ପରାମର୍ଶ ଦିଆଯାଇଛି।

# ୟୁପିଆଇ ପେମେଣ୍ଟ ୨୦୦୦ ଟପିଲେ ଦେବାକୁ ପଡିବ ଫି'

ନୂଆଦିଲ୍ଲୀ,୧୫।୯(ନି.ପ୍ର.): ୟୁପିଆଇଏ କାରବାରକୁ ନେଇ ବଡ ଘୋଷଣା କରିଛନ୍ତି କେନ୍ଦ୍ର ସରକାର। ଏଣିକି ୟୁପିଆଇ ପେମେଣ୍ଟ ୨୦୦୦ ଟଙ୍କା ଟପିଲେ ଦେବାକୁ ପଡିବ ନିର୍ଦ୍ଦିଷ୍ଟ ଫି'। ୟୁପିଆଇ ନେଣଦେଣ ପାଇଁ ସରକାର ମର୍ଚ୍ଚାଣ୍ଟ ଡିସକାଉଣ୍ଟ ରେଟ୍ ବା ଏମଡିଆର ଫ୍ରେମ୍‌ୱାର୍କ ଘୋଷଣା କରିଛନ୍ତି। ଏହି ନିୟମ ଅନୁସାରେ ଯଦି ଜଣେ ବ୍ୟକ୍ତି କୌଣସି ମର୍‌ଚାଣ୍ଟ ବା ବ୍ୟବସାୟୀକ ସଂସ୍ଥାକୁ ୟୁପିଆଇରେ ୨ ହଜାରରୁ ଅଧିକ ଟଙ୍କା ପଠାଇବେ, ତା'ହେଲେ ସଂସ୍ଥାକୁ କିଛି ନିର୍ଦ୍ଦିଷ୍ଟ ଫି' ଦେବାକୁ ପଡିବ। ତେବେ ସାଧାରଣ ଗ୍ରାହକ ପୂର୍ବ ଭଳି ବିନା କୌଣସି ଫି'ରେ ୟୁପିଆଇର ବ୍ୟବହାର କରିପାରିବେ। ଅର୍ଥାତ ଗ୍ରାହକମାନେ ପୂର୍ବଭଳି ଦେୟମୁକ୍ତ ସେବା ପାଇପାରିବେ।

ନୂଆ ନିୟମ ଆସନ୍ତା ଅକ୍ଟୋବର ୧୫ରୁ ଲାଗୁ ହେବ। ସାଧାରଣ ପି୨ଏ(ପର୍ସନ ଟୁ ମର୍‌ଚାଣ୍ଟ) ଅଧୀନରେ ୨୦୦୦ ଟଙ୍କାରୁ ଅଧିକ ନେଣଦେଣ ପାଇଁ ମୋଟ ଦେୟର ୦.୪% ଫି' ଆକାରରେ ବ୍ୟବସାୟୀମାନେ ଦେବେ। ସେହିପରି କାରବାର ୭୫ ହଜାର କିମ୍ବା ଅଧିକ ହେଲେ ଏମଡିଆର ଭାବେ ପ୍ରତି ଟ୍ରାଞ୍ଜାକସନ ପାଇଁ ୩୦୦ ଟଙ୍କା ଲେଖାଏ ଦେବାକୁ ପଡିବ। ଏହି ଫି'କୁ ମର୍‌ଚାଣ୍ଟ ସେମାନଙ୍କ ବ୍ୟାଙ୍କ ଗୁଡିକୁ ଦେବାକୁ ହେବ ଓ ସାଧାରଣ ଗ୍ରାହକଙ୍କ ଉପରେ ଏହାର କୌଣସି ଚାପ ପଡିବ ନାହିଁ। ଗ୍ରାହକମାନେ ୟୁପିଆଇ ସେବା ପୂର୍ବ ଭଳି ମାଗଣାରେ ପାଇବେ। ୟୁପିଆଇ ସେବା ଯୋଗାଇ ଦେଉଥିବା ସଂସ୍ଥାଗୁଡିକ ମଧ୍ୟ କୌଣସି ପ୍ଲାଟଫର୍ମ କିମ୍ବା ଅନ୍ୟ କୌଣସି ଚାର୍ଜ ମଧ୍ୟ ଲଗାଇ ପାରିବେ ନାହିଁ ବୋଲି ସରକାର ସ୍ପଷ୍ଟ କରିଛନ୍ତି। ଉଦାହରଣ ସ୍ୱରୂପ, ଯଦି ଜଣେ ୩ ହଜାର ଟଙ୍କାର ୟୁପିଆଇ ପେମେଣ୍ଟ କରୁଛନ୍ତି, ତା'ହେଲେ ମର୍ଚ୍ଚାଣ୍ଟ ଏଥିପାଇଁ ୦.୪% ଆକାରରେ ୧୨ ଟଙ୍କା ଦେବେ। ୫୦,୦୦୦ ଟଙ୍କା ପାଇଁ ଏମଡିଆର ଭାବେ ୨୦୦ ଟଙ୍କା ଲାଗିବ।ସେହି ହିସାବରେ ୧ ଲକ୍ଷ ଟଙ୍କା ପାଇଁ ୪୦୦ ଟଙ୍କା ଲାଗିବା କଥା। ହେଲେ ବ୍ୟବସାୟୀମାନେ ଏଥିପାଇଁ କେବଳ ୩୦୦ ଟଙ୍କା ଦେବେ। କାରଣ ୭୫ ହଜାର କିମ୍ବା ତା' ଠାରୁ ଅଧିକ କାରବାର ପାଇଁ ମୋଟ ଧାର୍ଯ୍ୟ ସୀମା ସରକାର ୩୦୦ ଟଙ୍କା ହିଁ ରଖିଛନ୍ତି। ସେବା ଯୋଗାଉଥିବା କିଛି ନିର୍ଦ୍ଦିଷ୍ଟ ସଂସ୍ଥା ପାଇଁ ରିହାତି ବ୍ୟବସ୍ଥା ରହିଛି। ରେଳବାଇ, ଟେଲିକମ ସେବା, ବୀମା ଓ ତୈଳ ସଂସ୍ଥାଗୁଡିକ ପାଇଁ ଏମଡିଆର ୫ ଟଙ୍କା ରଖାଯାଇଛି। ଅର୍ଥାତ ୨୦୦୦ ଟଙ୍କାରୁ ଅଧିକ ୟୁପିଆଇ ପେମେଣ୍ଟ କଲେ ସେମାନେ ସାଧାରଣ ୦.୪% ହିସାବରେ ୧୨ ଟଙ୍କା ବଦଳରେ ୫ ଟଙ୍କା ଦେବେ।

# ଜେଲରୁ ଦାରାଙ୍କ ମୁକ୍ତି ଆଶା କ୍ଷୀଣ

## ଷ୍ଟେଟ ସେଣ୍ଟେନ୍ସ ରିଭ୍ୟୁ ବୋର୍ଡରେ ଆବେଦନ ଖାରଜ

ଭୁବନେଶ୍ୱର,୧୫।୯(ନି.ପ୍ର.): ଜେଲରୁ ମୁକୁଳି ପାରିବେନି ଦାରା ସିଂ। ଆଗୁଆ ମୁକ୍ତି ପାଇଁ ହୋଇଥିବା ଆବେଦନ ଖାରଜ କଲେ ଓଡ଼ିଶା ରାଜ୍ୟ ଦଣ୍ଡ ସମୀକ୍ଷା ବୋର୍ଡ ( ଷ୍ଟେଟ ସେଣ୍ଟେନ୍ସ ରିଭ୍ୟୁ ବୋର୍ଡ)। ଗ୍ରାହାମ ଷ୍ଟେନ୍ସ ହତ୍ୟା ମାମଲାରେ ଆଜୀବନ କାରାଦଣ୍ଡ ଭୋଗୁଥିବା ଦାରା ସିଂ ଓରଫ୍ ରବୀନ୍ଦ୍ର କୁମାର ପାଳଙ୍କ ଅଗ୍ରୀମ ମୁକ୍ତି ଆବେଦନକୁ ଷ୍ଟେଟ ସେଣ୍ଟେନ୍ସ ରିଭ୍ୟୁ ବୋର୍ଡ ଖାରଜ କରିଦେଇଛନ୍ତି।



ଗତ ୩୧ ତାରିଖରେ ହୋଇଥିବା ବୈଠକରେ ଖାରଜ କରାଯାଇଥିବା ଷ୍ଟେଟ ସେଣ୍ଟେନ୍ସ ରିଭ୍ୟୁ ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି। ବୈଠକର ନିଷ୍ପତ୍ତି ନେଇ ରାଜ୍ୟ ଗୃହ ବିଭାଗକୁ ଷ୍ଟେଟ ସେଣ୍ଟେନ୍ସ ରିଭ୍ୟୁ ବୋର୍ଡ ଅବଗତ କରିଛି। ଏହି ନିଷ୍ପତ୍ତି ଦ୍ୱାରା ଜେଲରୁ ଦାରା ସିଂଙ୍କ ମୁକ୍ତି ଆଶା କ୍ଷୀଣ ହୋଇଛି। ସୂଚନାଯୋଗ୍ୟ ଯେ, ୧୯୯୯ ମସିହାର ବହୁଚର୍ଚ୍ଚିତ ଅଷ୍ଟ୍ରେଲୀୟ ମିଶନାରୀ ଗ୍ରାହାମ ଷ୍ଟେନ୍ସ ଏବଂ ତାଙ୍କର ଦୁଇ ନାବାଳକ ପୁଅଙ୍କୁ ପୋଡି ହତ୍ୟା କରିବାରେ ଦୋଷୀ ସାବ୍ୟସ୍ତ ହୋଇଥିଲେ ଦାରା ସିଂ। ପ୍ରଥମେ ତାଙ୍କୁ ଟ୍ରାଏଲ କୋର୍ଟରେ ମୃତ୍ୟୁ ଦଣ୍ଡାଦେଶ ଦିଆଯାଇଥିଲା। ପରବର୍ତ୍ତି ସମୟରେ ହାଇକୋର୍ଟ ଏହାକୁ ଆଜୀବନ କାରାଦଣ୍ଡରେ ପରିଣତ କରିଥିଲେ। ଦାରା ସିଂ ଦୀର୍ଘ ୨୬ ବର୍ଷରୁ ଅଧିକ ସମୟ ଜେଲରେ କାଟି ସାରିଛନ୍ତି। ନିଜ ମୁକ୍ତି ପାଇଁ ସୁପ୍ରିମକୋର୍ଟରେ ଦାରା ସିଂ ଆବେଦନ କରିଥିଲେ। ସୁପ୍ରିମକୋର୍ଟ ରାଜ୍ୟ ସରକାରଙ୍କୁ ଏହି ମାମଲାରେ ନିଷ୍ପତ୍ତି ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଓଡ଼ିଶା ସରକାରଙ୍କ ଦଣ୍ଡ ସମୀକ୍ଷା ବୋର୍ଡ ଦାରାଙ୍କୁ ଜେଲରୁ ଶୀଘ୍ର ମୁକ୍ତ କରିବାକୁ ଖାରଜ କରିଛି। ଫଳରେ ସେ ସହଜରେ ଜେଲରୁ ମୁକୁଳି ପାରିବେ ନାହିଁ। ଅନ୍ୟପକ୍ଷରେ ଦାରା ସିଂଙ୍କ ମୁକ୍ତି ମାମଲାର ଶୁଣାଣି ଆସନ୍ତା ସେପ୍ଟେମ୍ବର ୧୭ ତାରିଖରେ ସୁପ୍ରିମକୋର୍ଟରେ ହେବାକୁ ଅଛି।

# ଓରାଙ୍ଗଉଟାନ ଉଦ୍ଧାର ଘଟଣାରେ ବାଂଲାଦେଶ ଲିଙ୍କ୍

ଭୁବନେଶ୍ୱର,୧୫।୯(ନି.ପ୍ର.): ଓରାଙ୍ଗଉଟାନ ଓଡ଼ିଶା ବା ନନ୍ଦନକାନନର ବାସିନ୍ଦା ହୋଇ ରହିପାରିବେ। ସେମାନଙ୍କୁ ଆଉ ଇଣ୍ଡୋନେସିଆକୁ ହସ୍ତାନ୍ତର କରିବାକୁ ପଡ଼ିବ ନାହିଁ। କାରଣ ଏମାନେ ବ୍ରିଡିଂ ସେଣ୍ଟରରୁ ଆସିଛନ୍ତି। ତେଣୁ ଆଇନ ଅନୁଯାୟୀ ଯଦି ବ୍ରିଡିଂ ସେଣ୍ଟରରେ ଛୁଆ ହେଉଛନ୍ତି ସେମାନେ ଚିଡ଼ିଆଖାନାରେ ରହିପାରିବେ। ଆଉ କାହାକୁ ଦେବାକୁ ପଡ଼ିବନି। ନନ୍ଦନକାନନରେ ତାଙ୍କ ପାଇଁ ପୂର୍ବରୁ ମଧ୍ୟ ବ୍ୟବସ୍ଥା ରହିଛି। ଏମାନଙ୍କୁ ବନ୍ଦ ଖୁଆଡ଼ରୁ ବାହାର କରି ଖୋଲା ଖୁଆଡ଼ରେ ରଖିବା ଦରକାର ବୋଲି କହିଛନ୍ତି ବନ୍ୟପ୍ରାଣୀ ବିଶେଷଜ୍ଞ ଶୁଭେନ୍ଦୁ ମଲ୍ଲିକ।

## ଖୋଲା ଖୁଆଡ଼ରେ ରଖିବାକୁ ପରାମର୍ଶ

ପୂର୍ବରୁ କୌଣସି ବ୍ରିଡିଂ ସେଣ୍ଟରରୁ ଏମାନେ ଆସିଥିବା ମଧ୍ୟ ଆଶଙ୍କା କରାଯାଇଛି। ବର୍ତ୍ତମାନ ବିଶେଷ ସୂତ୍ରରୁ ଜଣାପଡ଼ିଛି ଯେ, ଏହି ଶାବକ ବାଂଲାଦେଶର ବ୍ରିଡିଂ ସେଣ୍ଟରରୁ ଆସିଛନ୍ତି। ଏବେ କିଏ, କାହିଁକି ଓ କେଉଁଠି ନେଉଥିଲା ଏ ନେଇ ଆହୁରି ଖୋଳତାଡ଼ ହେବାର ଆବଶ୍ୟକତା ରହିଛି। ଓଡ଼ିଶାରୁ କିଏ ଏଥିରେ ସମ୍ପୃକ୍ତ ଅଛନ୍ତି ତଦନ୍ତ ହେବା ଦରକାର ଓ ଏହି ଅନ୍ତର୍ଜାତୀୟ ସ୍ମଗଲିଂରେ ରୋକ ଆଣିବା ଦରକାର ବୋଲି କହିଛନ୍ତି ବନ୍ୟପ୍ରାଣୀ ବିଶେଷଜ୍ଞ ଶ୍ରୀ ମଲ୍ଲିକ।

ଓରାଙ୍ଗଉଟାନ୍ ଶାବକ ଉଦ୍ଧାର ଘଟଣା ପଛରେ ବାଂଲାଦେଶ ଲିଙ୍କ୍ ଥିବା ନେଇ ତଦନ୍ତକାରୀ ସଂସ୍ଥାକୁ ଗୁରୁତ୍ୱପୂର୍ଣ୍ଣ ସୁରାକ୍ ମିଳିଥିବା ଜଣାପଡ଼ିଛି। ଭୋଗରାଇର ବିଚିତ୍ରପୁର ଜଙ୍ଗଲକୁ ଏହି ଓରାଙ୍ଗଉଟାନ୍ ଶାବକମାନେ କିପରି ଆସିଲେ ଏବଂ କିଏ ସେମାନଙ୍କୁ ଆଣିଥିଲା, ସେନେଇ ଏସଟିଏଫ ଓ ଡବ୍ଲୁସିସିବି ତଦନ୍ତ ଜାରି ରଖିଛନ୍ତି। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଓଡ଼ିଶାରେ ଉଦ୍ଧାର ହୋଇଥିବା ୫ଟି ଓରାଙ୍ଗଉଟାନ୍ ଶାବକଙ୍କୁ ବାଂଲାଦେଶରୁ ଭାରତକୁ ଅଣାଯାଇଥିବା ସନ୍ଦେହ କରାଯାଉଛି।



ବାଂଲାଦେଶରେ କେହି ଜଣେ ମାଇ ଓରାଙ୍ଗଉଟାନ୍‌କୁ ରଖି ପ୍ରଜନନ କରୁଥିବା ଏବଂ ସେଠାରୁ ଏହି ଶାବକମାନଙ୍କୁ ଅଣାଯାଇଥିବା ନେଇ ତଦନ୍ତକାରୀଙ୍କୁ ସୂଚନା ମିଳିଛି।

ସୂଚନା ଅନୁଯାୟୀ, ଜାହାଜ ଯୋଗେ ଏହି ଶାବକମାନଙ୍କୁ ଓଡ଼ିଶା ଅଣାଯାଇଥିଲା। ଧାମରା ମାର୍ଗ ଦେଇ ସେମାନଙ୍କୁ ଭଦ୍ରକ ଅଣାଯିବା ପରେ ସେଠାରୁ କୋଲକାତା ନିଆଯାଇଥିଲା। କୋଲକାତାରେ ଓରାଙ୍ଗଉଟାନ୍‌ମାନଙ୍କର ବିଭିନ୍ନ ପରୀକ୍ଷା କରାଯାଇଥିବା ସୂଚନା ମିଳିଛି।ପରୀକ୍ଷା ପରେ ସେମାନଙ୍କୁ ବିଶାଖାପାଟଣାମ ନେବାର ଯୋଜନା ଥିଲା। ସେଠାରୁ ଅନ୍ୟ ରାଜ୍ୟକୁ ସେମାନଙ୍କୁ ପଠାଯିବାର ଯୋଜନା ଥିବା ସନ୍ଦେହ କରାଯାଉଛି।ତଦନ୍ତରେ ଏକ ବଡ଼ ପ୍ରଶ୍ନ ଉଠୁଛି, ଯଦି ଲକ୍ଷ୍ୟ ବିଶାଖାପାଟଣାମ ଥିଲା, ତେବେ ଓରାଙ୍ଗଉଟାନ୍‌ମାନଙ୍କୁ ସିଧାସଳଖ ଜଳପଥରେ କାହିଁକି ନିଆଗଲା ନାହିଁଜଳପଥରେ ଯାତ୍ରା କଲେ ଗୋପାଳପୁର ମାର୍ଗ ଦେଇ ଯିବାକୁ ପଡ଼ିଥାନ୍ତା। ସେହି ଅଞ୍ଚଳରେ ଯାଞ୍ଚ ବ୍ୟବସ୍ଥା ଥିବାରୁ ଧରାପଡ଼ିବାର ଆଶଙ୍କା ଥିବା ନେଇ ସ୍ମଗଲରମାନେ ସଡ଼କପଥକୁ ବାଛିଥିବା ସନ୍ଦେହ କରାଯାଉଛି।ଏହି କାରଣରୁ କୋଲକାତାରୁ ସଡ଼କପଥରେ ବିଶାଖାପାଟଣାମ ନେବା ପାଇଁ ଯୋଜନା କରାଯାଇଥିବା ସୂଚନା ମିଳିଛି। ଯୋଜନା ଅନୁଯାୟୀ, ଓରାଙ୍ଗଉଟାନ୍ ଶାବକମାନଙ୍କୁ ଏକ କଳା ଥାର୍‌ରେ ନିଆଯାଉଥିଲା। ତେବେ ରାସ୍ତାରେ ଗାଡ଼ି ଭିତରେ ଶାବକମାନଙ୍କ ଅସ୍ୱାଭାବିକ ଗତିବିଧି କିମ୍ବା କୌଣସି ସମସ୍ୟା ଯୋଗୁଁ ସେମାନଙ୍କୁ ନେଉଥିବା ବ୍ୟକ୍ତିମାନେ ଭୟଭୀତ ହୋଇପଡ଼ିଥିବା ସନ୍ଦେହ କରାଯାଉଛି। ପରେ ବାଲେଶ୍ୱର ଅଞ୍ଚଳର ଜଙ୍ଗଲରେ ଏହି ଶାବକମାନଙ୍କୁ ଛାଡ଼ି ଦିଆଯାଇଥିବା ଜଣାପଡ଼ିଛି। ପରବର୍ତ୍ତୀ ସମୟରେ ଘଟଣାଟି ସାମ୍ନାକୁ ଆସିବା ପରେ ବନ ବିଭାଗ ଓ ତଦନ୍ତକାରୀ ସଂସ୍ଥାମାନେ ତତ୍ପର ହୋଇଛନ୍ତି।

# ଅକ୍ଟୋବରରେ ଆସିବେ ରାହୁଲ

ଭୁବନେଶ୍ୱର,୧୫।୯(ନି.ପ୍ର.): ଅକ୍ଟୋବରରେ ଓଡିଶା ଆସିବେ ରାହୁଲ ଗାନ୍ଧୀ। ଭୁବନେଶ୍ୱରରେ 'ଛାତ୍ର କି ଗୁଞ୍ଜ୍' କାର୍ଯ୍ୟକ୍ରମରେ ଦେବେ ଯୋଗ। ସାମିଲ ହେବେ ୨୦ ହଜାର ଯୁବପୀଢି। ଜେନ୍-ଜିଙ୍କ ସମସ୍ୟାକୁ ନେଇ ହେବ ଆଲୋଚନା। ଏନେଇ ପିସିସି ସଭାପତି ଭକ୍ତଚରଣ ଦାସ ସୂଚନା ଦେଇଛନ୍ତି। ପିସିସି ସଭାପତି କହିଛନ୍ତି ଯେ, ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ଆଗକୁ କଂଗ୍ରେସ ମାରାଥନ୍ କାର୍ଯ୍ୟକ୍ରମ କରିବ। ଜାନୁଆରୀ ଏବଂ ଫେବୃଆରୀ ଭିତରେ ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ, କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ଓଡିଶା ଆସିବେ। ଅକ୍ଟୋବର ୨ ତାରିଖରୁ ନବରଙ୍ଗପୁରରେ କଂଗ୍ରେସ ପଦଯାତ୍ରା ଆରମ୍ଭ କରିବ। କଂଗ୍ରେସ କର୍ମୀମାନେ ଏହି ପଦଯାତ୍ରାରେ ସାମିଲ ହେବେ। କମିଟି ଗୁଡିକ ତାକୁ ନିରୀକ୍ଷଣ କରିବ। ଜେନ୍-ଜିଙ୍କ ସମସ୍ୟାକୁ ନେଇ ଭୁବନେଶ୍ୱରରେ ବ୍ୟାପକ କାର୍ଯ୍ୟକ୍ରମ ହେବ। ଆସନ୍ତା ଅକ୍ଟୋବରରେ ଓଡ଼ିଶାରେ ଛାତ୍ର କି ଗୁଞ୍ଜ କାର୍ଯ୍ୟକ୍ରମ ହେବ। ରାହୁଲ ଗାନ୍ଧୀ ଆସନ୍ତା ଅକ୍ଟୋବର ମାସରେ ଓଡ଼ିଶା ଆସିବାର କାର୍ଯ୍ୟକ୍ରମ ରହିଛି। ଭୁବନେଶ୍ୱରରେ ବଡ଼ କାର୍ଯ୍ୟକ୍ରମ ହେବ। ସେଥିରେ ୨୦ ହଜାର ଯୁବ ପିଢ଼ି ଯୋଗ ଦେବେ।



# ଓଡିଶାରେ ଆଉ ଏକ ବଡ ସେମିକଣ୍ଡକ୍ଟର ପ୍ରକଳ୍ପ

ଭୁବନେଶ୍ୱର,୧୫।୯(ନି.ପ୍ର): ଭାରତର ସେମିକଣ୍ଡକ୍ଟର ତଥା ହାଇଟେକ୍ ଉଦ୍ୟୋଗ ମାନଚିତ୍ରରେର ଓଡିଶା ଏକ ପ୍ରମୁଖ ଶକ୍ତି ଭାବେ ଉଭା ହେଉଥିବାବେଳେ ରାଜ୍ୟରେ ଦ୍ୱିତୀୟ ସେମିକଣ୍ଡକ୍ଟର ୟୁନିଟ୍ ସ୍ଥାପନ ପାଇଁ ମଞ୍ଜୁରୀ ମିଳିଛି। ଖୋର୍ଦ୍ଧା ଜିଲ୍ଲାର ଜଟଣୀ ତହସିଲ ଅନ୍ତର୍ଗତ ଅରିସୋଲ ମୌଜାସ୍ଥିତ ଇଡକୋ ଇନଫୋଭ୍ୟାଲି-୨ରେ ଏହି ସେମିକଣ୍ଡକ୍ଟର କାରଖାନା ସ୍ଥାପନ ହେବ। ପୂର୍ବ ଭାରତର ସ୍ୱତନ୍ତ୍ର ଅର୍ଥନୈତିକ ଅଂଚଳଗୁଡିକର ପରିଚାଳନା ଦାୟିତ୍ୱରେ ଥିବା ଫାଲତା ଏସଇଜେଡ (ଏଫଏସଇଜେଡ) କ୍ଷେତ୍ରାଧିକାର ଅଧୀନରେ କୋଲକାତାଠାରେ ଅନୁଷ୍ଠିତ ୟୁନିଟ୍ ଆପ୍ରୁଭାଲ କମିଟିର ୨୧୭ତମ ବୈଠକରେ ମେସର୍ସ ସିକସେମ୍ ପ୍ରାଇଭେଟ୍ ଲିମିଟେଡ୍‌ର ଏହି ପ୍ରସ୍ତାବକୁ ବିଧିବଦ୍ଧ ଅନୁମୋଦନ ମିଳିଛି।

ଏହି ବୃହତ ପ୍ରକଳ୍ପ ଜରିଆରେ କମ୍ପାନୀ ପ୍ରାୟ ୩୪୦୬.୨୫ କୋଟି ଟଙ୍କା ପୁଞ୍ଜିନିବେଶ କରିବ। ଇନଫୋଭ୍ୟାଲି-୨ର ଅରିସୋଲ ମୌଜାର ପ୍ରାୟ ୨୧.୮୮୯ ଏକର ଜମିରେ ଏହି ଅତ୍ୟାଧୁନିକ କାରଖାନା ସ୍ଥାପନ କରାଯିବ। ପ୍ରକଳ୍ପ କାର୍ଯ୍ୟକ୍ଷମ ହେବା ପରେ ପ୍ରାୟ ୧୨୭୦ ଜଣ କୁଶଳୀ ତଥା ବୈଷୟିକ ବ୍ୟକ୍ତିଙ୍କ ପାଇଁ ପ୍ରତ୍ୟକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ, ଯାହା ରାଜ୍ୟର ଯୁବପିଢ଼ୀଙ୍କ ପାଇଁ ଏକ ବଡ ସମ୍ଭାବନା ଆଣିଦେବ।ଏହି କାରଖାନାରେ ମୁଖ୍ୟତଃ ସିଲିକନ୍ କାର୍ବାଇଡ୍ (ଏସଆଇସି) ଆଧାରିତ ସେମିକଣ୍ଡକ୍ଟର ଉପକରଣ ପ୍ରସ୍ତୁତ କରାଯିବ, ଯେଉଁଥିରେ ସିକ୍ ଡାୟୋଡ୍ ଓ ସିକ୍ ମସଫେଟ୍ ସାମିଲ ରହିଛି। ବାର୍ଷିକ ୪.୮ ନିୟୁତ(୪୮ଲକ୍ଷ) ସିକ୍ ଡାୟୋଡ୍ ଓ ୯୧.୨ ନିୟୁତ(୯.୧୨କୋଟି) ସିକ୍ ମସଫେଟ୍ ଉତ୍ପାଦନ କରିବାକୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ଉଚ୍ଚ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଭାରତର ଘରୋଇ ଉତ୍ପାଦନ କ୍ଷମତା ବୃଦ୍ଧି କରିବା ସହ ବିଶ୍ୱବଜାରକୁ ରପ୍ତାନି କରିବାରେ ଏହି ପ୍ଲାଣ୍ଟ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି କୁହାଯାଉଛି।

## ନୂଆଖାଇରେ ସମ୍ବଲପୁରକୁ ସିଏମଙ୍କ ବଡ଼ ଭେଟି

ସମ୍ବଲପୁର୧୫।୯(ନି.ପ୍ର.): ନୂଆଖାଇର ଶୁଭ ଅବସରରେ ସମ୍ବଲପୁରବାସୀଙ୍କୁ ବିକାଶର ବଡ଼ ଉପହାର ଦେବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ମଙ୍ଗଳବାର ତାଙ୍କର ସମ୍ବଲପୁର ଗସ୍ତକୁ ନେଇ ପ୍ରଶାସନ ପକ୍ଷରୁ ଚୂଡ଼ାନ୍ତ ପ୍ରସ୍ତୁତି ସରିଥିବା ବେଳେ ସୁରକ୍ଷା ବ୍ୟବସ୍ଥାକୁ ମଧ୍ୟ କଡ଼ାକଡ଼ି କରାଯାଇଛି। ସରକାରୀ କାର୍ଯ୍ୟସୂଚୀ ଅନୁସାରେ ମୁଖ୍ୟମନ୍ତ୍ରୀ ଆସନ୍ତାକାଲି ସକାଳ ୧୦ଟାରେ ହେଲିକପ୍ଟର ଯୋଗେ ଜମାଦାରପାଲି ଏୟାରଷ୍ଟ୍ରିପରେ ପହଞ୍ଚିବେ। ସେଠାରୁ ସଡ଼କ ପଥରେ ଯାଇ ପ୍ରଥମେ ନବନିର୍ମିତ ଡପ୍ଲର ରାଡାର କେନ୍ଦ୍ରର ଉଦ୍ଘାଟନ କରିବେ। ଏହି ରାଡାର କେନ୍ଦ୍ର ପଶ୍ଚିମ ଓଡ଼ିଶାରେ ପାଣିପାଗ ପୂର୍ବାନୁମାନ ଓ ବିପର୍ଯ୍ୟୟ ପରିଚାଳନାକୁ ଆହୁରି ସୁଦୃଢ଼ କରିବ ବୋଲି ଆଶା କରାଯାଉଛି।

# ଓଡ଼ିଶାର ୬ ଜିଲ୍ଲାରେ ଅଧିକ ଓଜନ ପିଲାଙ୍କ ସଂଖ୍ୟା ବୃଦ୍ଧିପାଉଛି

ଭୁବନେଶ୍ୱର,୧୫।୯(ନି.ପ୍ର.): ଓଡ଼ିଶାରେ ୬ଟି ଜିଲ୍ଲାରେ ଅଧିକ ଓଜନ ବିଶିଷ୍ଟ ଶିଶୁଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ (୨୦୨୩-୨୪) ରିପୋର୍ଟରେ ଏ ନେଇ କୁହାଯାଇଛି। ରିପୋର୍ଟ ଅନୁଯାୟୀ, ଓଡ଼ିଶାରେ ପାଞ୍ଚ ବର୍ଷରୁ କମ୍ ବୟସର ପିଲାମାନଙ୍କ ମଧ୍ୟରେ ଓଜନ ବୃଦ୍ଧିର ପରିମାଣ ଉଲ୍ଲେଖନୀୟ ଭାବରେ ହ୍ରାସ ପାଇଛି। ଏନଏଫଏଚଏସ-୫ (୨୦୧୯-୨୧) ରେ ୩.୫ପ୍ରତିଶତରୁ ଏନଏଫଏଚଏସ-୬ (୨୦୨୩-୨୪)ରେ ୨.୧ପ୍ରତିଶତକୁ ହ୍ରାସ ପାଇଛି। ସର୍ଭେ ତଥ୍ୟ ଅନୁସାରେ ଖୋର୍ଦ୍ଧା, କଳାହାଣ୍ଡି, ନୟାଗଡ଼, ପୁରୀ, ରାୟଗଡ଼ା ଏବଂ ସୁନ୍ଦରଗଡ଼ ଭଳି ଅତି କମରେ ୬ଟି ଜିଲ୍ଲାରେ ଅଧିକ ଓଜନର ଶିଶୁଙ୍କ ଅନୁପାତରେ ବୃଦ୍ଧି ପାଇଛି। ଏହି ଜିଲ୍ଲାଗୁଡ଼ିକ ମଧ୍ୟରେ, ଖୋର୍ଦ୍ଧାରେ ସର୍ବାଧିକ ୫.୨ ପ୍ରତିଶତ ବୃଦ୍ଧି ପାଇଛି, ଯାହା ୩.୩ ପ୍ରତିଶତରୁ ଅଧିକ, ଏହା ପରେ ପୁରୀରେ ୪.୮ପ୍ରତିଶତ, ଯାହା ୩.୮ପ୍ରତିଶତରୁ ଅଧିକ, ଏବଂ ନୟାଗଡ଼ରେ ୩.୩ପ୍ରତିଶତ, ଯାହା ପୂର୍ବ ୨.୯ ପ୍ରତିଶତ ଥିଲା। ସୁନ୍ଦରଗଡ଼ରେ ୨.୯ ପ୍ରତିଶତ, ଯାହା ଏନଏଫଏଚଏସ-୫ରେ ୧.୨ ପ୍ରତିଶତ ଥିଲା, ଯେତେବେଳେ ରାୟଗଡ଼ାରେ ୦.୬ ପ୍ରତିଶତରୁ ବୃଦ୍ଧି ପାଇ ୧.୨ପ୍ରତିଶତ ହୋଇଛି। ଏକଦା ଅନାହାର ଏବଂ ବ୍ୟାପକ କୁପୋଷଣ ପାଇଁ ଖବରରେ ଥିବା କଳାହାଣ୍ଡିରେ ମଧ୍ୟ ୨.୧ ପ୍ରତିଶତରୁ ୨.୫ପ୍ରତିଶତ ବୃଦ୍ଧି ଘଟିଛି। ମୋଟାମୋଟି ଭାବରେ ୨୪ଟି ଜିଲ୍ଲାରେ ପାଞ୍ଚ ବର୍ଷରୁ କମ୍ ଓଜନର ପିଲାଙ୍କ ଅନୁପାତରେ ହ୍ରାସ ରେକର୍ଡ଼ କରାଯାଇଛି। ଢେଙ୍କାନାଳରେ ସର୍ବାଧିକ ହ୍ରାସ ରେକର୍ଡ଼ କରାଯାଇଛି, ଏହା ୪.୨ପ୍ରତିଶତ ହ୍ରାସ ପାଇଛି୬.୮ପ୍ରତିଶତରୁ ୨.୬ପ୍ରତିଶତକୁ ହ୍ରାସ ପାଇଛି। ଏହାପରେ ଗଜପତିରେ ୫.୫ପ୍ରତିଶତ ହ୍ରାସ ପାଇଛି, ୬.୧ପ୍ରତିଶତରୁ ୦.୬ପ୍ରତିଶତକୁ ହ୍ରାସ ପାଇଛି, ଏବଂ ନବରଙ୍ଗପୁରରେ ୪.୭ପଏଣ୍ଟ ହ୍ରାସ ପାଇଛି, ୫ପ୍ରତିଶତରୁ ୦.୩ପ୍ରତିଶତକୁ ହ୍ରାସ ପାଇଛି। କଟକରେ ୧.୭ପ୍ରତିଶତ ହ୍ରାସ ପାଇଛି, ଯାହା ୫.୬ପ୍ରତିଶତରୁ ୩.୯ ପ୍ରତିଶତ ହୋଇଛି, ଯେତେବେଳେ ଜଗତସିଂହପୁରରେ ଏହି ପ୍ରତିଶତ ୨.୫ପ୍ରତିଶତ ହ୍ରାସ ପାଇଛି, ଯାହା ୮.୩ ପ୍ରତିଶତରୁ ୫.୮ ପ୍ରତିଶତ ହୋଇଛି। ବରଗଡ଼, ଭଦ୍ରକ, ଗଞ୍ଜାମ, ବାଲେଶ୍ୱର, ଦେବଗଡ଼, କୋରାପୁଟ, ସମ୍ବଲପୁର ଏବଂ ସୋନପୁରରେ ଅନ୍ୟାନ୍ୟ ଉଲ୍ଲେଖନୀୟ ହ୍ରାସ ରେକର୍ଡ଼ କରାଯାଇଛି।





# ବିଘ୍ନବିନାଶକ ଅଗ୍ରପୂଜ୍ୟ ଶ୍ରୀଗଣେଶଙ୍କ ମନ୍ଦିର ପ୍ରତିଷ୍ଠା

ଜଗତସିଂହପୁର,୧୫।୯ :(ମନ୍ଥନ)ରଘୁନାଥପୁର ବ୍ଲକ ଅନ୍ତର୍ଗତ ଧରାଧରପୁର ଗ୍ରାମପଞ୍ଚାୟତ ଅଧୀନସ୍ଥ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗୋପାଳପୁର ପରିସରରେ ଏକ ଶ୍ରୀଗଣେଶ ଙ୍କ ମନ୍ଦିର ପୂର୍ବତନ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ବିଦ୍ୟାଳୟ ପରିଚାଳନା କମିଟି ଉଦ୍ୟମରେ ପ୍ରତିଷ୍ଠା ହୋଇଯାଇଛି ।ଏହି କାର୍ଯ୍ୟକ୍ରମରେ ଏବିଇଓ ଆଶୁତୋଷ ବାନାର୍ଜୀ, ସିଆରସି ସୁକାନ୍ତ କୁମାର ଦ୍ୱିବେଦୀ, ସିଆରସି ଦେବାଶିସ୍ ବେହେରା, ସିଆରସି ଦିଲ୍ଲୀପ କୁମାର ସ୍ୱାଇଁ, ଶିକ୍ଷକ ଅମୂଲ୍ୟ ସ୍ୱାଇଁ, ଶିକ୍ଷକ ଭାସ୍କର ମୁଦୁଲି, ବିଇଓ ଅଫିସର କର୍ମଚାରୀ ଯୋଗଦାନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଜୟପ୍ରକାଶ ପଣ୍ଡା, ଶିକ୍ଷୟିତ୍ରୀ ସୁଜାତା ମହାନ୍ତି,



ଶିକ୍ଷୟିତ୍ରୀ ସୁଶ୍ରୀ ସଙ୍ଗୀତା ଦାସ, ଶିକ୍ଷୟିତ୍ରୀ ଦୀପ୍ତି ମଲ୍ଲିକ, ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ସ୍ୱାଇଁ, ଶିକ୍ଷୟିତ୍ରୀ ପ୍ରଭାତୀ ପ୍ରିୟ ବିଶ୍ୱାଳ, ଉପସଭାପତ ସଂଗୀତା ସାହୁ ଏବଂ ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଦସ୍ୟ ସଦସ୍ୟା ମାନେ ସହଯୋଗ କରିଥିଲେ ।ସମସ୍ତ କାର୍ଯ୍ୟ ସୂଚାରୁ ରୂପେ ପାଳନ କରାଯାଇଥିବାରୁ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଶ୍ରୀଯୁକ୍ତ କେଦାରନାଥ ସାହୁ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ ।

# ପାର୍ବଣର ଆଗମନ, କାଶତଣ୍ଡି ଫୁଲରେ ସଜେଇ ହୋଇଛି ପ୍ରକୃତି ରାଣୀ

ବୁଗୁଡ଼ା,୧୫।୯ :(ମନ୍ଥନ)।ଶତଣ୍ଡି ଫୁଲ ଶରତ ଋତୁରେ ପ୍ରକୃତିର ଏକ ବିଚିତ୍ର ସୃଷ୍ଟି । ଶରତର ଆଗମନ ପରେ ଏବେ ସବୁଠି କାଶତଣ୍ଡିର ସମ୍ଭାର ଦେଖିବାକୁ ମିଳିଛି । ସ୍ଥାନୀୟ ଅଞ୍ଚଳର ରାସ୍ତାକଡ ହେଉ କି ନଈପଠା , ଏପରିକି ବିଲହିଡରେ ମଧ କାଶତଣ୍ଡି ପ୍ରକୃତି ରାଣୀଙ୍କୁ ସଜେଇ ରଖିଛି, ସତେ ଯେମିତି ଜଗତଜନନୀ ମା' ଦୁର୍ଗାଙ୍କ ଆଗମନକୁ ଚାହିଁ ରହିଛି । ଆଉ ପ୍ରକୃତିର ଏହି ରୂପ ସମସ୍ତଙ୍କୁ ଆନମନା କରିଛି । ଆସିଛି ପାର୍ବଣ , ଆଉ କିଛିଦିନ ପରେ ଧରାବତରଣ କରିବେ ଜଗତ



ଜନନୀ ମା'ଦୁର୍ଗା ଏବଂ ମାଆଙ୍କୁ ସ୍ୱାଗତ କରିବାକୁ ବାହୁ ମେଲାଇ ବସିଲାଣି କାଶତଣ୍ଡି ଫୁଲ । ବିଲବାଡ଼ି, ନଈପଠା ଓ ରାସ୍ତାଘାଟ ସବୁଠି ପସରା ମେଲୁଛି କାଶତଣ୍ଡି । ସୁଲୁସୁଲିଆ ପବନରେ ଦୋହଲୁଥିବା କାଶତଣ୍ଡିକୁ ଦେଖି କ୍ଷଣିକ ପାଇଁ ଲୋକେ ଅଟକି ଯାଉଛନ୍ତି । ଅନ୍ୟପକ୍ଷରେ କବି ମନ ଉଚ୍ଛନ୍ନ ହେଉଛି ଏବଂ ସେ ନିଜ କବିତା ମାଧ୍ୟମରେ ପ୍ରକୃତି ରାଣୀର ଅପୂର୍ବନୀୟ ଶୋଭାରାଜି ବର୍ଣ୍ଣନା କରୁଛି । ଏହି କଥା ସତ ଯେ କାଶତଣ୍ଡି ଫୁଲର ମହକ ନାହିଁ, କିନ୍ତୁ ଏହାର ଅପରୂପ ସୌନ୍ଦର୍ଯ୍ୟ ସମସ୍ତଙ୍କୁ ବିମୋହିତ କରିଥାଏ । ଏହି ଫୁଲ ଓଡ଼ିଆ ସଂସ୍କୃତି ସହ ମଧ ଅଙ୍ଗାଙ୍ଗୀ ଭାବେ ଜଡ଼ିତ, ବିଶେଷ କରି ରେଖାପଞ୍ଚମୀରେ କାଶତଣ୍ଡି ଫୁଲ ଗୁଚ୍ଛକୁ କବାଟରେ ବାନ୍ଧି ପୂଜା କରାଯାଏ । ତେବେ ଏହା ହିଁ ଲାସ୍ୟମୟୀ ପ୍ରକୃତିର ଜନସମାଜ ପ୍ରତି ଅବଦାନ କହିଲେ ଅତ୍ୟୁକ୍ତି ହେବନାହିଁ।

# ରଘୁନାଥପୁର ବଣିକ ସଂଘ ପକ୍ଷରୁ ଅଗ୍ରପୂଜ୍ୟ ଗଣେଶଙ୍କ ପୂଜା ଧୁମଧାମରେ ପାଳିତ.

ଜଗତସିଂହପୁର,୧୫।୯ :(ମନ୍ଥନ)ପବିତ୍ର ଭାଦ୍ରବ ମାସ ଶୁକ୍ଳପକ୍ଷ ଚତୁର୍ଥୀ ତିଥିରେ ଅଗ୍ରପୂଜ୍ୟ ଶ୍ରୀଗଣେଶ ଙ୍କ ଗଜାନନ ବେଶ ଖୁବ୍ ସୁନ୍ଦର.ଯାହାକୁ ଦେଖିଲେ ଭକ୍ତ ତାହାର ସବୁକିଛି ଭୂଲି ପ୍ରଭୁ ଶ୍ରୀଗଣେଶ ଭିତରେ ମଜ୍ଜି ଯାଇଥାଏ ଏବଂ ନିଜକୁ ହଜାଇ ଦେଇଥାଏ । ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ଅନ୍ତର୍ଗତ ରଘୁନାଥପୁର ବଡବଜାର ଓ ସାନବଜାର ବଣିକ ସଂଘ ତରଫରୁ କରାଯାଥିବା ଗଜାନନ ବେଶ ଖୁବ୍ ଯାକଜମକରେ ପାଳନ କରାଯାଇଥାଏ । ଏହି ପୂଜା ପାଞ୍ଚଦିନ ବ୍ୟାପୀ ପାଳନ କରାଯାଇଥାଏ.ପ୍ରତିବର୍ଷ ଭଳି ଏବର୍ଷ ମଧ ଅନୁଷ୍ଠାନର ସଭାପତି,ଉପସଭାପତି ,ସମ୍ପାଦକ ତଥା କମିଟିର ସମସ୍ତ ମେମ୍ବରଙ୍କ ସହଯୋଗରେ ପୂଜା କାର୍ଯ୍ୟକ୍ରମ ସୂଚାରୁ ରୂପେ ସଂପାଦନ କରାଯାଇଥାଏ,ପରେପରେ ଭଶାଣି ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥାଏ ।

# ଅସ୍ତରଙ୍ଗରେ ଗଣେଶ ପୂଜା ମହାସମାରୋହରେ ଶେଷ

ଅସ୍ତରଙ୍ଗ,୧୫।୯ :(ମନ୍ଥନ)ଚଳିତ ବର୍ଷ ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ମହାସମାରୋହରେ ଶେଷ ହୋଇଯାଇଛି। ମହାଆଡମ୍ବରରେ ବାବା ବିଗ୍ନରାଜ ଅସ୍ତରଙ୍ଗ ଅଞ୍ଚଳର ବିଭିନ୍ନ ଅନୁଷ୍ଠାନ ଓ ଶିକ୍ଷାନୁଷ୍ଠାନ ମାନଙ୍କରେ ମୃଣ୍ମୟ ମୂର୍ତି ପୂଜା ପାଉଥିବା ବେଳେ ଅସ୍ତରଙ୍ଗ ବ୍ଲକର ଦେବୀନଦୀ କୂଳରେ ଅବସ୍ଥିତ ନଈଗୁଆଁ ଗ୍ରାମର ୧୦୦୦ ବର୍ଷ ତଳର ପୁରାତନ ସ୍ୱୟଂ ଗଣେଶ ମନ୍ଦିରରେ ପୂଜା ପାଉଛନ୍ତି ବୁଢ଼ା ଗଣେଶ ।କିମ୍ବଦନ୍ତୀ ଅନୁସାରେ ଏଠାରେ ଗଜାନନ ସ୍ୱୟଂଆବିର୍ଭୁତ ହୋଇଛନ୍ତି । ଏହି ମନ୍ଦିରରେ ଏକ ବିଶେଷ ନୀତି ହେଲା ଏଠାରେ ୧୦୦୧ଟି ଅମୃତ ଲଡୁ ଭୋଗ ଲାଗିଥାଏ ।ଏକ ପିତଳ ଥାଳିରେ ଏହି ସମସ୍ତ ଲଡୁ କୁ ମନ୍ଦିର ବେଢ଼ା ପରିକ୍ରମା କରାଯାଇ ଥିଲା ଏହି ସମୟରେ ଭଜନ କୀର୍ତ୍ତନ ରେ ମନ୍ଦିର ପରିସର କମ୍ପମାନ ହୋଇଥିଲା ।ଏଠାରେ ବହୁତ ଶିଶୁ ଙ୍କୁ ତାଙ୍କ ପିତା ମାତା ମାନେ ନୂଆ ଖଡ଼ି ଛୁଆଁ କରୁଥିବା ଦେଖା ଯାଇଥିଲା ।ଆଉ ଏହି ଅମୃତ ଲଡୁ କୁ ଯେଉଁ ଭକ୍ତ ମାନେ ଖାଆନ୍ତି ତାଙ୍କର ବିଦ୍ୟା ବୃଦ୍ଧି ଆଉ ଜ୍ଞାନ ପରିପୂର୍ଣ୍ଣ ହୋଇଯାଏ ବୋଲି ବିଶ୍ୱାସ ରହିଛି ।ସେହିପରି ବିଭିନ୍ନ ବିଦ୍ୟାଳୟ, କ୍ଲବ, ମନ୍ଦିର,ନଗରର ୩୦ଫୁଟର ମୂର୍ତ୍ତି ବହୁ ଆଡ଼ମ୍ବରରେ ପାଳିତ



ହୋଇଯାଇଛି। ।ବିଭିନ୍ନ ଶିକ୍ଷାନୁଷ୍ଠାନ ଅସ୍ତରଙ୍ଗ ମହାବିଦ୍ୟାଳୟ ,ଅସ୍ତରଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟ ,ଅସ୍ତରଙ୍ଗ ବାଳିକା ଉଚ୍ଚ ବିଦ୍ୟାଳୟ ,ସରସ୍ୱତୀ ଶିଶୁ ମନ୍ଦିର,ଅସ୍ତରଙ୍ଗ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଛାତ୍ର ଛାତ୍ରୀ ମାନେ ବିଗ୍ନରାଜକୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଅସ୍ତରଙ୍ଗ ବାବା ଗଣେଷ ପୂଜା ମଣ୍ଡପ, ଅସ୍ତରଙ୍ଗ ମହାଦେବ ମନ୍ଦିର,,ବିଭିନ୍ନ ବ୍ୟବସାୟୀ ପ୍ରତିଷ୍ଠାନ ଗୁଡିକରେ ତଥା ଗାଦି ବ୍ରହ୍ମ ଯୁଥ କ୍ଲବ ଖରିପଡ଼ିଆ ତରଫରୁ ମଧ ଓଡ଼ିଶାର ବିଭିନ୍ନ ସ୍ଥାନରେ ପୂଜା ମହାସମାରୋହରେ ପାଳିତ ହୋଇଯାଇଛି।

# ଅର୍କକ୍ଷେତ୍ରରେ ଗଣେଶ ପୂଜା

ଗୋପ,୧୫।୯ :(ମନ୍ଥନ) ଗଣପତିଙ୍କ ପୂଜା ଉତ୍ସବ କୋଣାର୍କ ଓ ଏହାର ଆଖପାଖ ଅଞ୍ଚଳରେ ପାଳିତ ହୋଇଯାଇଛି। କୋଣାର୍କର ବିଭିନ୍ନ ଶିକ୍ଷାନୁଷ୍ଠାନ ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠ, ସରକାରୀ ଉଚ୍ଚ ବିଦ୍ୟାଳୟ, ବିବେକାନନ୍ଦ ଶିକ୍ଷାକେନ୍ଦ୍ର, ଭେଙ୍କ?ଟଶ୍ୱର ଇଁରାଜୀ ବିଦ୍ୟାଳୟ, ଆଶ୍ରମ ସ୍କୁଲ,ଭଗବତୀ ମହାବିଦ୍ୟାଳୟ,ବିନାୟକ ବ୍ୟବସାୟ ପ୍ରତିଷ୍ଠାନ,କ୍ଲବ ଓ ସଂଗଠନ ପକ୍ଷରୁ ଗଣେଶଙ୍କ ମୃଣ୍ମୟୀ ମୂର୍ତ୍ତି ପ୍ରତିଷ୍ଠା କରାଯାଇ ଏକ ଆଧାତ୍ମିକ



ପରିବେଶରେ ପୂଜାର୍ଚ୍ଚନା କରାଯାଇଥିଲା। ଛାତ୍ରଛାତ୍ରୀମାନେ ନୂତନ ବସ୍ତ୍ର ପରିଧାନ କରି ଶିକ୍ଷାନୁଷ୍ଠାନରେ ପୁଷ୍ପାଞ୍ଜଳି ଦେଇ ପୂଜା କରିଥିଲେ। ସୂର୍ଯ୍ୟମନ୍ଦିରରେ ପର୍ଯ୍ୟଟକ ଓ ସ୍କୁଲ କଲେଜର ଛାତ୍ରଛାତ୍ରୀଙ୍କ ଭିଡ଼ ଜମିଥିଲା। ଏହି ଅବସରରେ ଥାନଛକ କୋଣାର୍କ ଟାଉନ ଗଣେଶ କମିଟି ପକ୍ଷରୁ ବାଦିପାଲାର ଆୟୋଜନ ହୋଇଛି। ଏହା ୭ଦିନ ଧରି ଚାଲିବ। ଚଳିତ ବର୍ଷ ଗଣେଷ ପୂଜା ଓ ଭସାଣୀକୁ ଶାନ୍ତିଶୃଂଖଳାରେ ସମାପନ କରିବା ପାଇଁ କୋଣାର୍କ ପୋଲିସ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଗୋପ ବ୍ଲକର କୁସୁପୁର ବାଲିସାହି ଓ ବିଭିନ୍ନ ବିଦ୍ୟାଳୟ, ସାମାଜିକ ସଂଗଠନ ଓ ବ୍ୟବସାୟ ସଂଗଠନ ପକ୍ଷରୁ ଶ୍ରୀଗଣେଶଙ୍କ ପୂଜା ଧାର୍ମିକ ରୀତିନୀତି ଓ ପରମ୍ପରା ଆଧାତ୍ମିକ ବାତାବରଣ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି।

# ବାବା ଗଣେଶ ପୂଜା କମିଟି ପକ୍ଷରୁ ୧୭ତମ ଶ୍ରୀ ଗଣେଶ ପୂଜା ପାଳନ

କୋଇଡା, ୧୫।୯ :(ମନ୍ଥନ) ସୁନ୍ଦରଗଡ଼ ଜିଲ୍ଲା କୋଇଡା ପଞ୍ଚାୟତ ଅନ୍ତର୍ଗତ ଗୋପାପୁରସାହିସ୍ଥିତ ଜଗନ୍ନାଥ ମନ୍ଦିର ପଡ଼ିଆରେ ବାବା ଗଣେଶ ପୂଜା କମିଟି ପକ୍ଷରୁ ୧୭ତମ ଶ୍ରୀ ଗଣେଶ ପୂଜା ଧୁମଧାମରେ ପାଳିତ ହେଉଛି। ପୂଜା ମଣ୍ଡପରେ ଶ୍ରୀଗଣେଶଙ୍କ ପୂଜାର୍ଚ୍ଚନା ସହ ବିଭିନ୍ନ ଧାର୍ମିକ ଓ ମନୋରଞ୍ଜନ କାର୍ଯ୍ୟକ୍ରମ ଯୋଗୁଁ ସମଗ୍ର ଅଞ୍ଚଳ ଭକ୍ତିମୟ ହୋଇଉଠିଛି ।ଗତ ସୋମବାର, ସେପ୍ଟେମ୍ବର ୧୪ ତାରିଖରେ ବିଧିବିଧାନ ଅନୁଯାୟୀ ଶ୍ରୀଗଣେଶଙ୍କ ପୂଜା ଅନୁଷ୍ଠିତ ହୋଇଥିଲା। ସେପ୍ଟେମ୍ବର ୧୫ ତାରିଖରେ ଦିନ ୧ଟାରୁ ଭକ୍ତମାନଙ୍କ ପାଇଁ ପ୍ରସାଦସେବନର ବ୍ୟବସ୍ଥା କରାଯାଇଥିଲା ।ବାବା ଗଣେଶ ପୂଜା କମିଟିର ସଭାପତି ଦେହୁରୀ(ଜଗନ୍ନାଥ)ଙ୍କ ସୂଚନା ଅନୁଯାୟୀ, ପ୍ରତିବର୍ଷ ଭଳି ଚଳିତବର୍ଷ ମଧ ପୂଜା ଅବସରରେ ଧାର୍ମିକ କାର୍ଯ୍ୟକ୍ରମ ସହ ବିଭିନ୍ନ ମନୋରଞ୍ଜନ କାର୍ଯ୍ୟକ୍ରମ ରହିଛି। ଚଳିତବର୍ଷର ବିଶେଷ ଆକର୍ଷଣ ଭାବେ ମୀନାବଜାର ଓ 'ସ୍ୱର୍ଣ୍ଣ ମହଲ' ଅପେରା ଆୟୋଜନ କରାଯାଇଛି ।କୋଇଡା ଅଞ୍ଚଳର ପୁରାତନ ଓ ପ୍ରମୁଖ ଗଣେଶ ପୂଜା ମଧ୍ୟରୁ ଏହି ପୂଜା ଅନ୍ୟତମ ହୋଇଥିବାରୁ ପ୍ରତିଦିନ କୋଇଡା ସମେତ ଜିଲ୍ଲା ଏବଂ ଜିଲ୍ଲା ବାହାରୁ ପ୍ରାୟ ୫,୦୦୦ରୁ ଉର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହେଉଥିବା କମିଟି ପକ୍ଷରୁ କୁହାଯାଇଛି। ଭକ୍ତଙ୍କ ସୁରକ୍ଷିତ ଓ ଶାନ୍ତିପୂର୍ଣ୍ଣ ଦର୍ଶନ ପାଇଁ କମିଟି ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି ।ଶାନ୍ତିଶୃଙ୍ଖଳା ବଜାୟ ରଖିବା ଏବଂ ଭିଡ଼ ନିୟନ୍ତ୍ରଣ ପାଇଁ କମିଟିର ବରିଷ୍ଠ ସଦସ୍ୟ କ୍ଷୀରୋଦ ନାଏକ, ସୁଭାଷ ସାହୁ, ସୁଦର ପଣ୍ଡା,କେଦାର ପଣ୍ଡା, ସୁନୀଲ ପଣ୍ଡା, ଅଭିନାଶ ଶର୍ମା, ଜିତୁ ନାୟକ, ସତ୍ୟବଳ, ସୁଜିତ ବେହେରା ଶରତ ମହାକୁଡ଼, ଅମିତ ସାହୁ ଓ ଦିଲୀପ ନାଏକ ପ୍ରମୁଖଙ୍କ ଉପସ୍ଥିତିରେ ବୈଠକ କରାଯାଇ ଏକ ସୁସଂଗଠିତ ଯୋଜନା ପ୍ରସ୍ତୁତ କରାଯାଇଛି ।ପୂଜା ରେ ଭକ୍ତମାନଙ୍କ ଦର୍ଶନ ବ୍ୟବସ୍ଥା, ଭିଡ଼ ନିୟନ୍ତ୍ରଣ ଓ ଶୃଙ୍ଖଳା ରକ୍ଷା ପାଇଁ କମିଟିର ସକ୍ରିୟ ସଦସ୍ୟ ରୋହିତ,ବାଦଲ, ଧଡ଼,ମୁଟୁନ, ବିକି, ଅର୍ଣ୍ଣବନାଏକ ଶିବୁ,ଗୁଲୁ,ରାଜେଶ, ରାହୁ, ଟିଟୁ, ପପୁ, ଅଶ୍ୱନୀ, ବାବୁ ଙ୍କ ସମେତ ଅନ୍ୟ ସଦସ୍ୟମାନଙ୍କୁ ଦାୟିତ୍ୱ ଦିଆଯାଇଛି। କମିଟିର ଏଭଳି ପ୍ରସ୍ତୁତି ଯୋଗୁଁ ପୂଜାକୁ ଆସୁଥିବା ଭକ୍ତମାନେ ଶାନ୍ତି ଓ ଶୃଙ୍ଖଳାର ସହ ଶ୍ରୀଗଣେଶଙ୍କ ଦର୍ଶନ କରୁଛନ୍ତି।

# ଅନୁଗୋଳ କୋର୍ଟରେ ଗଣେଶ ପୂଜା ପାଳିତ

ଅନୁଗୋଳ,୧୫।୯ :(ମନ୍ଥନ)ପବିତ୍ର ଗଣେଶ ପୂଜା ଅବସରରେ ଅନୁଗୋଳ ଓକିଲ ସଂଘ ପକ୍ଷରୁ ଜିଲ୍ଲା କୋର୍ଟ ପରିସରରେ ଥିବା ଓକିଲ ସଂଘର କାର୍ଯ୍ୟାଳୟ ଗୃହରେ ଗଣେଶ ପୂଜା ମହାଆଡମ୍ବର ସହକାରେ ପାଳିତ ହୋଇଯାଇଛି। ଓକିଲ ସଂଘର ସଭାପତି ଦିଲ୍ଲୀପ କୁମାର ସାହୁ, ଉପ ସଭାପତି ପ୍ରଦୀପ୍ତ ଚନ୍ଦ୍ର ପ୍ରଧାନ, ସାଧାରଣ ସମ୍ପାଦକ ନିରୋଦ କୁମାର ମିଶ୍ର, ସହ ସମ୍ପାଦକ ପ୍ରଭୁ ପ୍ରସାଦ ପ୍ରଧାନ, କୋଷାଧକ୍ଷ ପ୍ରଦୀପ କୁମାର ସେଠୀ, ସାଂସ୍କୃତିକ ସମ୍ପାଦିକା ଜ୍ୟୋସ୍ନାମୟୀ ସାହୁ, ବରିଷ୍ଠ ଆଇନଜୀବୀ ଭବାନୀ ପ୍ରସାଦ ମିଶ୍ର,



ଭରତ ପଣ୍ଡା, ଜ୍ୟୋତି ତ୍ରିପାଠୀ, ଗଣେଶ୍ୱର ସାହୁ, ଉଦୟ ଶଙ୍କର ମିଶ୍ର, ବିଭୁତି ଭୂଷଣ ଦାଶ, ଦ୍ୱାରିକା ପ୍ରସାଦ ନନ୍ଦ, ଗୋପାଳ ନାଥ, ରଜତ ରଞ୍ଜନ ଦାଶ,ମାନସ ପ୍ରଧାନ,ବିପିନ ସାହୁ, ଯୋଗେଶ୍ୱର ପ୍ରଧାନ, ପ୍ରସନ୍ନ ବେହେରା, ଅଶୋକ ପଟ୍ଟନାୟକ, ପଦ୍ମ ଚରଣ ପ୍ରଧାନ, ପବିତ୍ର ମୁଦୁଲି,ତପନ ଦେହୁରୀ,ଗୋପାଳ ଆଗ୍ରୱାଲ, ପ୍ରଦୀପ୍ତ ଭୁତିଆ,ଦୀପକ ପ୍ରଧାନ, ପୁରନ୍ଦର ସାହୁ,ଶ୍ରବଣ କୁମାର ସାହୁ,ମମତା ପଟ୍ଟନାୟକ, ମମତା ମହାପାତ୍ର ପ୍ରମୁଖ ବହୁ ଆଇନଜୀବୀ ପୂଜାରେ ସମବେତ ହୋଇ ସମସ୍ତେ ପୁଷ୍ପାଞ୍ଜଳି ଦେଇଥିଲେ। ଆଇନଜୀବୀ ଅଶୋକ ରଥ ବ୍ରାହ୍ମଣ ଭାବେ ଯୋଗ ଦେଇ ପୂଜାର୍ଚ୍ଚନା କରିଥିଲେ। ଶେଷରେ ଓକିଲ ସଂଘ ପକ୍ଷରୁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।

# ବିଶ୍ୱକର୍ମା ପୂଜାରେ ଯୋଗଦେବେ ସମାଜ ସେବୀ ଶ୍ରୀମନ୍ତ ତ୍ରିପାଠୀ

ଯୋଡ଼ା,୧୫।୯ :(ମନ୍ଥନ) ଯୋଡ଼ା ପୌରପାଳିକା ୱାର୍ଡ ନଂ-୦୧ ଅନ୍ତର୍ଗତ ଦଶକ୍ୱାଟର ଏରିଆର ବାବା ବିଶ୍ୱକର୍ମା ପୂଜା କମିଟି ଅନୁକୁଲ୍ୟରେ ଚଳିତ ମାସ ତା ୧୭/୦୯/୨୬ ଗୁରୁବାର ଶ୍ରୀ ଶ୍ରୀ ବାବା ବିଶ୍ୱକର୍ମାଙ୍କ ପୂଜା ଅନୁଷ୍ଠିତ ହେବାର ସ୍ଥିରୀକୃତ ହୋଇଅଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଚମ୍ପୁଆ ନିର୍ବାଚନ ମଣ୍ଡଳୀର ଲୋକପ୍ରିୟ ବିଜେପି ଜନନେତା, ବିଜେପି କୃଷକ ମୋର୍ଚ୍ଚା ପୂର୍ବତନ ରାଜ୍ୟ ସଂଯୋଜକ ତଥା କେନ୍ଦୁଝର ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ବିଶିଷ୍ଟ ସମାଜସେବୀ ଶ୍ରୀମନ୍ତ କୁମାର ତ୍ରିପାଠୀ ଯୋଗଦେବା ପାଇଁ ବାବା ବିଶ୍ୱକର୍ମା ପୂଜା କମିଟି ତରଫରୁ ମହେଶ ଦାଶ, ଦୟାନିଧି ପାତ୍ର,ମୁକେଶ ପାତ୍ର ଓ କୃଷ୍ଣଚନ୍ଦ୍ର ପାତ୍ର ପ୍ରମୁଖ ଭଦ୍ରାସାହି ସ୍ଥିତ ବିଜେପି କାର୍ଯ୍ୟାଳୟକୁ ଆସି ନିମନ୍ତ୍ରଣ ପତ୍ର ପ୍ରଦାନ କରିଥିଲେ । ଶ୍ରୀ ତ୍ରିପାଠୀ ମଧ ଏହି କାର୍ଯ୍ୟକ୍ରମରେ ଯୋଗଦେବାକୁ ସହମତି ପ୍ରଦାନ କରିଥିବା ଜଣା ପଡିଛି । ଶ୍ରୀ ତ୍ରିପାଠୀ ସବୁବେଳେ ଲୋକଙ୍କ ବିଭିନ୍ନ ସୁବିଧା ଅସୁବିଧାରେ ସାମିଲ ହୋଇ ଲୋକଙ୍କ ସମସ୍ୟା ଦୂର କରିବା ଦିଗରେ ସର୍ବଦା ତତ୍ପରତା ଦେଖାଇ ଆସିଥିବା ସମାଜସେବୀ ଶ୍ରୀ ତ୍ରିପାଠୀଙ୍କୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମୁଖ୍ୟ ଅତିଥି ଭାବେ ନିମନ୍ତ୍ରିତ କରିବା ତାଙ୍କ ପ୍ରତି ଲୋକଙ୍କ ରହିଥିବା ବିଶ୍ୱାସ, ଭରଷା ତଥା ଶ୍ରଦ୍ଧା ଓ ଆତ୍ମୀୟତାକୁ ସୂଚାଇ ଦେଇ ଥାଏ ଏବଂ ଶ୍ରୀ ତ୍ରିପାଠୀଙ୍କ ଲୋକପ୍ରିୟତା ଚମ୍ପୁଆ ନିର୍ବାଚନ ମଣ୍ଡଳୀରେ ଦିନକୁ ଦିନ ବଢ଼ିବାକୁ ଲାଗିଥିବା କଥା ସାଧାରଣରେ ଚର୍ଚ୍ଚା ହେଉଥିବା ଦେଖିବାକୁ ମିଳିଛି ।

# ପଣ୍ଡିତ ବିନାୟକ ମିଶ୍ରଙ୍କ ୧୩୩ ତମ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ ପାଳିତ

ନୟାଗଡ଼, ୧୫।୯ :(ମନ୍ଥନ) ନୟାଗଡ଼ ବ୍ଲକ ସମ୍ମିଳନୀ କକ୍ଷରେ ବିଶିଷ୍ଟ ସାରସ୍ୱତ ସାଧକ ଯୋଗଜନ୍ମା ପଣ୍ଡିତ ବିନାୟକ ମିଶ୍ରଙ୍କ ୧୩୩ ତମ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ ପାଳିତ ହୋଇଯାଇଛି ।ସୁ ସାହିତ୍ୟିକ ବସରିନ ବିବି ଙ୍କ ସଭାପତିତ୍ୱରେ ଓଡିଶା ସାହିତ୍ୟ ଏକାଡେମୀ ଓ 'ତଥାସ୍ତୁ 'ନୟାଗଡ଼ ମିଳିତ ସହଯୋଗରେଏହି ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଓଡ଼ିଆ ବିଶ୍ୱବିଦ୍ୟାଳୟ ଓ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ଼. ସତ୍ୟନାରାୟଣ ଆଚାର୍ଯ୍ୟ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଦୂରଦର୍ଶନ ସମାଚାର ବିଭାଗର ମୁଖ୍ୟ ଗୋପାଳକୃଷ୍ଣ ମହାପାତ୍ର, ସମ୍ପାଦକ 'ମଲ୍ଲୀକା ' ସୁଶାନ୍ତ କୁମାର ପଣ୍ଡା, ପଣ୍ଡିତ ମିଶ୍ରଙ୍କ ବଂଶଧର ଦେବୋଦତ୍ତ ଦିବ୍ୟରଞ୍ଜନ ମିଶ୍ର ଯୋଗ ଦେଇ ପଣ୍ଡିତ ବିନାୟକ ମିଶ୍ରଙ୍କ ଜୀବନୀ, ସାଧନା ଉପରେ ଆଲୋକପାତ କରି କହିଥିଲେ ପଣ୍ଡିତ ମିଶ୍ର ନିଜ ଅଧବସାୟ, ନିଷ୍ଠା, ଶିକ୍ଷାପ୍ରତି ଗଭୀର ଅନୁରକ୍ତି ପାଇଁ ଡ୍ରଇଁ ଶିକ୍ଷକରୁ କଲିକତା ବିଶ୍ୱବିଦ୍ୟାଳୟରେ ଅଧାପକ ହୋଇପାରିଥିଲେ ।ସାରା ଜୀବନ ଅଧ୍ୟୟନ ତଥା ସାହିତ୍ୟ, ଇତିହାସ ଗବେଷଣାରେ




ନିମଗ୍ନ ଥିବା ଏହି ମହାନ୍ ସାହିତ୍ୟିକ ସୃଷ୍ଟି କରିଯାଇଛନ୍ତି , ଭାରତୀୟ ଦର୍ଶନ ପ୍ରବେଶିକା, ଆଧୁନିକ ଓଡ଼ିଆ ସାହିତ୍ୟର ଇତିହାସ, ଅମୂଲ୍ୟ ସଂପଦ ବୋଲି ପଣ୍ଡିତ ବିନାୟକ ମିଶ୍ରଙ୍କ ଜୟନ୍ତୀ ପାଳନ ଅବସରରେ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ନୟାଗଡ଼ ଜିଲ୍ଲା ଶରଣକୁଳ ନିକଟସ୍ଥ ନରେନ୍ଦ୍ରପୁର ମାଳିସାହି ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ଚଳିତ ବର୍ଷ ଶାସ୍ତ୍ରୀୟ ଓଡ଼ିଆ ଅଧ୍ୟୟନ କେନ୍ଦ୍ର , ଭାରତୀୟ ଭାଷା ସଂସ୍ଥାନ ଉଚ୍ଚ ଶିକ୍ଷା ବିଭାଗର ବରିଷ୍ଠ ଗବେଷକ ଡ଼.ଗୋବିନ୍ଦ ଚନ୍ଦ୍ର ପେଣ୍ଠୋଇ ଙ୍କୁ ପଣ୍ଡିତ ବିନାୟକ ମିଶ୍ର ସାହିତ୍ୟ ସମ୍ମାନ ଏବଂ ସଂସ୍କୃତି ପ୍ରଚାରକ ତଥା ଚଳଚ୍ଚିତ୍ର ଏଡ଼ିଟର ରୋହନ ମହାପାତ୍ର ଙ୍କୁ ତଥାସ୍ତୁ ଯୁବ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଥିଲା । ଜୟନ୍ତୀ ଉପଲକ୍ଷେ ବିଦ୍ୟାଳୟ ତଥା ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା, ସ୍ୱରଚିତ କବିତା ଲିଖନ , କବିତା ଆବୃତି ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। । କାର୍ଯ୍ୟକ୍ରମ ପ୍ରାରମ୍ଭରୁ ତଥାସ୍ତୁର ସଂପାଦକ ଶରତ ଚନ୍ଦ୍ର ଆଚାର୍ଯ୍ୟ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ବିଭୂପ୍ରସାଦ ମହାପାତ୍ରଙ୍କ ସଂଯୋଜନାରେ ନିମନ୍ତ୍ରିତ କବି ମାନେ କବିତା ପାଠ କରିଥିବା ବେଳେ ବରିଷ୍ଠ ସାମ୍ବାଦିକ ରାମକୃଷ୍ଣ ରଥ ପଣ୍ଡିତ ବିନାୟକ ମିଶ୍ରଙ୍କ ଜୀବନ ର ବହୁ ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଆଲୋକପାତ କରିଥିଲେ। ଯୁବ କବି ଓ କଥାକାର ପ୍ରଭୁଦତ୍ତ ପ୍ରଧାନ, ସମାଜସେବୀ ଗଗନ ବିହାରୀ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଏବଂ ଶେଷରେ ଧନ୍ୟବାଦ ପ୍ରଦାନ କରିଥିଲେ ତଥାସ୍ତୁର ସହ ସଂପାଦକ ଗୋକୁଳ କୁମାର ଷଡଙ୍ଗୀ।

# ସ୍ୱର୍ଗତ କଂଗ୍ରେସ ନେତାଙ୍କ ଦ୍ୱାଦଶ ତିଥିରେ ଶୋକ ସଭା

ଗଞ୍ଜାମ, ୧୫।୯ :(ମନ୍ଥନ)ବରିଷ୍ଠ କଂଗ୍ରେସ ନେତା ତଥା ଗଞ୍ଜାମ ବ୍ଲକ ପୂର୍ବତନ ଅଧକ୍ଷ ସ୍ୱର୍ଗତ ସୁଧୀର ବିଶ୍ୱାଳ ଙ୍କ ଦ୍ୱାଦସ ତିଥିରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ହୁମା ଚନ୍ଦ୍ର ଶେଖର ସାହି ସ୍ଥିତ ତାଙ୍କ ବାସଭବନ ସମ୍ମୁଖରେ ଅନୁଷ୍ଠିତସଭା ରେ ପ୍ରଥମେ ଏକ ମିନିଟ ନିରବ ପ୍ରାଥନା କରାଯାଇଥିଲା । ଏହି ସଭା ରେ ବିଭିନ୍ନ ରାଜନୈତିକ ଦଳ ବ୍ୟକ୍ତି ବିଶେଷ ଯୋଗ ଦେଇ ସ୍ୱର୍ଗତ ବିଶ୍ୱାଳ ଙ୍କ ରାଜନୀତିଙ୍କ ଜୀବନୀ, ତାଙ୍କର କାର୍ଯ୍ୟଶୈଳୀ ସହିତ ତାଙ୍କର ସ୍ମୃତି ଚାରଣ କରିଥିଲେ ଉପସ୍ଥିତ ନେତାମାନେ। ସ୍ଥାନୀୟ ଅଞ୍ଚଳ ରେ ଜଣେ ଦକ୍ଷ ନେତା ଙ୍କୁ ହରାଇଲା ବୋଲି ନେତା ମନେ କହିଥିଲେ। ଏହି ଶ୍ରଦ୍ଧାଞ୍ଜଳି ସଭା ରେ ବିଶିଷ୍ଟ ଶିକ୍ଷାବିତ ବିଜୟ ବିଶ୍ୱାଳ ସଂଯୋଜନା କରିଥିଲେ । ସଭା ରେ ପୂର୍ବତନ ବିଧାୟକ ଅଶୋକ ଚୌଧୁରୀ, ନାରାୟଣ ରେଡି, ସୁବାସ ଚନ୍ଦ୍ର ବେହେରା, ବରିଷ୍ଠ କଂଗ୍ରେସ ନେତା ମାଗୁଣି ପଲାଇ,ଭାଗିରଥି ବେହେରା, ସି ପି ଏମ ନେତା ଅଭିରାମ ବେହେରା, ବିଜେଡି ନେତା ବାନାମ୍ବର ପଲାଇ, ବଂଶୀଧର ଗୌଡ଼,ବିଜେପି ନେତା କୈଳାଶ ପଲାଇ, ଜିଲ୍ଲା ପରିଷଦ ସଭ୍ୟ ସନାତନ ବେହେରା, ଯୋଗେଶ ସାହୁ, ପଦ୍ମ ପ୍ରଧାନ, ସମେତ ଗଞ୍ଜାମ ବ୍ଲକ, ଛତ୍ରପୁର, ଖଲ୍ଲିକୋଟ ବ୍ଲକ ବହୁ ନେତା ଯୋଗ ଦେଇଥିଲେ। ସ୍ୱର୍ଗତ ବିଶ୍ୱାଳ ବଡ଼ ଭାଇ ସୁନୀଲ ବିଶ୍ୱାଳ, ସାନ ଭାଇ ସୁଶାନ୍ତ ବିଶ୍ୱାଳ, ପୁଅ, ଝିଅ, ବନ୍ଧୁ, ବାନ୍ଧବ ସମସ୍ତେ ଉପସ୍ଥିତ ରହିଥିଲେ ।

# ସ୍ୱାମୀ ବିବେକାନନ୍ଦ ଜାତୀୟତାବାଦର ପ୍ରତୀକ

କେନ୍ଦ୍ରାପଡ଼ା, ୧୫।୯ :(ମନ୍ଥନ)ତୁଳସୀ ମହିଳା ମହାବିଦ୍ୟାଳୟ ସଭାଗୃହରେ ସ୍ୱାମୀ ବିବେକାନନ୍ଦଙ୍କ ଜୀବନାଦର୍ଶ ଶୀର୍ଷକ ଏକ ଆଲୋଚନାଚକ୍ର କଲେଜ ଅଧକ୍ଷା ପ୍ରଫେସର ଡ. ବାସନ୍ତୀ ଶୁକ୍ଳାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନାଚକ୍ର କେନ୍ଦ୍ରାପଡା ଜିଲ୍ଲା ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ଏବଂ ମହାବିଦ୍ୟାଳୟ ଆଭ୍ୟନ୍ତରିକ ଗୁଣବତ୍ତା ଆଶ୍ୱାସନା ପ୍ରକୋଷ୍ଠର ମିଳିତ ସହଭାଗିତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟବକ୍ତା ଭାବେ ବିବେକାନନ୍ଦ ଲୋକ ସଂସଦର ରାଜ୍ୟ ଉଦବୋଧନୀ ପ୍ରମୁଖ ଡ. ରାମଚନ୍ଦ୍ର ପଲାଇ ଯୋଗଦେଇ ସ୍ୱାମୀ ବିବେକାନନ୍ଦ ଜାତୀୟତାବାଦର ପ୍ରତୀକ ଥିଲେ ବୋଲି କହିଥିଲେ। ଏଥିସହିତ ସେ ବିବେକାନନ୍ଦଙ୍କ ଆଦର୍ଶ, ଦିଗଦର୍ଶନ ଓ ସତ୍‌ମାର୍ଗରେ ପରିଚାଳିତ ହେବା ସହ ଦେଶ ଓ ସମାଜର ଉନ୍ନତିରେ ଯୁବପିଢ଼ିର ଭୂମିକା ସମ୍ପର୍କରେ ଛାତ୍ରୀମାନଙ୍କୁ ଉଦବୋଧନ ଦେଇଥିଲେ। ଆଭ୍ୟନ୍ତରିକ ଗୁଣବତ୍ତା ଆଶ୍ୱାସନା ପ୍ରକୋଷ୍ଠ ସଂଯୋଜକ ଅଧାପକ ସୁଶାନ୍ତ କୁମାର ପରିଡା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଜିଲ୍ଲା ଉଦବୋଧନୀ ମୁଖ୍ୟ ସୁରେନ୍ଦ୍ର ନାଥ ପଣ୍ଡା ପ୍ରାରମ୍ଭିକ ବକ୍ତବ୍ୟ ରଖିଥିଲେ। ଶୈକ୍ଷିକ ଅଧିକାରୀ ଡ. ପଦ୍ମଜାକବି ଶତପଥୀ ସଭା ପରିଚାଳନା କରିଥିବା ବେଳେ ଅଧାପକ ଶକ୍ତିଶେଖର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ବିବେକାନନ୍ଦ ଲୋକ ସଂସଦର କଟକ ଜୋନ ଅଧକ୍ଷ ଡ. ପ୍ରମୋଦ କୁମାର ଦାସ, ଲୋକ ସଂସଦର ଖୋର୍ଦ୍ଧା ଜିଲ୍ଲା ସଭାପତି ଡ. ଚନ୍ଦ୍ରମଣି ନାୟକ, ଅଧାପକ ପ୍ରଭାକର ମଲ୍ଲିକ, ଅଧାପିକା ସୌମ୍ୟାକାନ୍ତି ମିତାଶ୍ରୀ, ଏଲୋରା କବି, ନିବେଦିତା ନାୟକ, ସୁରିତା ମିଶ୍ର, ଲିପିକା ରାଉତ, ଭାରତୀ କୁମାରୀ ଜେନାଙ୍କ ସମେତ ବହୁ ଅଧାପକ,ଅଧାପିକା ଓ ଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ।

# ଆନ୍ତର୍ଜାତୀୟ ଉପକୂଳ ସ୍ୱଚ୍ଛତା ଦିବସ ନିମନ୍ତେ ଡେମୋ ବେଳାଭୂମି ସଫେଇ କାର୍ଯ୍ୟକ୍ରମ ଲୋକଦେଖାଣିଆ

ଗୋପ, ୧୫।୯ :(ମନ୍ଥନ) ଚନ୍ଦ୍ରଭାଗା ସାମୁଦ୍ରିକ ଥାନା ଅଧୀନସ୍ଥ ମଙ୍ଗଳବାର ପୂର୍ବାହ୍ନ ସମୟରେ ଚନ୍ଦ୍ରଭାଗା ବେଳାଭୂମିରେ ଆନ୍ତର୍ଜାତୀୟ ଉପକୂଳ ସ୍ୱଚ୍ଛତା ଦିବସ ଅବ୍ୟବହିତ ପୂର୍ବରୁ କୋଣାର୍କ ଏନଏସି ପ୍ରଶାସନ ପକ୍ଷରୁ ବେଳାଭୂମି ସଫେଇ କାର୍ଯ୍ୟକ୍ରମ ତରବରିଆ ଓ ଲୋକ ଦେଖାଣିଆ ଭାବେ ଆୟୋଜନ କରାଯାଇଥିଲା । କୋଣାର୍କ ଏନ୍‌ଏସି ଓ ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ କୋଣାର୍କର ପି ଏମ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ, କୋଣାର୍କ ବାଳିକା ଉଚ୍ଚ ବିଦ୍ୟାଳୟ ଓ ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠ ବିଦ୍ୟାଳୟର ଛାତ୍ରଛାତ୍ରୀ, ସ୍କାଉଟ , ଗାଇଡ୍, ଜାତୀୟ ସବୁଜ ବାହିନୀ ଓ କୋଣାର୍କ ବନବିଭାଗର କର୍ମଚାରୀ ମାନେ ଏଥିରେ ସାମିଲ ହୋଇଥିଲେ । ଆସନ୍ତା ୧୯ ତାରିଖରେ ଆନ୍ତର୍ଜାତୀୟ ବେଳାଭୂମି ସ୍ୱଚ୍ଛତା ଦିବସ ଚନ୍ଦ୍ରଭାଗା ଠାରେ ଆୟୋଜନ କରାଯିବାର



କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମ ପୂର୍ବରୁ କୋଣାର୍କ ଏନଏସି ପ୍ରଶାସନ ପକ୍ଷରୁ ତରବରିଆ ଭାବେ କୌଣସି ଗଣମାଧ୍ୟମ, ସାମାଜିକ ସଂଗଠନ ଓ ବୁଦ୍ଧିଜୀବୀ ମାନଙ୍କୁ ସଫେଇ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ ନ କରାଇ କାଁଭାଁ ଛାତ୍ର ଛାତ୍ରୀ ଓ ବନ କର୍ମଚାରୀ ମାନଙ୍କୁ ଲୋକଦେଖାଣିଆ ବେଳାଭୂମି ସଫେଇ କାର୍ଯ୍ୟକ୍ରମ ସଂପାଦକ କରିବା ପଛରେ ଅସଲ ଉଦ୍ଦେଶ୍ୟ କଣ ତାହାର ଉଚ୍ଚ ସ୍ତରୀୟ ତଦନ୍ତ କରିବା ପାଇଁ କୋଣାର୍କ ଅଞ୍ଚଳର ସାମାଜିକ କର୍ମୀ, ସଚେତନ ନାଗରିକ, ବୁଦ୍ଧିଜୀବୀ ଓ ବରିଷ୍ଠ ନାଗରିକ ମହଲରେ ଦାବି ହେଉଛି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ପର୍ଯ୍ୟଟନ ସହ ନିର୍ଦ୍ଦେଶକ ସରୋଜକାନ୍ତ ପ୍ରଧାନ, କୋଣାର୍କ ଏନ୍‌ଏସି ଅଧକ୍ଷା ସଂଯୁକ୍ତା ତ୍ରିପାଠୀ, ଉପାଧକ୍ଷ ସୁରେଶ ଚନ୍ଦ୍ର ରାଉତରାୟ, ନିର୍ବାହୀ ଅଧିକାରୀ ପ୍ରଦ୍ୟୁମ୍ନ ଜେନା,ଗୋପ ବ୍ଲକ ଏବିଇଓ ସମ୍ରାଟ ଭଞ୍ଜ ଭୋଇ, ପର୍ଯ୍ୟଟନ ଉନ୍ନୟନ ଅଧିକାରୀ ମାମିନି ପରିଡା ଓ ସାଂସଦ ପ୍ରତିନିଧି ମଙ୍ଗରାଜ ମୁଦୁଲି ପ୍ରମୁଖ ଯୋଗଦେଇ ଆନ୍ତର୍ଜାତୀୟ ବେଳାଭୂମି ସ୍ୱଚ୍ଛତା ଦିବସ ପାଳନ ପୂର୍ବରୁ ଏହି ସଫେଇ କାର୍ଯ୍ୟକ୍ରମ ଏହାର ଡେମୋ କାର୍ଯ୍ୟକ୍ରମ ପୂର୍ବକ ଅଧିକରୁ ଅଧିକ ସ୍ୱେଚ୍ଛାସେବୀ ସାମିଲ ପାଇଁ ଏକ ସଚେତନତା ବୋଲି ଅଭିହିତ କରିଥିଲେ । ବେଳାଭୂମି ଉପକୂଳକୁ କିପରି ସ୍ୱଚ୍ଛ ରଖିବା ସେଥିପାଇଁ ଶପଥ ପାଠ ହୋଇଥିଲା । ଚନ୍ଦ୍ରଭାଗା ବେଳାଭୂମି ଏହି କାର୍ଯ୍ୟକ୍ରମରେ ଶିକ୍ଷକ ରାମକୃଷ୍ଣ ମହାନ୍ତି, କୋଣାର୍କ ଏନଏସି ପରିମଳ ଯନ୍ତ୍ରୀ ଅଭିଷେକ ସ୍ୱାଇଁ ଓ ଭାଗ୍ୟରଥି ବରାଳ ପରିଚାଳନା କରିଥିଲେ।



# ଇଂ ସୁଶାନ୍ତ ତ୍ରିପାଠୀଙ୍କ ୭୧ତମ ଜନ୍ମଦିନରେ ଭବ୍ୟ ସମ୍ବର୍ଦ୍ଧନା

ଫୁଲନଖରା,୧୫।୯ :(ମନ୍ଥନ)କଟକ ସଦର ଥାନା ଅନ୍ତର୍ଗତ ବ୍ରାହ୍ମଣଝରିଲୋ ବଜାର ନିବାସୀ, ବରିଷ୍ଠ ନାଗରିକ ତଥା ବିଶିଷ୍ଟ ସମାଜସେବୀ ଇଂ ସୁଶାନ୍ତ କୁମାର ତ୍ରିପାଠୀଙ୍କ ୭୧ତମ ଜନ୍ମଦିନ ଅବସରରେ ଏକ ଭବ୍ୟ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ବରିଷ୍ଠ ସାମ୍ବାଦିକ ଲଳିତ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମାରୋହରେ ବହୁ ବିଶିଷ୍ଟ ବ୍ୟକ୍ତି, ବୁଦ୍ଧିଜୀବୀ, ସମାଜସେବୀ, ଶିକ୍ଷାବିତ୍ ଓ ଶୁଭେଚ୍ଛୁ ଯୋଗଦେଇ ଶ୍ରୀ ତ୍ରିପାଠୀଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇବା ସହ ତାଙ୍କର ଦୀର୍ଘ ଦିନର ସମାଜସେବା ପାଇଁ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ବିଶିଷ୍ଟ ଶିଳ୍ପପତି ଧୀରେନ୍ଦ୍ର ଧୀର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ପ୍ରାଚୀ ଗବେଷକ ହଂସନାଥ ସାହୁ ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ।



ଆଇନଜୀବୀ ତଥା କବି ନାରାୟଣ ପଣ୍ଡା, ଦୀନବନ୍ଧୁ ପଣ୍ଡା, କଳ୍ପତରୁ ଖୁଣ୍ଟିଆ, ଅରୁଣ ସାହୁ, ଶିକ୍ଷାବିତ୍ କୈଳାସ ବେହେରା, ପଣ୍ଡିତ ଅଜୟ ପତି, ଅମିତ କୁମାର ପରିଜା, ପୂର୍ଣ୍ଣଚନ୍ଦ୍ର ଦଳାଇ, ଚିନ୍ମୟ ମହାରଣା, ରାକେଶ କୁମାର ହୋତା ଓ ପରିବେଶବିତ୍ ମାନସ ମଙ୍ଗରାଜଙ୍କ ସମେତ ବହୁ ବ୍ୟକ୍ତିବିଶେଷ ଯୋଗଦେଇ ଶ୍ରୀ ତ୍ରିପାଠୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ବକ୍ତାମାନେ କହିଥିଲେ ଯେ, ଇଂ ସୁଶାନ୍ତ କୁମାର ତ୍ରିପାଠୀ କେବଳ ଜଣେ ବରିଷ୍ଠ ନାଗରିକ ନୁହନ୍ତି, ସେ ଅଞ୍ଚଳବାସୀଙ୍କ ପାଇଁ ଜଣେ ଆତ୍ମୀୟ, ସହୃଦୟ ଓ ଦାୟିତ୍ୱବାନ ସମାଜସେବୀ ଭାବେ ନିଜର ସ୍ୱତନ୍ତ୍ର ପରିଚୟ ଗଢ଼ିଛନ୍ତି। ସମାଜର ଆବଶ୍ୟକତାକୁ ଅନୁଭବ କରି ଲୋକଙ୍କ ସୁଖଦୁଃଖରେ ସାମିଲ ହେବା, ଅସହାୟ ଓ ଆବଶ୍ୟକତାସମ୍ପନ୍ନ ଲୋକଙ୍କ ପାଖରେ ଠିଆ ହେବା ଏବଂ ଅଞ୍ଚଳର ସାମାଜିକ ଉନ୍ନତି ପାଇଁ ନିଜକୁ ନିୟୋଜିତ କରିବା ତାଙ୍କ ଜୀବନର ଏକ ଅବିଚ୍ଛିନ୍ନ ଅଂଶ ହୋଇଆସିଛି। ତାଙ୍କର ନିଃସ୍ୱାର୍ଥ ସେବା, ସରଳ ଜୀବନଯାପନ, ମିଷ୍ଟଭାଷୀ ସ୍ୱଭାବ ଓ ସମସ୍ତଙ୍କୁ ନେଇ ଚାଲିବାର ମାନସିକତା ତାଙ୍କୁ ଅଞ୍ଚଳରେ ଏକ ସମ୍ମାନଜନକ ସ୍ଥାନ ପ୍ରଦାନ କରିଛି। ବୟସର ୭୧ ବର୍ଷରେ ମଧ୍ୟ ସମାଜ ପ୍ରତି ତାଙ୍କର ଦାୟିତ୍ୱବୋଧ ଓ ସେବା ମନୋଭାବ ଯୁବପିଢ଼ି ପାଇଁ ଏକ ପ୍ରେରଣା ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

# ପ୍ରମୋଦ ଗଣିତ ସମ୍ମାନ ସମ୍ବର୍ଦ୍ଧନା ସଭା

ଯାଜପୁର,୧୫।୯ :(ମନ୍ଥନ)ଯାଜପୁର ଜିଲ୍ଲା ବିଂଝାରପୁର ବ୍ଲକ ଅନ୍ତର୍ଗତ ଉତଙ୍ଗରା ପିମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରମୋଦ ମ୍ୟାଥମେଟିକ୍ସ ସମ୍ମାନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁରେଶ ଚନ୍ଦ୍ର ଓଝାଙ୍କ




ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ବିଘ୍ନରାଜ କର ଯୋଗ ଦେଇ ଛାତ୍ରଛାତ୍ରୀ ମାନଙ୍କୁ ଏକ ସୁସ୍ଥ ସମାଜ ଗଠନ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସର ରେ ପ୍ରତିବର୍ଷ ଭଳି ବିଦ୍ୟାଳୟର ପୂର୍ବତନ ଶିକ୍ଷକ ପ୍ରମୋଦ କରଙ୍କ ସ୍ମୃତି ଉଦେଶ୍ୟରେ ଚଳିତ ବର୍ଷର ମାଟ୍ରିକ ପରୀକ୍ଷାରେ ଗଣିତ ବିଷୟରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ର ଅନାକର ମଲ୍ଲିକଙ୍କୁ ପ୍ରମୋଦ ମ୍ୟାଥମେଟିକ୍ସ ସମ୍ମାନରେ ସମ୍ମାନିତ କରିବା ସହ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ଭରତ କୁମାର ତ୍ରିପାଠୀ, ମୋ ସ୍କୁଲ ଅଭିଯାନର ସଭାପତି ଉମେଶ କୁମାର ସାହୁ, ସରୋଜ କୁମାର ଜେନା, ମାହେଶ୍ୱରୀ ଦାସ ଓ ଅର୍ଚ୍ଚନା ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ। ସଭାରେ ଛାତ୍ରଛାତ୍ରୀଙ୍କୁ ଗଣିତ ଶିକ୍ଷା ପ୍ରତି ଅଧିକ ଆଗ୍ରହୀ ହେବା ସହ ଶିକ୍ଷା କ୍ଷେତ୍ରରେ ଉତ୍କର୍ଷତା ହାସଲ କରିବାକୁ ପ୍ରେରଣା ଦିଆଯାଇଥିଲା।

# ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ

ଯାଜପୁର,୧୫।୯ :(ମନ୍ଥନ)ଯାଜପୁର ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଥିବା ସଭାଗୃହରେ ନବ ନିଯୁକ୍ତ ପିସିସି ସାଧାରଣ ସମ୍ପାଦକଙ୍କ ଉଦ୍ଦେଶ୍ୟରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା କଂଗ୍ରେସର ପୂର୍ବତନ ସଭାପତି ମନୋଜ ରାଉତଙ୍କୁ ଓଡିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସଂପାଦକ ଭାବେ ନିଯୁକ୍ତି ଦିଆଯାଇଛି । ଏହି ପରିପ୍ରେକ୍ଷିରେ ଯାଜପୁର ନଗର ଓ ବ୍ଲକ କଂଗ୍ରେସ ପକ୍ଷରୁ ରାଉତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ପିସିସି ସଦସ୍ୟବିଷ୍ଣୁ ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ କଂଗ୍ରେସ ନେତା ସନ୍ତୋଷ ନନ୍ଦ, ନଗର ସଭାପତି ନାରାୟଣ ସାମନ୍ତ, ବ୍ଲକ ସଭାପତି ଗଦାଧର ଦାସ, ଦୁର୍ଯ୍ୟୋଧନ ବେହେରା, ଶ୍ୟାମସୁନ୍ଦର କର ପ୍ରମୁଖ ଯୋଗ ଦେଇ ଶ୍ରୀ ରାଉତଙ୍କ କାର୍ଯ୍ୟଧାରା ର ପ୍ରଶଂସା କରିବା ସହ ଉତରୀୟ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଯାଜପୁର ବ୍ଲକ ଓ ନଗର ର ବହୁ କଂଗ୍ରେସ ନେତା ଓ କର୍ମୀ ଉପସ୍ଥିତ ଥିଲେ।

# ଶିବାନନ୍ଦ ଆଶ୍ରମରେ ବେଦମନ୍ତ୍ର ଓ ଗୀତା ଆବୃତ୍ତି ପ୍ରତିଯୋଗିତା

କେନ୍ଦ୍ରାପଡ଼ା,୧୫।୯ :(ମନ୍ଥନ)କେନ୍ଦ୍ରାପଡା ଦିବ୍ୟଜୀବନ ସଙ୍ଘ ଶିବାନନ୍ଦ ଆଶ୍ରମ ପରିସରରେ ଶ୍ରୀ ଚିଦାନନ୍ଦ ସରସ୍ୱତୀଙ୍କ ଜନ୍ମୋତ୍ସବ ଉପଲକ୍ଷେ ଦିବ୍ୟ ଆଧ୍ୟାତ୍ମିକ ପକ୍ଷ ପାଳନ ଅବସରରେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବେଦମନ୍ତ୍ର, ଗୀତା ଆବୃତ୍ତି ଏବଂ ଦିବ୍ୟଜୀବନ ଓ ସ୍ୱାମୀ ଶିବାନନ୍ଦ, ଆଦି ଶଙ୍କରାଚାର୍ଯ୍ୟଙ୍କ ସନାତନ ଧର୍ମକୁ ଅବଦାନ ସମ୍ପର୍କରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କେନ୍ଦ୍ରାପଡା ସହର ତଥା ଆଖପାଖ ଅଞ୍ଚଳର ବହୁ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ। ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଦିବ୍ୟ ସାରସ୍ୱତ ଉତ୍ସବରେ ଡ. କାଳୀପ୍ରସନ୍ନ ଶତପଥୀ ଓ ପ୍ରଫେସର ଡ. ସୁରେନ୍ଦ୍ରନାଥ ଆଚାର୍ଯ୍ୟ ପ୍ରତିଯୋଗିତା ପରିଚାଳନା କରିଥିଲେ। କୃତି ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର, ଗୀତା ପୁସ୍ତକ ଓ ସ୍ମାରକୀ ପଦକ ପ୍ରଦାନ କରାଯାଇଥିଲା। ଶିବାନନ୍ଦ ବିଦ୍ୟା ମନ୍ଦିରର ଗୁରୁଜୀ, ଗୁରୁମାଙ୍କ ସମେତ ସହ ସମ୍ପାଦକ ଅଭିମନ୍ୟୁ ଗୋଛାୟତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କଲେଜ କଲୋନୀ ପ୍ରାକ୍ଟିସିଂ ସ୍କୁଲର ଶିକ୍ଷୟିତ୍ରୀ ବନଲତା ଚୌଧୁରୀ ସ୍ୱତନ୍ତ୍ର ଭାବେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରଛାତ୍ରୀମାନଙ୍କୁ ପ୍ରତିଯୋଗିତା ପାଇଁ ପ୍ରସ୍ତୁତ କରାଇବା ସହ ପ୍ରେରଣା ପ୍ରଦାନ କରିଥିଲେ। ବ୍ରହ୍ମଚାରୀ ନୃସିଂହ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ମୁସଲିମ ଛାତ୍ରୀମାନେ ବୈଦିକମନ୍ତ୍ର ଓ ଗୀତା ଆବୃତ୍ତି ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତିତ୍ୱ ଅର୍ଜନ କରିବା ଅତ୍ୟନ୍ତ ହୃଦୟସ୍ପର୍ଶୀ ହୋଇଥିଲା। ଶିବାନନ୍ଦ ଆଶ୍ରମ ପକ୍ଷରୁ ପ୍ରତି ରବିବାର ଅପରାହ୍ନ ୩ଟାରୁ ୫ଟା ପର୍ଯ୍ୟନ୍ତ ବେଦମନ୍ତ୍ର ଓ ଗୀତା ଆବୃତ୍ତି ଶିକ୍ଷାଦାନ ପାଇଁ ନିଶୁଳ୍କ ବ୍ୟବସ୍ଥା କରାଯାଇଛି ବୋଲି ଆଶ୍ରମର ଅଧ୍ୟକ୍ଷା ଶ୍ରୀମା ପ୍ରକାଶ କରିଛନ୍ତି। ଆସନ୍ତା ୧୯ତାରିଖରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯିବା ସହ ଆସନ୍ତା ୨୪ତାରିଖରେ ଆଶ୍ରମ ପରିସରରେ ଶ୍ରୀ ଚିଦାନନ୍ଦ ସରସ୍ୱତୀ ମହାରାଜଙ୍କର ଜନ୍ମୋତ୍ସବ ମହାସମାରୋହରେ ପାଳନ କରାଯିବ। ଏଥିରେ ଯୋଗଦେବାକୁ ଆଶ୍ରମ ପକ୍ଷରୁ ସମସ୍ତଙ୍କୁ ଅନୁରୋଧ କରାଯାଇଛି।

# ନୂଆଁଖାଇ ଆମ ଅଂଚଳର ଏକତାକୁ ଆହୁରି ସୁଦୃଢ଼ କରୁଛି -ନରସିଂହ

ବଲାଙ୍ଗିର,୧୫।୯ :(ମନ୍ଥନ)ନୂଆଁଖାଇ ଆମ ଅଂଚଳର ଗଣପର୍ବ ପାଇଁ ଆମେ ଗର୍ବିତ । କାରଣ ଏହି କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ପାଳନ ପାଇଁ ପରିବାରର ଯିଏ ଯେତେ ଦୂରରେ ଥିଲେ ମଧ୍ୟ ନିଜ ଘରକୁ ଫେରି ନବାନ୍ନ ଖାଇଥାନ୍ତି । ସ୍ୱାମୀ ସ୍ତ୍ରୀ, ଭାଇ ଭଉଣୀ, କାକା ଖୁଡି, ଅଜା ଆଇ, ଏପରି କି ଦୂର ସମ୍ପର୍କୀୟମାନେ ମଧ୍ୟ ଗୋଟିଏ ଜାଗାରେ ଏହି ପର୍ବ ପାଳନ କରିଥାନ୍ତି । ତେଣୁ ନୂଆଁଖାଇ ହିଁ ଆମ ଭିତରେ ଥିବା ଦୂରତାକୁ ଦୂର କରି ଆମ ଭିତରେ ଭାଇଚାରା ଓ ଏକତା କୁ ସୁଦୃଢ଼ କରୁଛି ବୋଲି ଆଜି ପବିତ୍ର ନୂଆଁଖାଇ ରେ ନିଜ ପରିବାର ସହ ନବାହ୍ନ ଭକ୍ଷଣ ପରେ ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ନିଜ ଗାଁ ଛତାମଖନା କୁ ଯାଇ ନିଜର ଆତ୍ମୀୟ ସ୍ୱଜନ, ବନ୍ଧୁବାନ୍ଧବ ଓ ଗାଁ ଲୋକଙ୍କୁ ଭେଟିବା ଅବସରରେ ନିଜ ପ୍ରତିକ୍ରିୟାରେ କହିଛନ୍ତି । ସେ ଏହା ମଧ୍ୟ କହିଛନ୍ତି ଯେ ଯଦିଓ ଏ ବର୍ଷ ଲୋକେ ବହୁତ ହର୍ଷଉଲ୍ଲାସ ସହ ନୂଆଁଖାଇ ପାଳନ କରୁଛନ୍ତି କିନ୍ତୁ ଗାଁ ରେ ଋଷୀଙ୍କୁ ଦେଖିଲେ କାହିଁକି କେଜାଣି ତାଙ୍କ ମନରେ ଖୁସି ନ ଥିବା ଭଳି ଜଣାପଡୁଛି । କୃଷିଭିତ୍ତିକ



ଏହି ପର୍ବରେ ଋଷୀ ମନରେ ଯଦି ହର୍ଷ ଉଲ୍ଲାସ ନ ରହିବ ତେବେ ଏହା ସମାଜ, ରାଜ୍ୟ ତଥା ଦେଶ ପାଇଁ କେବେ ବି ମଙ୍ଗଳମୟ ହେବ ନାହିଁ ବୋଲି ଲୋକଙ୍କ ସହ ଜୁହାର ଭେଟ ଅବସରରେ ଶ୍ରୀ ମିଶ୍ର ଏହା କହିଛନ୍ତି । ଏ ଅବସରରେ ସେ ବଲାଙ୍ଗିର ତଥା ସାରା ରାଜ୍ୟବାସୀଙ୍କୁ ପବିତ୍ର ନୂଆଁଖାଇର ଶୁଭେଚ୍ଛା ଜଣାଇବା ସହ ଏ ବର୍ଷ କେବଳ ପଶ୍ଚିମାଂଚଳ ନୁହେଁ ସାରା ରାଜ୍ୟବାସୀ ଙ୍କ ପାଇଁ ସୁଖ ସମୃଦ୍ଧି, ଭାଇଚାରା ଓ ଏକତାର ବର୍ଷ ହେଉ । ତା ସହ ଆମ ଋଷୀ ସେ କରିଥିବା ଅମଳର ଯେପରି ସଠିକ୍ ମୁଲ୍ୟ ପାଇବ ସେ ଦିଗରେ ପ୍ରଶାସନ ତଥା ରାଜ୍ୟ ସରକାର ସହୃଦୟତାର ସହ କାମ କରୁ ବୋଲି ଶ୍ରୀ ମିଶ୍ର କାମନା କରିଛନ୍ତି । ଆଜିର ଏହି ଜୁହାର ଭେଟ ସମୟରେ ଶ୍ରୀ ମିଶ୍ରଙ୍କ ସହ କଂଗ୍ରେସ ନେତା ଶୁଭ୍ରାଂଶୁ ଶେଖର ପଣ୍ଡା, ସଚ୍ଚିଦାନନ୍ଦ ମିଶ୍ର, ଶ୍ରୀହରି ମିଶ୍ର, ରାଜକିଶୋର ମିଶ୍ର, ଭର୍ଗି ହରପାଲ, ଗୋବର୍ଦ୍ଧନ ସେଠ, ବୁରୋଖାଇ ସିକା, ଉପ କଲେତ ଙ୍କ ସମେତ ଅନେକ ଗ୍ରାମବାସୀ ଉପସ୍ଥିତ ଥିଲେ ।

# କେନ୍ଦ୍ରାପଡା ମହାବିଦ୍ୟାଳୟରେ ବିବେକାନନ୍ଦ ବକ୍ତୃତାମାଳା

କେନ୍ଦ୍ରାପଡ଼ା,୧୫।୯ :(ମନ୍ଥନ)କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ଆଭ୍ୟନ୍ତରିକ ଗୁଣବତ୍ତା ଆଶ୍ୱାସନା ପ୍ରକୋଷ୍ଠ ଏବଂ କେନ୍ଦ୍ରାପଡା ଜିଲ୍ଲା ସ୍ୱାମୀ ବିବେକାନନ୍ଦ ଲୋକ ସଂସଦର ମିଳିତ ସହଭାଗିତାରେ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ରବିବାର "ସ୍ୱାମୀ ବିବେକାନନ୍ଦ ବକ୍ତୃତାମାଳା (ଉଦବୋଧନୀ)" ଲୋକସଂସଦର ଜିଲ୍ଲା ସଭାପତି ଅଧିକାରୀ ଲକ୍ଷ୍ମୀନାରାୟଣ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଚିତ୍ତରଞ୍ଜନ ଦାସ ଅତିଥିମାନଙ୍କୁ ସ୍ୱାଗତ କରିଥିବା ବେଳେ ଆଭ୍ୟନ୍ତରୀଣ ଗୁଣବତ୍ତା ଆଶ୍ୱାସନା ପ୍ରକୋଷ୍ଠ ସଂଯୋଜିକା ଡ. ଦୀପ୍ତି ରାୟ ଅତିଥି ପରିଚୟ ପ୍ରଦାନ କରିଥିଲେ। ଜିଲ୍ଲା ଉଦବୋଧନୀ ପ୍ରମୁଖ ସୁରେନ୍ଦ୍ରନାଥ ପଣ୍ଡା ପ୍ରାରମ୍ଭିକ ବକ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା ଭାବେ ଲୋକ ସଂସଦର ରାଜ୍ୟ ଉଦବୋଧନୀ ପ୍ରମୁଖ ତଥା ବାସୁଦେବପୁର ଅଟଳବିହାରୀ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ. ରାମଚନ୍ଦ୍ର ପଲାଇ ଯୋଗଦେଇ ଭାରତୀୟ ଜ୍ଞାନ ପରମ୍ପରାର ବୈଶିଷ୍ଟ ଏବଂ ସ୍ୱାମୀ ବିବେକାନନ୍ଦଙ୍କ ଦର୍ଶନରେ ଏହାର ପ୍ରତିଫଳନ ଉପରେ ଏକ ବିଶ୍ଳେଷଣାତ୍ମକ ଚିତ୍ର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅଧ୍ୟାପିକା ଡ. ପୂର୍ବାଶା ପ୍ରିୟଦର୍ଶିନୀ ସଂଯୋଜନା କରିଥିବା ବେଳେ ଅଧ୍ୟାପକ ସତ୍ୟରଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିବେକାନନ୍ଦ ଲୋକ ସଂସଦର କଟକ ଜୋନ ଅଧ୍ୟକ୍ଷ ଡ. ପ୍ରମୋଦ କୁମାର ଦାସ, ଖୋର୍ଦ୍ଧା ଜିଲ୍ଲା ବିବେକାନନ୍ଦ ଲୋକ ସଂସଦର ସଭାପତି ଡ. ଚନ୍ଦ୍ରମଣି ନାୟକ, ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ନନ୍ଦକିଶୋର ପରିଡା, ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ. ପୂର୍ଣ୍ଣମାସୀ ପଣ୍ଡାଙ୍କ ସମେତ ବହୁ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ।

# ରାସ୍ତାରୁ ମିଳିଥିବା ମୂଲ୍ୟବାନ ପାର୍ସଲ ଫେରାଇ ଦେଲେ; 'ଯୁବ ଜାଗ୍ରତ ମଞ୍ଚ'ର ସମ୍ବର୍ଦ୍ଧନା

ଫୁଲନଖରା,୧୫।୯ :(ମନ୍ଥନ)ସମାଜରେ ଏବେ ବି ସଚ୍ଚୋଟତା ଓ ମାନବିକତା ଜୀବିତ ଅଛି, ଏହାକୁ ସତ୍ୟ ପ୍ରମାଣିତ କରି ଦେଖାଇଛନ୍ତି ନଗରୀ ଗ୍ରାମର ଯୁବକ ସନ୍ଦୀପ ବେହେରା। ରାସ୍ତାରେ ପଡ଼ିଥିବା ଦଶ ହଜାର ଟଙ୍କା ମୂଲ୍ୟର ଏକ କୋରିୟର ପାର୍ସଲ୍‌କୁ ସୁରକ୍ଷିତ ଭାବେ ଫେରାଇ ସେ କେବଳ ସଚ୍ଚୋଟତାର ପରିଚୟ ଦେଇନାହାନ୍ତି, ବରଂ ଜଣେ ଗରିବ ଡେଲିଭରୀ ବୟର ଚାକିରୀ ସହିତ ତା' ମୁହଁରେ ହସ ଫୁଟାଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଗତକାଲି ପାହାଳ ରୋଡ୍‌ସ୍ଥିତ କଲ୍ୟାଣୀ ହାଇଟ୍ସ ନିକଟ ରାସ୍ତାରେ 'ବ୍ଲୁ ଡର୍ଟ' କୋରିୟର ସଂସ୍ଥାର ଏକ ପାର୍ସଲ୍ ଗଳିପଡ଼ିଥିଲା। ନଗରୀ ଗ୍ରାମର ସନ୍ଦୀପ ବେହେରା




ଏହି ପାର୍ସଲ୍ ?ଟିକୁ ପାଇବା ପରେ କୌଣସି ଲୋଭ ନରଖି ତୁରନ୍ତ ଉପଯୁକ୍ତ ବ୍ୟକ୍ତିଙ୍କୁ ସମ୍ପର୍କ କରି ତାହା ଫେରାଇ ଦେଇଥିଲେ। ସନ୍ଦୀପଙ୍କ ଏହି ନିସ୍ୱାର୍ଥପର କାର୍ଯ୍ୟ ଯୋଗୁଁ ଡେଲିଭରୀ ପିଲାଟି ଏକ ବଡ଼ ଆର୍ଥିକ କ୍ଷତିରୁ ବର୍ତ୍ତିଯିବା ସହ ତା'ର ଚାକିରୀ ବି ବଞ୍ଚିଯାଇଥିଲା। ସନ୍ଦୀପଙ୍କ ଏହି ମହନୀୟ ଓ ପ୍ରଶଂସନୀୟ କାର୍ଯ୍ୟ ପାଇଁ କଟକ ଜିଲ୍ଲାର ଅଗ୍ରଣୀ ସାମାଜିକ ସଂଗଠନ 'ଯୁବ ଜାଗ୍ରତ ମଞ୍ଚ' ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ସମ୍ବର୍ଦ୍ଧନା ସଭାରେ ବିଶିଷ୍ଟ ସମାଜସେବୀ ପ୍ରଫୁଲ୍ଲ କୁମାର ଶୁକ୍ଲା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସନ୍ଦୀପଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରିବା ସହ ତାଙ୍କର ଏହି ସଚ୍ଚୋଟତା ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି ପ୍ରକାଶ କରିଥିଲେ। ସଂଗଠନର ଅଧ୍ୟକ୍ଷ କଳ୍ପତରୁ ଖୁଣ୍ଟିଆ, ସମ୍ପାଦକ ଅରୁଣ କୁମାର ସାହୁ, ଟ୍ରଷ୍ଟି କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ସାଗରଚାନ୍ଦ ଦାଶ, ଧିରେନ୍ଦ୍ର ସାହୁ, ତ୍ରୈଲୋକ୍ୟ ମହାପାତ୍ର, ପ୍ରିୟବ୍ରତ ବେହେରା, ସ୍ମୃତି ରଞ୍ଜନ ସ୍ୱାଇଁ, ଦୁର୍ଗା ପ୍ରସାଦ ମହାନ୍ତି, ଗୋପୀନାଥ ମହାନ୍ତି, ମଣିପ୍ରସାଦ ମହାନ୍ତି ଓ ବିପିନ ଭୁଜବଳ ପ୍ରମୁଖ ଉପସ୍ଥିତ ରହି ସନ୍ଦୀପଙ୍କୁ ସାଧୁବାଦ ଜଣାଇବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

# ମହିଳା ଓ ଶିଶୁଙ୍କ ସୁରକ୍ଷା ନେଇ ମହିଳା ମୋର୍ଚ୍ଚାର ଦାବି

ଫୁଲନଖରା,୧୫।୯ :(ମନ୍ଥନ) ଆଗାମୀ ଗଣେଶ ପୂଜା, ଖୁଦୁରୁକୁଣୀ ପୂଜା ଓ ଭସାଣି ଉତ୍ସବକୁ ଶାନ୍ତି, ଶୃଙ୍ଖଳା ଓ ସୁରକ୍ଷିତ ଭାବେ ପାଳନ ପାଇଁ ଗୋପାଳପୁର ମଣ୍ଡଳ ମହିଳା ମୋର୍ଚ୍ଚା ପକ୍ଷରୁ ଗୁରୁତ୍ୱ ଦିଆଯାଇଛି। ଏନେଇ ମହିଳା ମୋର୍ଚ୍ଚା ସଭାପତି ବନ୍ଦନା କୁମାରୀ ବେଉରାଙ୍କ ନେତୃତ୍ୱରେ ମହିଳାମାନେ କଟକ ସଦର ଥାନାର ଭାରପ୍ରାପ୍ତ ଅଧିକାରୀ ତୁଷାରକାନ୍ତ ସେଠୀ



ମହୋଦୟଙ୍କୁ ଏକ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ପୂଜା ଓ ଭସାଣି ସମୟରେ ମହିଳା ଓ ଯୁବତୀମାନଙ୍କ ସୁରକ୍ଷାକୁ ପ୍ରାଥମିକତା ଦେବା ସହ ଅସାମାଜିକ ବ୍ୟକ୍ତିଙ୍କ ଉପରେ ନଜର ରଖିବା, ଜନଗହଳିପୂର୍ଣ୍ଣ ସ୍ଥାନରେ ପୋଲିସ ପାଟ୍ରୋଲିଂ ବୃଦ୍ଧି, ମୁଖ୍ୟ ରାସ୍ତା ଓ ଛକଗୁଡ଼ିକରେ ଯାତାୟାତ ନିୟନ୍ତ୍ରଣ ଏବଂ ଆବଶ୍ୟକସ୍ଥଳରେ ପୋଲିସ ମୁତୟନ କରିବାକୁ ଦାବି କରାଯାଇଛି। ବିଶେଷକରି ଭସାଣି ଯାତ୍ରା ସମୟରେ ମହିଳା ଓ ଶିଶୁଙ୍କ ସୁରକ୍ଷା ପାଇଁ ଆବଶ୍ୟକ ପଦକ୍ଷେପ, ଟ୍ରାଫିକ୍ ନିୟନ୍ତ୍ରଣ ଓ ମହିଳା ପୋଲିସ ମୁତୟନ ପାଇଁ ମଧ୍ୟ ଅନୁରୋଧ କରାଯାଇଛି। ଏହାସହ ଉତ୍ସବ ସମୟରେ ଅଶ୍ଳୀଳତା, ଅସଦାଚରଣ, ମଦ୍ୟପାନ କରି ଉତ୍ପାତ ଓ ଅନ୍ୟାନ୍ୟ ଅସାମାଜିକ କାର୍ଯ୍ୟକଳାପ ରୋକିବା ସହ ସନ୍ଦିଗ୍ଧ ବ୍ୟକ୍ତିଙ୍କ ଉପରେ କଡ଼ା ନଜର ରଖିବାକୁ ମହିଳା ମୋର୍ଚ୍ଚା ପକ୍ଷରୁ ଦାବି ହୋଇଛି। ପୂଜା କମିଟିଗୁଡ଼ିକୁ ନିର୍ଦ୍ଦିଷ୍ଟ ନିୟମ ଓ ଅନୁମତି ଅନୁସାରେ କାର୍ଯ୍ୟକ୍ରମ କରିବାକୁ ସଚେତନ କରାଇବା ପାଇଁ ମଧ୍ୟ ଅନୁରୋଧ କରାଯାଇଛି। ଏହି ଅବସରରେ ମହିଳା ମୋର୍ଚ୍ଚା ସମ୍ପାଦିକା ଚାନ୍ଦିନୀ ପାଣିଗ୍ରାହୀ, ସୌଦାମିନୀ ଶତପଥୀ, ରଶ୍ମିମୟୀ ପଟ୍ଟନାୟକ, ଶାନ୍ତିଲତା ନାୟକ, ମୋନିକା ଶର୍ମା, ସବିତା ଦାସ, ଧରିତ୍ରୀ ଦାସ, ରଞ୍ଜିତା ରାଉତ, ରାଜଲକ୍ଷ୍ମୀ ବେହେରା, ନୂତନ ସାମଲ ଓ କମଳା ଜେନାଙ୍କ ସମେତ ମୋର୍ଚ୍ଚାର ବହୁ ସଦସ୍ୟା ଉପସ୍ଥିତ ଥିଲେ। ସେହିପରି ମଣ୍ଡଳ ସଭାପତି ନିହାର ରଞ୍ଜନ ପଣ୍ଡା, ସମାଜସେବୀ ସୁକାନ୍ତ ସେଠୀ, ଜିଲ୍ଲା ଜନଜାତି ଉପସଭାପତି ପ୍ରମୋଦ ବେହେରାଙ୍କ ସମେତ ଉଦୟନାଥ ମହାନ୍ତି, ତ୍ରିଲୋକ୍ୟ ରାଉତ, ରମେଶ ବେହେରା, ଚନ୍ଦନ ବେହେରା, ଚନ୍ଦ୍ରକାନ୍ତ ଜେନା, ସତ୍ୟରଞ୍ଜନ ଦାସ, ସାଗର ମହାନ୍ତି ଓ ଶିଶିର ପାଳ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଅଶ୍ରୁଳ ନୟନରେ ଗୁନିଲତାଙ୍କୁ ଶ୍ରଦ୍ଧାଞ୍ଜଳି

ଫୁଲନଖରା, ୧୫।୯ :(ମନ୍ଥନ)କଟକ ସଦର ଅଞ୍ଚଳର ନଖରାସ୍ଥିତ ବାସଭବନରେ ସ୍ୱର୍ଗତ ଶରତ ଚନ୍ଦ୍ର ସାହୁଙ୍କ ଧର୍ମପତ୍ନୀ ତଥା ଅଞ୍ଚଳର ଅତ୍ୟନ୍ତ ମେଳାପୀ, ସରଳ ଓ ସ୍ନେହୀ ସ୍ୱଭାବର ମହିଳା ଗୁନିଲତା ସାହୁଙ୍କ ଏକଦଶାହ ଅବସରରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ୮୫ ବର୍ଷ ବୟସରେ ତାଙ୍କର ପରଲୋକ ଘଟିଥିଲା। ଏହି ସ୍ମୃତିଚାରଣ ସଭାରେ ପୂର୍ବତନ ମନ୍ତ୍ରୀ ସୁର ରାଉତରାୟ, ଅଞ୍ଚଳର ମୁରବି ବଂଶୀଧର ଭୋଳ, ବରିଷ୍ଠ ସାମ୍ବାଦିକ ଲଳିତ କୁମାର ଦାଶ, ଗାୟକ ଆହ୍ଲାଦ ସୁରେନ୍ଦ୍ର ନାଥ ଛୋଟରାୟ, ସୁରେନ୍ଦ୍ର ମହାନ୍ତି, କେଦାର ଜେନା, ଯୁଧିଷ୍ଠିର ପରିଜା, ନିମାଇଁ ଚରଣ ରାଉତରାୟ, ସରୋଜ କୁମାର ସାହୁ, ବ୍ରହ୍ମାନନ୍ଦ ସାହୁ, ଫଗୁମଣି ସାହୁ ପ୍ରମୁଖ ଯୋଗଦେଇ ସ୍ୱର୍ଗତା ଗୁନିଲତାଙ୍କ ସ୍ମୃତିଚାରଣ କରିଥିଲେ। ବକ୍ତାମାନେ କହିଥିଲେ ଯେ, ଗୁନିଲତା ସାହୁ ଜଣେ ସରଳ, ମେଳାପୀ, ସ୍ନେହୀ ଓ ପରୋପକାରୀ ମହିଳା ଭାବେ ଅଞ୍ଚଳରେ ସମସ୍ତଙ୍କ ପ୍ରିୟ ଥିଲେ। ତାଙ୍କର ମଧୁର ବ୍ୟବହାର, ସଦାଚାର ଓ ଅନ୍ୟମାନଙ୍କ ପ୍ରତି ଆତ୍ମୀୟତା ସବୁବେଳେ ସମସ୍ତଙ୍କ ମନରେ ତାଙ୍କର ସ୍ମୃତିକୁ ଜୀବନ୍ତ ରଖିବ ବୋଲି ମତ ପ୍ରକାଶ ପାଇଥିଲା। ସ୍ମୃତିଚାରଣ ସଭାରେ ତାଙ୍କ ପୁଅ, ବୋହୂ, ନାତି-ନାତୁଣୀଙ୍କ ସମେତ ଗ୍ରାମର ମୁରବି, ଆତ୍ମୀୟସ୍ୱଜନ, ବନ୍ଧୁପରିଜନ ଓ ବହୁ ଶୁଭେଚ୍ଛୁ ଯୋଗଦେଇ ଅଶ୍ରୁଳ ନୟନରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସାନପୁଅ ଗୋପାଳ ଚନ୍ଦ୍ର ସାହୁ, ବଡ଼ ବୋହୂ ମିନାକ୍ଷୀ ସାହୁ, ସାନ ବୋହୂ ଚିଲ୍ଲିପାପା ସାହୁ, ନାତି ଗୌତମ କୁମାର ସାହୁ ଓ ନାତୁଣୀ ଲକ୍ଷ୍ମୀ ପ୍ରିୟା ସାହୁ ସଭା ପରିଚାଳନା କରିଥିଲେ। ଗୁନିଲତା ସାହୁଙ୍କ ବିୟୋଗରେ ପରିବାରବର୍ଗଙ୍କ ସମେତ ସମଗ୍ର ଅଞ୍ଚଳରେ ଗଭୀର ଶୋକର ଛାୟା ଖେଳିଯାଇଛି। ସ୍ୱର୍ଗତାଙ୍କ ଆତ୍ମାର ସଦ୍‌ଗତି କାମନା କରି ଉପସ୍ଥିତ ଶୁଭେଚ୍ଛୁ ଓ ଅଞ୍ଚଳବାସୀ ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ।

# ଚାରି ପ୍ରମୁଖ ବ୍ରାଣ୍ଡର ଫ୍ୟାକ୍ଟ୍ରି ଆଉଟ୍‌ଲେଟ୍ ଉଦ୍‌ଘାଟିତ

ଫୁଲନଖରା,୧୫।୯ :(ମନ୍ଥନ)କଟକ-ଭୁବନେଶ୍ୱର ମୁଖ୍ୟ ରାସ୍ତାର ଫୁଲନଖରା ଅଞ୍ଚଳରେ ଗ୍ରାହକଙ୍କ ପାଇଁ ଯୋଡ଼ି ହୋଇଛି ଆଉ ଏକ ନୂଆ ବ୍ୟବସାୟିକ ସୁଯୋଗ। ପାହାଳ ଥାନା ଅନ୍ତର୍ଗତ ଫୁଲନଖରା ଛକସ୍ଥିତ ଲକ୍ଷେଶ୍ୱର ପେଟ୍ରୋଲ ପମ୍ପ ନିକଟରେ ଲୁଇସ୍ ଫିଲିପ୍, ଭାନ୍ ହ୍ୟୁସେନ୍, ଆଲେନ୍ ସୋଲି ଓ ରିବକ୍ ଭଳି ଚାରିଟି ପ୍ରମୁଖ ବ୍ରାଣ୍ଡର ସ୍ୱତନ୍ତ୍ର ଫ୍ୟାକ୍ଟ୍ରି ଆଉଟ୍‌ଲେଟର ଭବ୍ୟ ଉଦ୍‌ଘାଟନ ଅନୁଷ୍ଠିତ ହୋଇଯାଇଛି। ରବିବାର ଆୟୋଜିତ ଏହି ଉଦ୍‌ଘାଟନୀ ସମାରୋହରେ ଓଡ଼ିଆ ସିନେ ଜଗତର ଚୁଲବୁଲି ନାୟିକା ଶୀତଲ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ନୂତନ ଆଉଟ୍‌ଲେଟ୍‌ର ଶୁଭାରମ୍ଭ କରିଥିଲେ। ତାଙ୍କ ଉପସ୍ଥିତିରେ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଅଧିକ ଆକର୍ଷଣୀୟ ଓ ଉତ୍ସବମୁଖର ହୋଇଉଠିଥିଲା। ଏହି ଅବସରରେ ଆଉଟ୍‌ଲେଟ୍‌ର ମାଲିକ ସନ୍ଦୀପ ଅଗ୍ରୱାଲଙ୍କ ସମେତ ବିଶିଷ୍ଟ କଳାକାର ରୁଦ୍ର ମନ, ବହୁ ଅତିଥି, ବ୍ୟବସାୟୀ, ଗ୍ରାହକ ଓ ଶୁଭେଚ୍ଛୁ ଉପସ୍ଥିତ ଥିଲେ। ନୂତନ ଭାବେ ଖୋଲିଥିବା ଏହି ଆଉଟ୍‌ଲେଟ୍‌ରେ ପୁରୁଷ, ମହିଳା ଓ ଶିଶୁଙ୍କ ପାଇଁ ବିଭିନ୍ନ ପ୍ରକାରର ଆଧୁନିକ ପୋଷାକ, ଫ୍ୟାସନ୍ ସାମଗ୍ରୀ ଓ ରିବକ୍‌ର ବିଭିନ୍ନ ଫୁଟ୍‌ୱେୟାର୍ ଆଦି ଉପଲବ୍ଧ ହେବ। ଏକାଧିକ ପ୍ରସିଦ୍ଧ ବ୍ରାଣ୍ଡକୁ ଗୋଟିଏ ସ୍ଥାନରେ ପାଇବାର ସୁଯୋଗ ମିଳୁଥିବାରୁ ଫୁଲନଖରା ସମେତ କଟକ-ଭୁବନେଶ୍ୱର ମଧ୍ୟବର୍ତ୍ତୀ ଅଞ୍ଚଳର ଗ୍ରାହକଙ୍କ ପାଇଁ ଏହା ବେଶ୍ ଉପଯୋଗୀ ହେବ ବୋଲି ଆଶା ପ୍ରକାଶ ପାଇଛି। ଉଦ୍‌ଘାଟନ ଅବସରରେ ଗ୍ରାହକଙ୍କୁ ଆକୃଷ୍ଟ କରିବା ପାଇଁ ବିଶେଷ ଶୁଭାରମ୍ଭ ଅଫର୍ ମଧ୍ୟ ଘୋଷଣା କରାଯାଇଛି। ଲୁଇସ୍ ଫିଲିପ୍ ଓ ଭାନ୍ ହ୍ୟୁସେନ୍‌ରେ ୩ଟି ସାମଗ୍ରୀ କିଣିଲେ ୭ଟି ନେବାର ସୁଯୋଗ, ଆଲେନ୍ ସୋଲିରେ ୪ଟି କିଣିଲେ ୧୦ଟି ନେବାର ଅଫର୍, ଏବଂ ରିବକ୍‌ରେ ସିଧାସଳଖ ୬୦ ପ୍ରତିଶତ ପର୍ଯ୍ୟନ୍ତ ରିହାତି ଭଳି ଆକର୍ଷଣୀୟ ଅଫର୍ ରହିଛି। ଏହି ଅବସରରେ ଆଉଟ୍‌ଲେଟ୍ ପକ୍ଷରୁ ଗ୍ରାହକଙ୍କୁ




ଗୁଣାତ୍ମକ ସାମଗ୍ରୀ, ଆଧୁନିକ ଫ୍ୟାସନ୍ ଓ ଆକର୍ଷଣୀୟ ମୂଲ୍ୟରେ ବିଭିନ୍ନ ବ୍ରାଣ୍ଡର ସାମଗ୍ରୀ ଯୋଗାଇଦେବା ଉପରେ ଗୁରୁତ୍ୱ ଦିଆଯାଇଛି। ଫୁଲନଖରା ଭଳି ଦ୍ରୁତ ବିକଶିତ ହେଉଥିବା ଅଞ୍ଚଳରେ ଏଭଳି ଏକାଧିକ ପ୍ରତିଷ୍ଠିତ ବ୍ରାଣ୍ଡର ଫ୍ୟାକ୍ଟ୍ରି ଆଉଟ୍‌ଲେଟ୍ ଖୋଲିବା ଅଞ୍ଚଳର ବ୍ୟବସାୟିକ ଗୁରୁତ୍ୱକୁ ଆହୁରି ବଢ଼ାଇବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

ବୁଧବାର ୧୬ ସେପ୍ଟେମ୍ବର, ୨୦୨୬, ଭୁବନେଶ୍ୱର

Wednesday September 16 2026 Bhubaneswar



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

### ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।

ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ଇଭିଏମର ଅପବ୍ୟବହାର !

ନିର୍ବାଚନରେ ଇଭିଏମ ବ୍ୟବହାର ଆରମ୍ଭ ହେବା ପରଠାରୁ ଅନେକ ଏହାର ଦୁରୁପଯୋଗ ହେଉଥିବା ଅଭିଯୋଗ କରି ଆସୁଛନ୍ତି ଯଦିଓ ଆଜି ପର୍ଯ୍ୟନ୍ତ ଏହା ପ୍ରମାଣିତ ହୋଇନାହିଁ । ଅନେକ ସମୟରେ ନିର୍ବାଚନରେ ପରାଜିତ ହେଉଥିବା ଦଳ ଏଥିପାଇଁ ଇଭିଏମକୁ ଦାୟୀ କରୁଛନ୍ତି । ନିର୍ବାଚନରେ ପରାଜିତ ହେଉଥିବା ଦଳ ଜନାଦେଶକୁ ଯନ୍ତ୍ରାଦେଶ ବୋଲି କହୁଛନ୍ତି । କିନ୍ତୁ ନିର୍ବାଚନ ଜିତିଲେ ସମସ୍ତେ ନିରବ ରହୁଛନ୍ତି । ୨୦୧୯ ଲୋକସଭା ନିର୍ବାଚନରେ ଦିଲ୍ଲୀର ସମସ୍ତ ୭ଟି ଆସନରେ ଆମ ଆଦମୀ ପାର୍ଟୀ ପରାଜିତ ହେବା ପରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ଏଥିପାଇଁ ଇଭିଏମକୁ ଦାୟୀ କଲେ । କିନ୍ତୁ ଯଦି ବିଜେପି ଇଭିଏମ ମାଧ୍ୟମରେ ଲୋକସଭା ନିର୍ବାଚନ ଜିତିଲା ତେବେ ପରବର୍ତ୍ତୀ ବିଧାନସଭା ନିର୍ବାଚନରେ କିପରି ହାରିଲା ? ନିକଟରେ ଅନୁଷ୍ଠିତ ତାମିଲନାଡୁ ଓ କେରଳ ବିଧାନସଭା ନିର୍ବାଚନରେ ଅଣ ବିଜେପି ଦଳ ଜିତିଲେ କେମିତି ? ପଶ୍ଚିମବଙ୍ଗରେ ଟିଏମସି ୮୦ଟି ଆସନରେ କିପରି ଜିତିଲା ? ଯଦି ଇଭିଏମର ଦୁରୁପଯୋଗ ହୋଇଥାଆନ୍ତା ତେବେ ବିଜେପି ଆହୁରି ଅଧିକ ସଫଳତା ପାଇପାଇଥାଆନ୍ତା । ତେଣୁ ଇଭିଏମର ଦୁରୁପଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ । ଇଭିଏମ ପ୍ରଚଳନ ବିଜେପି ନୁହେଁ, କଂଗ୍ରେସ ଶାସନ ଅମଳରୁ ଆରମ୍ଭ ହୋଇଥିଲା । ଦ୍ୱିତୀୟରେ ଭାରତର ନିର୍ବାଚନ କମିଶନ ସମ୍ପୂର୍ଣ୍ଣ ସ୍ୱାଧୀନ ଏବଂ ସ୍ୱୟଂଶାସିତ ସଂସ୍ଥା । ଜଣେ ବ୍ୟକ୍ତିଙ୍କ ଦ୍ୱାରା ଏହା ପରିଚାଳିତ ନୁହେଁ । କମିଶନରେ ଏକାଧିକ ସଦସ୍ୟ ଅଛନ୍ତି । ନିର୍ବାଚନ ପରିଚାଳନାରେ ଲକ୍ଷ ଲକ୍ଷ ସରକାରୀ କର୍ମଚାରୀ ନିୟୋଜିତ ହେଉଛନ୍ତି । ରାଜ୍ୟରେ ପ୍ରଶାସନ କେନ୍ଦ୍ର ନୁହେଁ, ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ହୋଇଥାଏ । ୨୦୧୭ରେ ୟୁପି ବିଧାନସଭା ନିର୍ବାଚନରେ ବିଜେପି ବିପୁଳ ବିଜୟ ହାସଲ କରିବା ପରେ ସମାଜବାଦୀ ପାର୍ଟୀ ଓ ବିଏସପି ନିଜ ପରାଜୟ ନିମନ୍ତେ ଇଭିଏମକୁ ଦୋଷ ଦେଲେ । କିନ୍ତୁ ସେତେବେଳେ ରାଜ୍ୟରେ ସମାଜବାଦୀ ପାର୍ଟୀ କ୍ଷମତାରେ ଥିଲା ଏବଂ ଅଖିଳେଶ ଯାଦବ ମୁଖ୍ୟମନ୍ତ୍ରୀ ପଦରେ ଥିଲେ । ତେଣୁ ସେଠାରେ ଇଭି,ମର ଦୁରୁପଯୋଗ କିପରି ସମ୍ଭବ ହେଲା ? ୨୦୦୯ରେ ରାଜ୍ୟରେ ବିଜେପି ଓଡ଼ିଶାରେ ପରାଜିତ ହେବା ପରେ ଏହାକୁ ଜନାଦେଶ ନୁହେଁ ଯନ୍ତ୍ରାଦେଶ ବୋଲି କହିଥିଲା । କିନ୍ତୁ ସେହି ବିଜେପି ଅନ୍ୟ ରାଜ୍ୟରେ ଇଭିଏମର ଦୁରୁପଯୋଗ ଅଭିଯୋଗକୁ ଖଣ୍ଡନ କରୁଛି । ନିର୍ବାଚନରେ ଇଭିଏମ ବ୍ୟବହାରର ଅନେକ ଭଲ ଦିଗ ରହିଛି । ଏହା ଦ୍ୱାରା ଭୋଟ ଗଣତି ଶୀଘ୍ର ହେଉଛି ଏବଂ ଫଳାଫଳ ଜାଣିବାକୁ ଆଉ ଦୀର୍ଘ ସମୟ ଧରି ଅପେକ୍ଷା କରିବାକୁ ପଡୁନି । ଆଉ ସବୁଠାରୁ ବଡ଼ କଥା ହେଲା ଇଭିଏମ ଦ୍ୱାରା ଭୋଟ ନାକଚ ହେଉନି । ଇଭିଏମର ଦୁରୁପଯୋଗ ଓ ଜାଲିଆତି ଅଭିଯୋଗ ଆସିବା ପରେ ଏବେ ନିର୍ବାଚନରେ ଭିଭିପାଟ ବ୍ୟବହାର ମଧ୍ୟ ହେଉଛି । ଜଣେ ଭୋଟର ଇଭିଏମରେ ଭୋଟ ଦେବା ପରେ ସେ କାହାକୁ ଭୋଟ ଦେଇଛି ତାହାର ପ୍ରମାଣ ସ୍ୱରୂପ ଏକ କାଗଜ ଭିଭିପାଟରୁ ବାହାରୁଛି । ଏହାକୁ ଏକ ନିର୍ଦ୍ଦିଷ୍ଟ ବାକ୍ସରେ ପକାଇବାକୁ ପଡୁଛି ଯାହା ସଠିକ ଭୋଟର ପ୍ରମାଣ ରୂପେ ମହଯୁଦ ରହୁଛି । ବିଗତ ଦିନରେ ଅନୁଷ୍ଠିତ ପଞ୍ଚାୟତ ନିର୍ବାଚନରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି । ବାଲଟ ପେପର ବ୍ୟବହାର ହେତୁ ଅନେକ ସ୍ଥାନରେ ବହୁ ଭୋଟ ନାକଚ ହୋଇଛି । ଏପରିକି କେତେକ ସ୍ଥାନରେ ବିଜୟୀ ପ୍ରାର୍ଥୀ ଏତେ କମ ଭୋଟ ବ୍ୟବଧାନରେ ଜିତିଛନ୍ତି ଯାହା ନାକଚ ଭୋଟ ସଂଖ୍ୟାଠାରୁ କମ । ହୁଏତ ଏସବୁ ଭୋଟ ନାକଚ ହୋଇନଥିଲେ ଫଳାଫଳ ଭିନ୍ନ ହୋଇଥାନ୍ତା । ତା ଛଡ଼ା ପଞ୍ଚାୟତ ନିର୍ବାଚନ ଭୋଟ ଗଣତି ତିନିଦିନ ଚାଲିଲା । ଲୋକଙ୍କୁ ଫଳାଫଳ ଜାଣିବାକୁ ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଲା । ଏହା ନିହାତି ବିରକ୍ତିକର । ଅନେକ ସ୍ଥାନରେ ଭୋଟ ଗଣତି ପରେ ଉତ୍ତେଜନା ସୃଷ୍ଟି ହେଲା । କାରଣ ପରାଜିତ ପ୍ରାର୍ଥୀ ଗଣତିରେ ଜାଲିଆତି ଓ ଗଡ଼ବଡ଼ କରାଯାଇଥିବା ଅଭିଯୋଗ ଆଣିଲେ । ଯଦି ସେଠାରେ ଇଭିଏମ ବ୍ୟବହାର ହୋଇଥାନ୍ତା ତେବେ ହୁଏତ ଏଭଳି ଅଭିଯୋଗର ସୁଯୋଗ ନଥାନ୍ତା । ତେଣୁ ସବୁ ସ୍ତରରେ ନିର୍ବାଚନରେ ଇଭିଏମ ବ୍ୟବହାରର ଆବଶ୍ୟକତା ରହିଛି ଏବଂ ଏହାକୁ ସନ୍ଦେହ ଦୃଷ୍ଟିରେ ଦେଖିବା ଅନୁଚିତ । ଏଥିନେଇ ବ୍ୟାପକ ସହମତିର ଆବଶ୍ୟକତା ରହିଛି । ଇଭିଏମ ତୁଳନାରେ ବାଲଟ ପେପର ମାଧ୍ୟମରେ ଭୋଟ ଗ୍ରହଣ ମଧ୍ୟ ଅଧିକ ବ୍ୟୟ ବହୁଳ ଏବଂ ଏଥିରେ ବିପଦ ଆଶଙ୍କା ମଧ୍ୟ ରହିଛି । ବାଲଟ ବକ୍ସରୁ ଗୋଟିଏ ବାଲଟ ପେପର ଯଦି ନଷ୍ଟ ହୋଇଯାଏ କିମ୍ବା ଗାଏବ ହୋଇଯାଏ ତେବେ ସମଗ୍ର ନିର୍ବାଚନ ପ୍ରକ୍ରିୟା ନଷ୍ଟ ହୋଇଯିବ । ବାଲଟ ପେପର ମାଧ୍ୟମରେ ଭୋଟରେ ଜାଲିଆତି ଓ ଅନିୟମିତତା ଆଶଙ୍କା ମଧ୍ୟ ଅଧିକ । କେହି ଜଣେ ବାଲଟ ପେପରକୁ ଛଡ଼ାଇ ନେଇପାରେ କିମ୍ବା ଏହାର ବ୍ୟବହାର ଖରାପ ଉଦ୍ଦେଶ୍ୟରେ ହୋଇପାରେ । ଇଭିଏମ ପରିବର୍ତ୍ତେ ବାଲଟ ପେପର ମାଧ୍ୟମରେ ଭୋଟ ଗ୍ରହଣ ପାଇଁ ଅଧିକ ସମୟ ମଧ୍ୟ ଲାଗୁଛି । ତେଣୁ ଭବିଷ୍ୟତରେ ପଞ୍ଚାୟତ ନିର୍ବାଚନରେ ମଧ୍ୟ ବାଲଟ ପେପର ମାଧ୍ୟମରେ ଭୋଟ ଗ୍ରହଣ ବ୍ୟବସ୍ଥା ହେବା ଉଚିତ । ୟୁରୋପର ଛୋଟ ଛୋଟ ଦେଶରେ ବାଲଟ ପେପର ବ୍ୟବହାର ହୋଇପାରେ । କିନ୍ତୁ ଭାରତ ଭଳି ବିଶ୍ୱର ସର୍ବାଧିକ ଜନବହୁଳ ଦେଶରେ ଏହା ଗ୍ରହଣଯୋଗ୍ୟ ନୁହେଁ । ଏଥିପାଇଁ ଇଭିଏମର ବ୍ୟବହାର ଯଥାର୍ଥ । ଏହାକୁ ନେଇ ଅଯଥା ବିତର୍କ ଏବଂ ବିବାଦ ଅନୁଚିତ । ନିର୍ବାଚନ ସଂସ୍କାରରେ ଇଭିଏମ ଏକ ଅପରିହାର୍ଯ୍ୟ ଅଙ୍ଗ । ଏହାକୁ ଏଡ଼ାଯାଇପାରିବ ନାହିଁ ।

# ଚାପ-ଗ୍ରସ୍ତ ଛାତ୍ରତ୍ୱର କାରୁଣ୍ୟ !

**ଅରୁଣ କୁମାର ମହାରଣା**

ମାନବ ସଭ୍ୟତାର ସୁଦୀର୍ଘ ଇତିହାସରେ ଛାତ୍ର ଜୀବନକୁ ସବୁଠାରୁ ସ୍ୱର୍ଣ୍ଣିମ, ସୁକୁମାର, ଅନାବିଳ ଏବଂ ସୃଜନଶୀଳ ଅଧ୍ୟାୟ ଭାବେ ଅଭିହିତ କରାଯାଏ, ଯେଉଁଠାରେ ମାନସିକ ଚେତନାର ବିକାଶ ଘଟେ ଓ ଜ୍ଞାନର ଅମୃତ ଆଲୋକରେ ନୂତନ ସ୍ୱପ୍ନର ନବକଳେବର ସୃଷ୍ଟି ହୁଏ । ଏହା ହେଉଛି ସେହି ପବିତ୍ର ପ୍ରାତଃକାଳ ଯେଉଁଠାରେ ମାନବିକ ମୂଲ୍ୟବୋଧର ବିଜାରୋପଣ ହୁଏ, ସାମାଜିକ ଦାୟିତ୍ୱବୋଧର ଅଭ୍ୟୁଦୟ ଘଟେ, ନୈତିକ ଚରିତ୍ର ଗଠନର ଅମୂଲ୍ୟ ଭିତ୍ତିପ୍ରସ୍ତର ସ୍ଥାପିତ ହୁଏ ଏବଂ ବ୍ୟକ୍ତିତ୍ୱର ସର୍ବାଙ୍ଗୀନ ଉତ୍କର୍ଷତା ପ୍ରତିପାଦିତ ହୋଇଥାଏ । ଏହି ଅଧ୍ୟାୟରେ ହିଁ ମାନସିକ ଜଗତର କଳ୍ପନାଶକ୍ତି ପ୍ରସାରିତ ହୋଇ ଜଣେ ଶିକ୍ଷାର୍ଥୀକୁ ଭବିଷ୍ୟତର ଜଣେ ଯୋଗ୍ୟ ନାଗରିକ ତଥା ଦିଗଦର୍ଶକ ଭାବେ ଗଢ଼ିତୋଳିବାର ମହାନ ପ୍ରକ୍ରିୟା ଆରମ୍ଭ ହୋଇଥାଏ, ଯାହା ସମଗ୍ର ସୃଷ୍ଟିକୁ ନୂତନ ଚେତନା ପ୍ରଦାନ କରେ । ମାତ୍ର ସାମ୍ପ୍ରତିକ ସମୟର ଅତି-ପ୍ରତିଯୋଗିତାମୂଳକ, ଯାନ୍ତ୍ରିକ, ଜଟିଳ ତଥା କୃତ୍ରିମ ସହରୀ ଜୀବନଶୈଳୀ ମଧ୍ୟରେ ଏହି ବିକାଶର ସୁବର୍ଣ୍ଣ ଯୁଗ ଧୀରେ ଧୀରେ ଏକ ଭୟଙ୍କର ମାନସିକ ଅବସାଦ, ଦୁର୍ବାର ଅସ୍ଥିରତା, ତୀବ୍ର ହୀନମନ୍ୟତା ଓ ନିରାଶାର କରାଳ ଗର୍ଭକୁ ଠେଲି ହୋଇଯାଉଛି । ମାର୍କ ଏବଂ ଗ୍ରେଡ୍ ପଛରେ ଧାବିତ ହେବାର ଏହି ପ୍ରାଣଘାତୀ ଅନ୍ଧ ଦୌଡ଼ ଏବଂ କୃତ୍ରିମ ସଫଳତାର ସର୍ବୋଚ୍ଚ ଶୀର୍ଷ ସ୍ପର୍ଶ କରିବା ପାଇଁ ପାରିପାର୍ଶ୍ୱିକ ଚାପ ଆଜିର କୋମଳମତି ଶିକ୍ଷାର୍ଥୀମାନଙ୍କ ମାନସିକ ସ୍ୱାଧୀନତା, ସ୍ୱାଭାବିକ କଳ୍ପନାଶକ୍ତି ଏବଂ ମାର୍ମିକ ପ୍ରଫୁଲ୍ଲତାକୁ ସମ୍ପୂର୍ଣ୍ଣ ଭାବେ ନିଷ୍ପେଷିତ କରିଦେଉଛି । ପିଲାମାନଙ୍କର ନିଷ୍ପାପ ମନ ଆଜି ଶିକ୍ଷାର ପ୍ରକୃତ ଆନନ୍ଦ ଉପଭୋଗ କରିବା ପରିବର୍ତ୍ତେ ନିରନ୍ତର ଏକ ଅଜ୍ଞାତ ଭୟ ଏବଂ ଆଶଙ୍କାର ବାତାବରଣ ମଧ୍ୟରେ ଶ୍ୱାସରୁଦ୍ଧ ହୋଇପଡୁଛି । ଯେଉଁ ବୟସରେ ମନ ମୁକ୍ତ ବିହଙ୍ଗ ଭଳି ଆକାଶରେ ଉଡ଼ିବା କଥା, ସେହି ବୟସରେ ଆଜିର ଅସହାୟ ଯୁବପିଢ଼ି ଅଦୃଶ୍ୟ ମାନସିକ ଶୃଙ୍ଖଳରେ ଆବଦ୍ଧ ହୋଇ ନିଜ ଅସ୍ତିତ୍ୱ ?ରାଇ ହନ୍ତସନ୍ତ ହେଉଛନ୍ତି, ଯାହା କେବଳ କୌଣସି ବ୍ୟକ୍ତିଗତ କିମ୍ବା ପାରିବାରିକ ସମସ୍ୟା ହୋଇ ରହିନାହିଁ, ବରଂ ଏକ ସାମାଜିକ ବ୍ୟାଧି ଭାବେ ସମଗ୍ର ରାଷ୍ଟ୍ରର ମାନସିକ ସ୍ୱାସ୍ଥ୍ୟକୁ ସଙ୍କଟାପନ୍ନ କରିଛି ।

ଏହି ବିଷାଦଗ୍ରସ୍ତ ପରିସ୍ଥିତିର ମୂଳଦୁଆ ଆଧୁନିକ ଶିକ୍ଷା ବ୍ୟବସ୍ଥାର ସେହି ପୁସ୍ତକଗତ ବୋଝ, ଦୀର୍ଘାୟିତ ପାଠ୍ୟକ୍ରମ ଏବଂ ଶୁଷ୍କ ତଥା ରୁଢ଼ ମୂଲ୍ୟାୟନ ପଦ୍ଧତି ଉପରେ ପର୍ଯ୍ୟବସିତ, ଯାହା ଶିକ୍ଷାର୍ଥୀର ଭିନ୍ନ ସୃଜନଶୀଳ ଦକ୍ଷତା ଓ ବହୁମୁଖୀ ପ୍ରତିଭାକୁ ଆଦୌ ସ୍ୱୀକୃତି ପ୍ରଦାନ ନକରି କେବଳ କାଗଜର କିଛି ସଂଖ୍ୟା ବା ନମ୍ବର ଆଧାରରେ ତାର ଯୋଗ୍ୟତା ନିରୂପଣ କରେ । ଆଜିର ଶିକ୍ଷା ବ୍ୟବସ୍ଥା ବ୍ୟକ୍ତିର ମାନବିକ ଗୁଣାବଳୀ ବିକାଶ କରିବା ଏବଂ ଜୀବନର ପ୍ରକୃତ ଦର୍ଶନ ଶିଖାଇବା ପରିବର୍ତ୍ତେ ଏକ ଶିଳ୍ପସଂସ୍ଥା ଭଳି କାର୍ଯ୍ୟ କରୁଛି, ଯେଉଁଠାରେ କେବଳ ତଥ୍ୟ ଗୋଗ୍ରାସେ ଗିଳି ପରୀକ୍ଷା ଖାତାରେ ଉଦ୍‌ଗାରଣ କରିବାର କଳାକୁ ଉଚ୍ଚ ପ୍ରଶଂସା କରାଯାଏ, ଯାହା ଦ୍ୱାରା ଶିକ୍ଷାର୍ଥୀମାନେ ଜ୍ଞାନ ଆହରଣର ପ୍ରକୃତ ମହତ୍ତ୍ୱ ଓ ସହଜ ଆନନ୍ଦ ହରାଇ ବସିଛନ୍ତି । ପରୀକ୍ଷା ବୋଲି କହିଲେ ଆଜି ଆତ୍ମ-ସମୀକ୍ଷା କିମ୍ବା ଜ୍ଞାନର ସମୃଦ୍ଧ ଆକଳନ ବୁଝାଉନାହିଁ, ବରଂ ଏକ ଭୟଙ୍କର ରକ୍ତପାତହୀନ ମାନସିକ ଯନ୍ତ୍ରଣାଶାଳା ବୁଝାଉଛି ଏବଂ ଏହି କଠୋର ବ୍ୟବସ୍ଥା ମଧ୍ୟରେ ପିଲାମାନେ ନିଜର ଜନ୍ମଗତ ସୃଜନଶୀଳତାକୁ ବଳିଦାନ ଦେଇ କେବଳ ଏକ ମେକାନିକାଲ ସୂଚନା ସଂଗ୍ରହକାରୀ ଯନ୍ତ୍ରରେ ପରିଣତ ହେଉଛନ୍ତି, ଯାହା ସେମାନଙ୍କର ପ୍ରଜ୍ଞା ବିକାଶକୁ ଅବରୁଦ୍ଧ କରୁଛି ।

ଶିକ୍ଷାର୍ଥୀଙ୍କ ଏହି ଗୁରୁତର ସମସ୍ୟାର ସମାଧାନ ପାଇଁ ସରକାରୀ ଶିକ୍ଷା ବ୍ୟବସ୍ଥାର ପ୍ରୟାସ ଏବଂ ଏହାର କାର୍ଯ୍ୟକାରିତା ଅତ୍ୟନ୍ତ ପ୍ରାସଙ୍ଗିକ ମନେହୁଏ, ଯେଉଁଠାରେ ବର୍ତ୍ତମାନର ଶିକ୍ଷା ନୀତିରେ ବ୍ୟାପକ ପରିବର୍ତ୍ତନ ଅଣାଯାଉଛି । ସରକାରୀ ସ୍ତରରେ ଜାତୀୟ ଶିକ୍ଷା ନୀତି (NEP) ମାଧ୍ୟମରେ କେବଳ ପୁସ୍ତକଗତ ବୋଝକୁ ହ୍ରାସ କରିବା ଏବଂ ଗ୍ରେଡ୍ ବଦଳରେ ପିଲାଙ୍କ ବ୍ୟବହାରିକ ଦକ୍ଷତା (Skill Development) କୁ ମୂଲ୍ୟାୟନ କରିବାର ବ୍ୟବସ୍ଥା ଆରମ୍ଭ ହୋଇଛି । ସ୍କୁଲ ଏବଂ କଲେଜଗୁଡ଼ିକରେ ସରକାରଙ୍କ ପକ୍ଷରୁ 'ମାନସିକ ସ୍ୱାସ୍ଥ୍ୟ ସପ୍ତାହ' ଏବଂ 'ଟେଲି-ମାନସ' ଭଳି ମାଗଣା ମାନସିକ ସହାୟତା ହେଲ୍ପଲାଇନର ବ୍ୟବସ୍ଥା କରାଯାଉଛି, ଯାହା ଦ୍ୱାରା ଶିକ୍ଷାର୍ଥୀମାନେ ପରୀକ୍ଷା ସମୟରେ ବିନା କୌଣସି ଭୟରେ ବିଶେଷଜ୍ଞଙ୍କ ସହ ପରାମର୍ଶ କରିପାରୁଛନ୍ତି । ଏହା ସହିତ ସରକାରୀ ବିଦ୍ୟାଳୟଗୁଡ଼ିକରେ କେବଳ ଗୋଟିଏ ଶ୍ରେଣୀଗୃହର ପାଠପଢ଼ା ମଧ୍ୟରେ ସୀମିତ ନରହି ଖେଳକୁଦ, ଶାରୀରିକ ଶିକ୍ଷା, ଏବଂ ନିୟମିତ ଯୋଗ ପ୍ରଶିକ୍ଷଣକୁ ପାଠ୍ୟକ୍ରମର ଅନିବାର୍ଯ୍ୟ ଅଂଶ କରାଯାଉଛି । ତଥାପି ଏହି ସରକାରୀ ଯୋଜନାଗୁଡ଼ିକୁ କେବଳ କାଗଜପତ୍ର ମଧ୍ୟରେ ସୀମିତ ନରଖି ଗ୍ରାମାଞ୍ଚଳର ପ୍ରତ୍ୟେକଟି ବିଦ୍ୟାଳୟ ସ୍ତରରେ ଦୃଢ଼ତାର ସହ କାର୍ଯ୍ୟକାରୀ କରିବା ଏବଂ ବିଦ୍ୟାଳୟରେ ପେଶାଦାର ମାନସିକ ପରାମର୍ଶଦାତା (Counselor) ନିଯୁକ୍ତ କରିବା ସରକାରୀ ଶିକ୍ଷା ପ୍ରଣାଳୀ ପାଇଁ ବର୍ତ୍ତମାନ ସମୟର ସବୁଠାରୁ ବଡ଼ ଆହ୍ୱାନ ପାଲଟିଛି ।

ଏହି ସମସ୍ୟାକୁ ଅଧିକ ଜଟିଳ, ସାଂଘାତିକ ଏବଂ ବେଗଗାମୀ କରୁଛି ଆମର ପାରିବାରିକ ମନୋଭାବ ଓ ସାମାଜିକ ସଂସ୍କୃତି, ଯେଉଁଠାରେ ଅଭିଭାବକମାନଙ୍କର ଅମାପ, ଅଯୌକ୍ତିକ, ଦୂରଦୃଷ୍ଟିସମ୍ପନ୍ନମୂଳକ ମାହତ୍ୱାକାଂକ୍ଷା ଅନେକ ସମୟରେ ସୁକୁମାର ପିଲାମାନଙ୍କ ପାଇଁ ଅଭିଶାପ ପାଲଟିଯାଏ । ବାପା-ମାଆମାନେ ନିଜ ଜୀବନର ଅପୂର୍ଣ୍ଣ ସ୍ୱପ୍ନ, ହାସଲ ହୋଇପାରିନଥିବା ଆକାଂକ୍ଷା ଓ ସାମାଜିକ ଅସଫଳତାକୁ ନିଜ ସନ୍ତାନମାନଙ୍କ ଉପରେ ଜୋର ଜବରଦସ୍ତ ଲଦି ଦିଅନ୍ତି ଏବଂ ସମାଜରେ ପ୍ରତି ମୁହୂର୍ତ୍ତରେ ଚାଲିଥିବା ନିର୍ମମ ତୁଳନାତ୍ମକ ମନୋଭାବ ପିଲାଟିର ଅନ୍ତର୍ନିହିତ ଆତ୍ମବିଶ୍ୱାସକୁ ସମ୍ପୂର୍ଣ୍ଣ ରୂପେ ଦୋହଲାଇ ଦିଏ । ସମକକ୍ଷଙ୍କ ସହ ଏହି ଅସୁସ୍ଥ, କ୍ରୁର ପ୍ରତିଯୋଗିତା ଶିକ୍ଷାର୍ଥୀକୁ ଏକ ଅସମାପ୍ତ ମାନସିକ ଯୁଦ୍ଧକ୍ଷେତ୍ରକୁ ଠେଲିଦିଏ, ଯେଉଁଠାରେ ସାମାନ୍ୟ ପଛରେ ପଡ଼ିଯିବାର କାଳ୍ପନିକ ଭୟ ତାକୁ ପ୍ରତି ମୁହୂର୍ତ୍ତରେ ଦଂଶନ କରିଥାଏ । ଆଧୁନିକ ଟେକ୍ନୋଲୋଜି, ସ୍ମାର୍ଟଫୋନ୍ ?ର ସମ୍ମ ?ହନ ଓ ସାଇବର ଦୁନିଆର ଅନିୟନ୍ତ୍ରିତ ପ୍ରଭାବ ଏହି ଅଗ୍ନିରେ ଘୃତ ଆହୁତି ସଦୃଶ କାର୍ଯ୍ୟ କରି ପିଲାମାନଙ୍କୁ ପ୍ରକୃତିର ଶାନ୍ତ ସ୍ପର୍ଶ, ପାରମ୍ପରିକ ଖେଳକୁଦ ଓ ବାସ୍ତବ ସାମାଜିକ ସମ୍ପର୍କ ଠାରୁ ସମ୍ପୂର୍ଣ୍ଣ ବିଚ୍ଛିନ୍ନ କରିଦେଉଛି, ଯାହା ସେମାନଙ୍କୁ ନିଜ ପରିବାର ଏବଂ ନିଜ ଆତ୍ମୀୟମାନଙ୍କ ଠାରୁ ଦୂରେଇ ନେଇ ଏକ ଗଭୀର ନିଃସଙ୍ଗ ଗହ୍ୱର ଓ ଛଦ୍ମ ଦୁନିଆ ଆଡ଼କୁ ଆକର୍ଷିତ କରୁଛି ।

ଏହି ଦୁର୍ବାର, ଦୀର୍ଘସ୍ଥାୟୀ ତଥା ଅଦୃଶ୍ୟ ମାନସିକ ଚାପର ଭୟାବହ ପରିଣାମ ସ୍ୱରୂପ ଆଜିର ଛାତ୍ରଛାତ୍ରୀମାନଙ୍କ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟରେ ସାଂଘାତିକ ବିପର୍ଯ୍ୟୟ ଓ ଅବକ୍ଷୟ ଦେଖାଯାଉଛି, ଯାହା ସେମାନଙ୍କ ବ୍ୟବହାରରେ ତୀବ୍ର ମାନସିକ ଅସ୍ଥିରତା, ଅହେତୁକ ଚିଡ଼ିଚିଡ଼ି ଭାବ, ସାମାନ୍ୟ କଥାରେ କ୍ରୋଧ, ମାନସିକ ବିକ୍ଷିପ୍ତତା ଏବଂ ଧୈର୍ଯ୍ୟହୀନତା ଆକାରରେ ପ୍ରକାଶ ପାଉଛି । ଏହା ସହିତ ଭୟାବହ ଅନିଦ୍ରା, ଦୀର୍ଘକାଳୀନ ମୁଣ୍ଡବିନ୍ଧା, ଭୋକ ନହେବା, ଶରୀରର ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ପାଇବା ଏବଂ କ୍ରମାଗତ କ୍ଲାନ୍ତି ଓ ଅବସାଦ ଭଳି ଶାରୀରିକ ବ୍ୟାଧି ସେମାନଙ୍କ ତେଜସ୍ୱିତାକୁ କ୍ଷୀଣ କରିଦେଉଛି ଏବଂ ଯେତେବେଳେ ଏହି ଅସହ୍ୟ ମାନସିକ ବୋଝ ସହ୍ୟ ସୀମାର ସର୍ବୋଚ୍ଚ ସୀମା ପାର୍ ହୋଇଯାଏ, ସେତେବେଳେ ପିଲାମାନେ ଜୀବନ ପ୍ରତି ବିତୃଷ୍ଣା ଭାବ ପୋଷଣ କରି ଚରମ ନିରାଶାର ବଶବର୍ତ୍ତୀ ହୋଇ ଅତ୍ୟନ୍ତ ଦୁଃଖଦାୟକ ଓ ଆତ୍ମଘାତୀ ପଦକ୍ଷେପ ଗ୍ରହଣ କରିବାକୁ ମଧ୍ୟ ପଛାନ୍ତି ନାହିଁ, ଯାହା ଯେକୌଣସି ପ୍ରଗତିଶୀଳ ସଭ୍ୟ ସମାଜ ପାଇଁ ଅତ୍ୟନ୍ତ ଲଜ୍ଜାଜନକ ଏବଂ ଚିନ୍ତାଜନକ ବିଷୟ ଅଟେ ।

ଏଭଳି ଜଟିଳ ମାନସିକ ସଙ୍କଟଜନକ ପରିସ୍ଥିତିରୁ ଆମର ଆଗାମୀ ଭବିଷ୍ୟତ ପିଢ଼ିକୁ ମୁକ୍ତ କରିବା ପାଇଁ ସର୍ବପ୍ରଥମେ ଅଭିଭାବକମାନଙ୍କୁ ନିଜର ସଂକୀର୍ଣ୍ଣ ପାରମ୍ପରିକ ମାନସିକତା ବଦଳାଇବାକୁ ହେବ ଏବଂ ପିଲାଙ୍କ ସହ ସ୍ନେହପୂର୍ଣ୍ଣ ଓ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ସ୍ଥାପନ କରି ସେମାନଙ୍କୁ ବାରମ୍ବାର ଏହା ବିଶ୍ୱାସ ଦେବାକୁ ହେବ ଯେ ଜୀବନର ଯାତ୍ରାରେ ପରୀକ୍ଷାର ମାର୍କ ଅପେକ୍ଷା ସେମାନଙ୍କର ଅସ୍ତିତ୍ୱ, ସ୍ୱାସ୍ଥ୍ୟ ଏବଂ ଆନ୍ତରିକ ଖୁସି ଅତି ଗୁରୁତ୍ୱପୂର୍ଣ୍ଣ । ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକ ମଧ୍ୟ କେବଳ ଯାନ୍ତ୍ରିକ ଢଙ୍ଗରେ ପାଠ୍ୟକ୍ରମ ସମାପ୍ତ କରିବା ଓ ପରୀକ୍ଷା ଶେଷ କରିବା ମାନସିକତାରୁ ଊର୍ଦ୍ଧ୍ୱକୁ ଉଠି ପାଠ୍ୟକ୍ରମ ସହିତ ଖେଳକୁଦ, ସୃଜନଶୀଳ କଳା, ସଙ୍ଗୀତ, ସାହିତ୍ୟ ଚର୍ଚ୍ଚା ଏବଂ ପେଶାଦାର ମନସ୍ତାତ୍ତ୍ୱିକ କାଉନସେଲିଂ ବ୍ୟବସ୍ଥାକୁ ବିଦ୍ୟାଳୟ ପରିସର ମଧ୍ୟରେ ଅନିବାର୍ଯ୍ୟ କରିବା ଆବଶ୍ୟକ । ଛାତ୍ରଛାତ୍ରୀମାନେ ନିଜେ ମଧ୍ୟ ନିଜର ଦୈନନ୍ଦିନ ଜୀବନଶୈଳୀରେ ସନ୍ତୁଳନ ରକ୍ଷା କରି ପ୍ରତିଦିନ ସଠିକ୍ ସମୟରେ ଶୋଇବା, ପ୍ରକୃତି ସହ ସମୟ ବିତାଇବା, ପୁଷ୍ଟିକର ପ୍ରାକୃତିକ ଖାଦ୍ୟ ଗ୍ରହଣ କରିବା ଏବଂ ମନ ଓ ଶରୀରକୁ ପ୍ରଶାନ୍ତ ଓ ସ୍ଥିର ରଖିବା ପାଇଁ ପ୍ରତିଦିନ କିଛି ସମୟ ଶାରୀରିକ ବ୍ୟାୟାମ କିମ୍ବା ଯୋଗ ଓ ଗଭୀର ପ୍ରାଣାୟାମ କରିବା ଅତ୍ୟନ୍ତ ଆବଶ୍ୟକ ।

ସର୍ବୋପରି, ଆଜିର ଯୁବପିଢ଼ି ହିଁ ଆମ ରାଷ୍ଟ୍ରର ପ୍ରକୃତ ସମ୍ପଦ, ଅଖଣ୍ଡ ମେରୁଦଣ୍ଡ, ସମୃଦ୍ଧିର ପ୍ରତୀକ ଏବଂ ଆଗାମୀ କାଲିର ବିଶ୍ୱ ନେତୃତ୍ୱ ହୋଇଥିବାରୁ, ଯଦି ଦେଶର ଏହି ଅମୂଲ୍ୟ ଭବିଷ୍ୟତ ହିଁ ମାନସିକ ଭୟ, ପ୍ରତିଯୋଗିତାର ଚିନ୍ତା ଓ ଅବସାଦର ଘନ କଳା କୁହୁଡ଼ି ଭିତରେ ନିଜ ସ୍ୱପ୍ନ ହରାଇ ବସିବ, ତେବେ ଏକ ସୁସ୍ଥ, ସଶକ୍ତ, ଝାନ୍ତିପୂର୍ଣ୍ଣ ଏବଂ ପ୍ରଗତିଶୀଳ ମାନବ ସମାଜର କଳ୍ପନା କରିବା ସମ୍ପୂର୍ଣ୍ଣ ବୃଥା ଓ ନିରର୍ଥକ ଅଟେ । ମାର୍କର ଅନ୍ଧ ଦୌଡ଼ରେ ସେମାନଙ୍କ ସୁନ୍ଦର, କୋମଳ ଓ ସ୍ୱପ୍ନିତ ଜୀବନକୁ ଏକ ରୋବୋଟିକ୍ ପ୍ରତିଯୋଗିତାର କଂସେଇଖାନାରେ ପରିଣତ ନକରି, ସେମାନଙ୍କୁ ଏକ ସ୍ୱାଧୀନ, ଭୟମୁକ୍ତ, ଆନନ୍ଦଦାୟକ ଏବଂ ପ୍ରେ ?ଣାଦାୟୀ ଚାପମୁକ୍ତ ଶିକ୍ଷା ପରିବେଶ ପ୍ରଦାନ କରିବା ଆମ ସମସ୍ତଙ୍କର ସାମୂହିକ ସାମାଜିକ ଦାୟିତ୍ୱ ତଥା ପରମ କର୍ତ୍ତବ୍ୟ, ଯେପରି ପ୍ରତ୍ୟେକ ଶିକ୍ଷାର୍ଥୀର ଜୀବନ କେବଳ ପାଠ୍ୟପୁସ୍ତକର ଶବ୍ଦରେ ନୁହେଁ ବରଂ ପ୍ରକୃତ ଜ୍ଞାନର ଆଲୋକରେ ଉଦ୍ଭାସିତ ହେବ ଏବଂ ମାନସିକ ଚାପର କଳାବାଦଲରୁ ସଦା ସର୍ବଦା ମୁକ୍ତ ରହି ବିଶ୍ୱ ଦରବାରରେ ଜୟଯାତ୍ରା କରିପାରିବ ।

ଶିକ୍ଷକ ମୁକ୍ତେଶ୍ୱର ପଂଚାୟତ ରାଜ ଉଚ୍ଚବିଦ୍ୟାଳୟ, ଜଗତସିଂହପୁର ।

# ସାମାଜିକ , ଆର୍ଥିକ ଓ ରାଜନୈତିକ ପରିସ୍ଥିତି(୨)

**ପଙ୍କଜ କୁମାର ପାଣିଗ୍ରାହୀ**

ଗଭୀର ଶିକ୍ଷା ଓ ଅସୀମ ଆର୍ଥିକ ସମ୍ଭାର ମଧ୍ୟରେ ରହିଥିବା ଜଣେ ଆଦିବାସୀ ପରିବାର ସହିତ- କୌଣସି ଦଳିତ ପରିବାର, ପାରିବାରିକ ସଂପର୍କ ସ୍ଥାପନ କରିବା ପାଇଁ ସ୍ୱଇଚ୍ଛାରେ ଗ୍ରହଣ କରିପାରିବେ କି ? ସେମିତି ଦଳିତ ପରିବାର ସହିତ ଅନ୍ୟାନ୍ୟ ପଛୁଆ ବର୍ଗର ପାରିବାରିକ ସମ୍ବନ୍ଧ ସମ୍ଭବ ହେବ କି । ଏହା ଅନୁସନ୍ଧାନ ସାପେକ୍ଷ । ଆମ ଅନୁମାନରେ ଏହା ଆଦୌ ସମ୍ଭବ ନୁହେଁ । ୮୦ ବର୍ଷର ଆରକ୍ଷଣ ପାଇବା ପରେ ଏକବିଂଶ ଶତାବ୍ଦୀରେ ଯଦି ସେମାନଙ୍କ ମଧ୍ୟରେ ମାନସିକତାରେ କୌଣସି ପରିବର୍ତନ ହେଉନାହିଁ ତାହେଲେ ସବର୍ଣ୍ଣ ସହିତ ସେମାନଙ୍କ ପାରିବାରିକ ସଂପର୍କ ଯୋଡିବା ବିଷୟ ଭାବନା ବହିର୍ଭୁତ ରହିବା କଥା । ଠିକ ସେହିଭଳି ପଛୁଆ ବର୍ଗର ସବୁ ଗୋଷ୍ଠୀ ମଧ୍ୟରେ ପାରିବାରିକ ସଂର୍ପକ ସ୍ଥାପନ ହେଉନଥିବା ମଧ୍ୟ କୌଣସି ଅଲୌକିକ ଆଶ୍ଚର୍ଯ୍ୟ ବିଷୟ ନୁହେଁ ଯାହା ଆମେ ସମସ୍ତେ ଦେଖୁଛେ, ଜାଣିଛେ । ଭିନ୍ନ ସ୍ୱରର ମତଦାତାଙ୍କୁ ଏହା ପଚାରିବା ଆବଶ୍ୟକ ଯେ ସେମାନେ ଏହା ସମ୍ଭବ କରି ଦେଖାଇ ପାରିବେ କି ? ଏହା ପଛର ରହସ୍ୟ- କେବଳ ଭିନ୍ନ ଭିନ୍ନ ଗୋଷ୍ଠିଗତ ସାମାଜିକ / ପାରିବାରିକ ସଂସ୍କାର ଜନିତ ସ୍ୱାଭିମାନ କାରଣରୁ । ଏଠାରେ ସଦ୍ୟ ପ୍ରମାଣିତ ହୁଏ ଯେ କେତେ ଶିକ୍ଷାଗତ ଯୋଗ୍ୟତା ହେଉ କି ଆର୍ଥିକ ସ୍ୱଚ୍ଛଳାବସ୍ଥା ରହିଥିଲେ ମଧ୍ୟ ସମଭାବାପନ୍ନ ବୈଚାରିକ ସଂସ୍କାରର ତାଳମେଳ ନହେବା ପର୍ଯ୍ୟନ୍ତ ଗୋଷ୍ଠିଗତ ବୈଷମ୍ୟତା ଦୂର ହେବନାହିଁ । ଏହି ପରୀକ୍ଷା ଆସନ୍ତା ୫୦୦୦ ବର୍ଷ ପର୍ଯ୍ୟନ୍ତ ବଳବତ୍ତର ରହିଲେ ମଧ୍ୟ ମାନସିକ ସ୍ତରରେ ପରିବର୍ତନ କରିବା ସମ୍ଭବ ହେବନାହିଁ ଯାହା ଏକ ପ୍ରାକୃତିକ ମନସ୍ତତ୍ତ୍ୱ । ତେଣୁ ଶିକ୍ଷା ଓ ସଂସୋଧନ; ସାମାଜିକ ବୈଷମ୍ୟତାର କାରଣ ନୁହେଁ ବୋଲି ସମସ୍ତେ ବୁଝିବାକୁ ହେବ । ଭାରତରେ ସାମାଜିକ ବୈଷମ୍ୟତାର ଏକମାତ୍ର କାରଣ ହେଉଛି ଗୋଷ୍ଠିଗତ ବୈଚାରିକ ସଂସ୍କାର ଯାହା ପ୍ରତ୍ୟେକ ଗୋଷ୍ଠୀର ସ୍ୱତନ୍ତ୍ରତାର ପରିଚୟ ଦିଏ । ଏମିତି କି ତଥା କଥିତ ସବର୍ଣ୍ଣଙ୍କ ମଧ୍ୟରେ ଅନେକ ଗୋଷ୍ଠିଗତ ବୈଷମ୍ୟତା ରହିଛି ଯାହା ସେମାନଙ୍କ ମଧ୍ୟରେ ମଧ୍ୟ ପାରିବାରିକ ସଂର୍ପକକୁ ଅସ୍ୱୀକାର କରିଥାଏ । ଅର୍ଥାତ ଏଠାରେ ପଛୁଆ-ସବର୍ଣ୍ଣ ମଧ୍ୟରେ କେବଳ ଗୋଷ୍ଠିଗତ ବିଭେଦ ରହିଥବା ନୁହେଁ; ବରଂ ପ୍ରତ୍ୟେକ ସ୍ୱତନ୍ତ୍ର ଗୋଷ୍ଠୀଙ୍କ ମଧ୍ୟରେ ଅନେକ ବିଭେଦତା ଦେଖିବାକୁ ମିଳେ ଯାହା ସବୁ ସମାପ୍ତ ହେବାପାଇଁ ହୁଏତ କେତେଯେ ବର୍ଷ ଲାଗିବ - କିମ୍ବା ହେବ କି ନାହିଁ ମଧ୍ୟ ଆକଳନ କରିବା ସମ୍ଭବ ନୁହେଁ ।

ଉପସ୍ଥିତ ସମୟର ସାମାଜିକ ଆବଶ୍ୟକତା :

ସାମାଜିକ ମାନ୍ୟତା ଓ ଗ୍ରହଣୀୟତା କ୍ଷେତ୍ରରେ ଶିକ୍ଷା କିମ୍ବା ଆର୍ଥିକ ସମୃଦ୍ଧି ଆଦୌ ସହଯୋଗ କରିବ ନାହିଁ; ଯେପର୍ଯ୍ୟନ୍ତ ମଣିଷର ବୌଦ୍ଧିକ ଚେତନା ଜାଗ୍ରତ ହୋଇନାହିଁ । ଅତଏବ ଉପସ୍ଥିତ ଆରକ୍ଷଣ ବ୍ୟବସ୍ଥା ଯଦି ପଛୁଆ ବର୍ଗଙ୍କୁ କେବଳ ଶିକ୍ଷା ଏବଂ ତା ମାଧ୍ୟମରେ ରୋଜଗାର ଦେବା ଲକ୍ଷ ରଖିଥାଏ ଏବଂ ସାମାଜିକ ଅସମାନତା ଉପରେ କୌଣସି ଆବଶ୍ୟକତା ନଥାଏ ତାହେଲେ ଏହା ରହିବା କୌଣସି ଅଯୌକ୍ତିକ ନୁହେଁ । ଏହିଭଳି ବ୍ୟବସ୍ଥା ମାଧ୍ୟମରେ ୫୦୦୦ ବର୍ଷ ଅପେକ୍ଷା କଲେ ମଧ୍ୟ ସେମାନଙ୍କ ସାମାଜିକ ଭେଦଭାବ ଜନିତ ଅଗ୍ରହଣୀୟତା ସମାପ୍ତ ହେବା ସମ୍ଭାବନା ଦିଶୁନାହିଁ । କାରଣ ପୂର୍ବରୁ ଆମେ ଅନୁଶୀଳନ କରିଛେ ଯେ ସାମାଜିକ ଭେଦଭାବ / ମାନ୍ୟତା; ଶିକ୍ଷା ଆଉ ରୋଜଗାର ନୁହେଁ ବରଂ ବୌଦ୍ଧିକ ଚେତନାରେ ସଂସ୍କାର ଜନିତ ହେଉଥିବା ପରିଦୃଷ୍ଟିତ ।

ବର୍ତମାନ କଥା ଆସିଲା ଯେ ଆମେ ସେମାନଙ୍କ ସାମାଜିକ ଭେଦଭାବ ସମାପ୍ତ କରି / ମାନ୍ୟତା ବିକାଶ କରିବା ଲକ୍ଷ ରଖି କାର୍ଯ୍ୟ କରିବା ବିଧେୟ କି ନୁହେଁ । ପୂର୍ବରୁ ଯେଉଁମାନେ ଉପସ୍ଥିତ ବ୍ୟବସ୍ଥା ଉପରେ ଦୃଷ୍ଟିପାତ କରିଥିଲେ ସେମାନଙ୍କ ଏହି ବିଚାର ରହିଥିଲା କି ନାହିଁ ? କେବଳ ଶିକ୍ଷା ଏବଂ ରୋଜଗାର ଦେଇ ସମାଜରେ ଅସମାନତା / ଭେଦଭାବ ରହିବା ଦ୍ୱାରା ରାଷ୍ଟ୍ରୀୟ ବିକାଶରେ ଏକତା ସୃଷ୍ଟି ହେବା ସମ୍ଭାବନାକୁ ସେମାନେ କିପରି ଦେଖିଥିଲେ । ନା ସବୁ ଜାଣିଶୁଣି କୌଣସି ସ୍ୱାର୍ଥ ଉଦ୍ଦେଶ୍ୟରେ ଏଭଳି ବ୍ୟବସ୍ଥା ଲାଗୁ କରିଥିଲେ । ଅଥବା ବୌଦ୍ଧିକ ସଂସ୍କାର ଜାଗ୍ରତ କରି ପଛୁଆ ବର୍ଗଙ୍କ ଉତ୍ଥାନ କରିବା ମାର୍ଗ ଦିଶୁନଥିଲା ସେମାନଙ୍କୁ । କିମ୍ବା ଅନ୍ୟ କୌଣସି ସାମାଜିକ ପ୍ରତିବନ୍ଧକ ରହିଥିଲା ତା ଉପରେ ଆଲୋଚନା କରିବା ପାଇଁ । ନା ଏହା ଏକ ରାଜନୈତିକ ସ୍ୱାର୍ଥାନ୍ଧ ବ୍ୟବସାୟର ପରିପନ୍ଥୀ ସାଜିଲା । ଏହା ରାଷ୍ଟ୍ରୀୟ ବିକାଶ ମାଗଦର୍ଶୀ ନା ଏକ ସ୍ୱତନ୍ତ୍ର ଗୋଷ୍ଠିଗତ ସ୍ୱାର୍ଥ ପାଇଁ ଆଧାରିତ । ଏମିତି ଅସଂଖ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୁଏ ମନରେ ଯେ ଏହି ଆରକ୍ଷଣ ବ୍ୟବସ୍ଥା ପ୍ରକୃତରେ ସର୍ବସାଧାରଣଙ୍କ ଓ ରାଷ୍ଟ୍ରୀୟ ବିକାଶର ବାର୍ତ୍ତାବହ ନା ସେମାନଙ୍କ ଅବନତିର ପନ୍ଥା ।

ଏସବୁର ଉତ୍ତର ନପାଇବା ପର୍ଯ୍ୟନ୍ତ ଉପସ୍ଥିତ ଆରକ୍ଷଣ ବ୍ୟବସ୍ଥା ଉପରେ ଆଲୋଚନା କରିବା ସଂପୂର୍ଣ୍ଣ ବ୍ୟର୍ଥ ହୋଇପାରେ ବୋଲି ଆମ ବିଚାର । ବୌଦ୍ଧିକ ବିକାଶର ମାଧ୍ୟମ କଣ ଏବଂ ତହିଁରୁ ପଛୁଆ ବର୍ଗ କେମିତି ଓ କାହିଁକି ବିରତ ରହିଛନ୍ତି- ଅଧିକନ୍ତୁ କଣ କରାଗଲେ ସେମାନେ ସମାନ୍ତରାଳ ହୋଇପାରିବେ । ଉପସ୍ଥିତ ଆରକ୍ଷଣ ବ୍ୟବସ୍ଥା ତାପାଇଁ କେତେଦୂର ଉପଯୁକ୍ତ; ନା ଅନ୍ୟ କୌଣସି ଉପାୟରେ ତାହା ସମ୍ଭବ ବିଚାର କରାଯିବା ଆବଶ୍ୟକ ।

ଗୋଷ୍ଠିଗତ ସ୍ୱାର୍ଥ ଉଦ୍ଦେଶ୍ୟରେ ବ୍ୟବହାର :

ଆମ ଦେଶର ସାମ୍ବିଧାନିକ ମାଧୁର୍ଯ୍ୟତା କାରଣରୁ ପ୍ରାରମ୍ଭରୁ ଏପର୍ଯ୍ୟନ୍ତ କେତେଯେ ମହାନ ବ୍ୟକ୍ତିତ୍ୱ ଅଦ୍ୟାବଧି ଆଶାତୀତ ପ୍ରଗତିର ପ୍ରଳୟ ସୃଷ୍ଟି କରି ଆସୁଛନ୍ତି - ତା ଉପରେ କୌଣସି ମନ୍ତବ୍ୟ ଦେବା ଆବଶ୍ୟକ ନାହିଁ ବରଂ ସମସ୍ତେ ଭୁକ୍ତଭୋଗୀ । ଉପର ଚର୍ଚ୍ଚିତ ବିଷୟ ଗୁଡିକୁ ସାମାନ୍ୟ ନିରବ ଅନୁଧ୍ୟାନ କରି ବିଶ୍ଳେଷଣ କଲେ ବୁଝି ହେଉଛି ଯେ ଉପସ୍ଥିତ ଆରକ୍ଷଣ ବ୍ୟବସ୍ଥାର ରୂପରେଖ କେବଳ ଏକ ପ୍ରୟୋଗାତ୍ମକ ନମୁନା ଭାବେ ଯୋଜନା ପ୍ରସ୍ତାବିତ କରାଯାଇ ଥିଲା । ତାପରେ ତା'ର ଫଳାଫଳକୁ ସୂକ୍ଷ୍ମଭାବେ ଯାଞ୍ଚ କରି ଆଗକୁ ବଢିବା ଲକ୍ଷ ରଖାଯାଇଥିଲା ।

ସମୟର ଧାରାରେ ପ୍ରୟୋଗକାରୀ ତ ସଂସାର ପରିତ୍ୟାଗ କଲେ- ହେଲେ ଯୋଜନାର ସମୟ ଅବଧି ଅନ୍ତେ ତାହାର ଫଳାଫଳ ଉପରେ କୌଣସି ବିଶ୍ଳେଷଣାତ୍ମକ ଯାଞ୍ଚ ନକରି; ଆଗନ୍ତୁକ ଏହି କାର୍ଯ୍ୟର ବିନିଯୋଗ ହୁଏତ ଦଳୀୟ ସ୍ୱାର୍ଥକୁ ଆଧାର କରି ତା'ର ସମୟ ସୀମା ବୃଦ୍ଧି କରିବାରେ ଲାଗିଲେ । ବର୍ତମାନ ସୁଦ୍ଧା ଏହି ଯୋଜନାର ଶେଷ ସଫଳତା ଉପରେ କୌଣସି ଶ୍ୱେତପତ୍ର ଜାରି କରାଯାଇ ନାହିଁ । ଏହା ସାମାଜିକ ଅବଶ୍ୟକତାର ମୂଳ ଆଧାରକୁ ସଂପୂର୍ଣ୍ଣ କରୁଛି କି ନାହିଁ ତାର ବିଶ୍ଳେଷଣାତ୍ମକ ଆଲୋଚନା ହୋଇନାହିଁ । ପୁନର୍ବାର -ସମୟ ଅବଧି ସହିତ ଅନେକ ଆଇନ କାନୁନ ଯୋଡି ଯୋଜନାର ଭିତ୍ତି ଭୂମିକୁ ସୁଦୃଢ଼ କରାଯିବାରେ କାହାର ସ୍ୱାର୍ଥ ସାଧନ ହେଉଛି ଦେଖିବା ଜରୁରୀ ।

ଏହାଦ୍ୱାରା ସମାଜରେ ଜାତିଗତ / ଗୋଷ୍ଠିଗତ ବୈଷମ୍ୟତା ଦୂର ହେଉଛି / ହେବ କି । ସଂପୂର୍ଣ୍ଣ ଅସମ୍ଭବ ଆମେ ଯାହାର ବିଶ୍ଳେଷଣାତ୍ମକ ଅନୁଶୀଳନ କରି ଦେଖିଛେ ପୂର୍ବରୁ । ଏହାଦ୍ୱାରା ସମଗ୍ର ପଛୁଆ ବର୍ଗ ସମୂହଙ୍କ ସାମାଜିକ / ଆର୍ଥିକ / ବୌଦ୍ଧିକ ବିକାଶ ହୋଇଛି / ହେଉଛି କି । ଏହାଦ୍ୱାରା ରାଷ୍ଟ୍ରୀୟ ବିକାଶରେ ସହଯୋଗ ମିଳିଛି / ମିଳୁଛି କି ? ପରୀକ୍ଷା କରି ଦେଖାଯିବା ଆବଶ୍ୟକ । ଯଦି ଏସବୁ ପ୍ରଶ୍ନର ଉତ୍ତରରେ ଯୁକ୍ତାତ୍ମକ / ଯୌକ୍ତିକ ଉତ୍ତର ମିଳିବ ତାହେଲେ ଏହି ଯୋଜନାକୁ ବଳବତ୍ତର ରଖାଯିବା ବିଧେୟ । ଯଦି ନାହିଁ ତାହେଲେ ରାଷ୍ଟ୍ରୀୟ ମର୍ଯ୍ୟାଦା ଓ ବିକାଶ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରି ଏହାର ସଂଶୋଧନାତ୍ମକ ପରିବର୍ତନ କରାଯିବା ଏକାନ୍ତ ଆବଶ୍ୟକ ।

ସିଦ୍ଧାନ୍ତ:

ରାଜନୈତିକ ସ୍ୱାର୍ଥ ଦୃଷ୍ଟିକୋଣରେ ରଖି ଏହି ଯୋଜନା ଉପରେ ଦିଆଯାଉଥିବା କାହାର କୌଣସି ପ୍ରକାର ମନ୍ତବ୍ୟ ଆଦୌ ଗ୍ରହଣୀୟ ନୁହେଁ । ଏହି ସବୁ ବିଷୟ ଉପରେ ପୁଙ୍ଖାନୁପୁଙ୍ଖ ତର୍ଜମା କରିବା ପରେ ରାଜନୈତିକ ଇଚ୍ଛାଶକ୍ତି ଉପରେ ନିର୍ଭର ନକରି ଦେଶର ସାମ୍ବିଧାନିକ ଆଇନ ମାଧ୍ୟମରେ ସଂଶୋଧନ କରାଯିବା ଆବଶ୍ୟକ । ଏଥିରେ ସବୁ ବର୍ଣ୍ଣର ଲୋକଙ୍କୁ ଆହ୍ୱାନ କରି ସଂଶ୍ଳିଷ୍ଟ କରାଯିବା ଆବଶ୍ୟକ । ଏହା କୌଣସି ଗୋଟିଏ କିମ୍ବା କେତେକ ଗୋଷ୍ଠୀଙ୍କୁ ପ୍ରଭାବିତ ନକରି ସମଗ୍ର ଦେଶବାସୀଙ୍କୁ ପ୍ରଭାବିତ କରୁଥିବା ବିଶେଷ ବିଶ୍ଳେଷଣାତ୍ମକ ମନ୍ତବ୍ୟ ପ୍ରଦାନ କରାଯିବା ଗୁରୁତ୍ୱପୂର୍ଣ୍ଣ । ରାଜନୈତିକ ସ୍ୱାର୍ଥାନ୍ଧ ସାଧାରଣ ନିର୍ବୋଧଙ୍କୁ ଅଯୌକ୍ତିକ / ବିପରୀତମୁଖୀ ଚେତନା ପ୍ରଦାନ ପୂର୍ବକ ମାନସିକ ଅସନ୍ତୁଳନ ସୃଷ୍ଟି କରୁଥିବା ଦେଖିବାକୁ ମିଳୁଛି । ସାଧାରଣ ନିର୍ବୋଧ ସେମାନଙ୍କ ସ୍ୱାର୍ଥାନ୍ଧ ମୁଖା ଆଢୁଆଳର ଅସଲ ଚେହେରା ଦେଖିବାରେ ଅସମର୍ଥ ରହି ; ସେମାନଙ୍କ ଷଡ଼ଯାନ୍ତ୍ରୀକ ଭାଷଣରେ ଉତକ୍ଷିପ୍ତ ହେଉଥିବା ଦେଖିବାକୁ ମିଳୁଛି । ସମଗ୍ର ଦେଶବାସୀଙ୍କ ସ୍ୱାର୍ଥରେ ଗୋଷ୍ଠିଗତ ସ୍ୱାର୍ଥ ଜନିତ ଲାଭାଂଶ ଅଧିଗ୍ରହଣ କରାଯାଉଥିବା ବିଷୟର ପର୍ଦାଫାଶ କରାଯିବା ଅତ୍ୟନ୍ତ ଜରୁରୀ ।

ଏଠାରେ ଏକ ସାମାନ୍ୟ ଉଦାହରଣ ନେଇ ବୁଝିବାକୁ ହେବ ଯେ ଯଦି ଆରକ୍ଷଣ ମାଧ୍ୟମରେ ନିମ୍ନ ସ୍ତରର ଜଣେ ଛାତ୍ରକୁ କୌଣସି ସାର୍ବଜନୀନ କ୍ଷେତ୍ରରେ ନିୟୋଜିତ କରାଯିବ— ତାହେଲେ ସେହି ବ୍ୟକ୍ତିର ବ୍ୟକ୍ତିଗତ ପାରିବାରିକ ସମସ୍ୟା ଦୂର ହୋଇଯାଇ ପାରେ । କିନ୍ତୁ ତାର କାର୍ଯ୍ୟକ୍ଷମତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେବା ଦ୍ୱାରା; ତା ନିଜ ପରିବାର, ସଂପ୍ରଦାୟ ସହିତ ସର୍ବସାଧାରଣଙ୍କ କ୍ଷତି ହେବା ସହିତ ରାଷ୍ଟ୍ରୀୟ ପ୍ରଗତିରେ ବାଧକ ହେବ ଯାହା ହୁଏତ ଆମ ଦେଶକୁ ପଶ୍ଚାତ୍ପଦ କରିବ । ତେଣୁ ସାର୍ବଜନୀନ କ୍ଷେତ୍ରରେ ଉପଯୁକ୍ତ କ୍ଷମତା ଆଧାରରେ ନିୟୋଜନ ବ୍ୟବସ୍ଥା ଗୋଟିଏ ରାଷ୍ଟ୍ର ଗଠନର ମୂଳଦୁଆ ହୋଇଥାଏ । ଆରକ୍ଷିତ ଆସନ ତାର ବିପରୀତରେ କାର୍ଯ୍ୟ କରିଥାଏ ଯାହା ସର୍ବସାଧାରଣଙ୍କ କ୍ଷତିର କାରଣ ହେବା ସହିତ ରାଷ୍ଟ୍ରୀୟ ବିକାଶକୁ ବାଧିତ କରିଥାଏ । ସେମିତି ହେଉଛି ମଧ୍ୟ ଯାହା ସବୁ ଆମେ ସମସ୍ତେ ଦେଖି ଆସୁଅଛେ ।

ପରାର୍ମଶ :

ସୁଚିନ୍ତିତ ମାନବିକ ବିଚାର ମଧ୍ୟରେ ଉପରୋକ୍ତ ସମସ୍ତ ବିଷୟ ଗୁଡିକୁ ଅନୁଧ୍ୟାନ କରି ଦେଖିଲେ ଜାଣି ହେଉଛି ଯେ; ଆରମ୍ଭରୁ ଅଦ୍ୟାବଧି- ରାଷ୍ଟ୍ରୀୟ ନାଗରିକ ସମୁହଙ୍କୁ ଏକାକାର ନକରି ବିଭାଜିତ କରାଯାଇ ଆସୁଅଛି । ଏହା କୌଣସି ଗୋଷ୍ଠୀ / ସମୂହ ଦ୍ୱାରା ହେଉ, କିମ୍ବା ରାଜନୈତକ ଦଳୀୟ ସ୍ୱାର୍ଥ କାରଣରୁ- କୌଣସିମତେ ଗ୍ରହଣୀୟ ନୁହେଁ । ଆଜି ଏକବିଂଶ ଶତାବ୍ଦୀରେ ପୃଥିବୀର ସର୍ବ ପ୍ରଥମ ସଭ୍ୟତାର ଧ୍ୱଂସାଭିମୂଖୀ ପରିସ୍ଥିତିକୁ ଗ୍ରହଣ କରାଯିବା ଆଦୌ ସ୍ପୃହଣୀୟ ନୁହେଁ । ଏକ ସାମାନ୍ୟ ଗୋଷ୍ଠୀ ଦେଶର ସମଗ୍ର ସଂସାଧନକୁ ବ୍ୟବହାର / ଉପଭୋଗ କରୁଥିବା ବେଳେ ପ୍ରାୟତଃ ୮୦ ପ୍ରତିଶତ ଲୋକ ଅତ୍ୟନ୍ତ ଦୁଃଖ ଦୁର୍ଦ୍ଦଶା ଜନିତ ଅଭାବନୀୟ ପରିସ୍ଥିତିରେ ବଂଚୁଥିବା ସମସ୍ତେ ଜାଣୁଛନ୍ତି । ତେଣୁ ଆର୍ଥିକ ଅନଗ୍ରସର ପରିସ୍ଥିତିରେ ବଞ୍ଚୁଥିବା ସବୁ ଲୋକଙ୍କୁ ଶ୍ରେଣୀଭୁକ୍ତ କରି ଅତ୍ୟାବଶ୍ୟକ ପରିସ୍ଥିତରେ ରହିଥିବା ମଣିଷଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ ଓ ଆର୍ଥିକ ରୋଜଗାର ଦିଗରେ ବ୍ୟାପକ ସହଯୋଗ କରି ସମାନ୍ତରାଳ ପରିବେଶ ସୃଷ୍ଟି କରିବା ଏକ ରାଷ୍ଟ୍ରୀୟ ଲକ୍ଷ ହେବା ଅତ୍ୟନ୍ତ ଜରୁରୀ । ର୍ସବସାଧାରଣ ଏହି କାର୍ଯ୍ୟରେ ନିଜକୁ ସଂଯୋଜିତ କରି ସହଯୋଗ କରିବା ଆଜିର ଆହ୍ୱାନ ।

ୟୁଟ୍ୟୁବ୍ - ସାମାଜିକ ଜନମଂଚ (ଭାରତ)
ଛତ୍ରପୁର, ଗଞ୍ଜାମ- ୭୬୧୦୨୦
ଦୂରଭାଷ.: ୯୪୩୭୩୨୪୯୧୭



# ରୁଷରେ ଉତ୍ତର ପ୍ରଦେଶର ୩ ଯୁବକ ନିଖୋଜ

ନୂଆଦିଲ୍ଲୀ,୧୫।୯(ଏଜେନ୍ସି): ରୁଷରେ ପଢ଼ିବାକୁ ଯାଇଥିବା ଉତ୍ତର ପ୍ରଦେଶ ପଶ୍ଚିମାଞ୍ଚଳର ୩ ଜଣ ଭାରତୀୟ ଯୁବକ ନିଖୋଜ ହେବା ଘଟଣା ସାମ୍ନାକୁ ଆସିଛି। ପାସପୋର୍ଟ ଜବତ କରାଯାଇ ସେମାନଙ୍କୁ ବାଧ୍ୟତାମୂଳକ ଭାବେ ରୁଷ ସେନାରେ ଭର୍ତ୍ତି କରାଯାଇ ୟୁକ୍ରେନ ଯୁଦ୍ଧରେ ନିୟୋଜିତ କରାଯାଇଥିବା ସେମାନଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ନିଖୋଜ ଯୁବକମାନେ ହେଲେ ମୁଜାଫରନଗରର ହିମାଂଶୁ ଶର୍ମା (୨୪), ଶକ୍ତି ପୁଣ୍ଡିର (୨୩) ଏବଂ ଶାମଲିର ଆଶୁ ସୈନି (୨୫)। ଗତ ଜୁଲାଇ ୩୦ ତାରିଖରେ ମସ୍କ ?ରୁ ଏକ ଜରୁରୀ ଫୋନ୍ କଲ୍ ଆସିବା ପରଠାରୁ ସେମାନଙ୍କ ସହ କୌଣସି ଯୋଗାଯୋଗ ହୋଇପାରୁନାହିଁ। ଜଣେ ସ୍ଥାନୀୟ ଏଜେଣ୍ଟଙ୍କ ଜରିଆରେ ଛାତ୍ର ଭିସାରେ ରୁଷୀୟ ଭାଷା ଶିଖିବା ପାଇଁ ସେମାନେ ମସ୍କ ଯାଇଥିଲେ।ଏହି ସମ୍ବେଦନଶୀଳ ମାମଲାରେ ଆଶୁ ସୈନିଙ୍କ ପରିବାର ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମଓ)ର ଜରୁରୀ ହସ୍ତକ୍ଷେପ ଲୋଡ଼ାଯାଇଥିବା ବେଳେ, ଅନ୍ୟ ଦୁଇ ଯୁବକଙ୍କ ପରିବାର ଉତ୍ତର ପ୍ରଦେଶ ସରକାର ଓ ଜିଲ୍ଲା ପ୍ରଶାସନର ସହାୟତା ମାଗିଛନ୍ତି। ଯୁବକମାନଙ୍କୁ ପ୍ରଲୋଭିତ କରି ପଠାଇଥିବା ସଂପୃକ୍ତ ଏଜେଣ୍ଟ ବିରୋଧରେ ପୋଲିସ ତଦନ୍ତ ଆରମ୍ଭ କରିଛି। ସୂଚନାଯୋଗ୍ୟ ଯେ, ରୁଷ ସେନାରେ କାର୍ଯ୍ୟରତ ପ୍ରାୟ ଦୁଇ ଡଜନ୍ ଭାରତୀୟଙ୍କୁ ମୁକ୍ତ କରିବା ପାଇଁ ଭାରତ ସରକାର ରୁଷ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ଜାରି ରଖିଛନ୍ତି। ଅନ୍ୟପଟେ ୟୁକ୍ରେନ ଯୁଦ୍ଧକ୍ଷେତ୍ରରେ ନିୟୋଜିତ ଥାଇ ଏପର୍ଯ୍ୟନ୍ତ ୩୦ରୁ ଊର୍ଦ୍ଧ୍ୱ ଭାରତୀୟଙ୍କ ମୃତ୍ୟୁ ଘଟିସାରିଥିବା ବେଳେ, ପ୍ରତାରଣାର ଶିକାର ହୋଇଥିବା ଯୁବକଙ୍କ ପରିବାର ପକ୍ଷରୁ ଆଗତ ପିଟିସନ୍ ଉପରେ ସୁପ୍ରିମକୋର୍ଟ ମଧ୍ୟ ଶୁଣାଣି କରୁଛନ୍ତି।

# ଶାହଙ୍କ ବିବୃତିକୁ ନେଇ ଶାସକ ମେଣ୍ଟ ଦୁଇଫାଳ

ନୂଆଦିଲ୍ଲୀ,୧୫।୯(ଏଜେନ୍ସି): ଆଗାମୀ ଲୋକସଭା ନିର୍ବାଚନ ପୂର୍ବରୁ ବିଜେପି-ଏନଡିଏ ଶାସିତ ୨୧ଟି ରାଜ୍ୟରେ ସମାନ ନାଗରିକ ସଂହିତା(ୟୁସିସି)ଲାଗୁ କରିବା ପାଇଁ ଗୃହମନ୍ତ୍ରୀ ଅମିତ ଶାହଙ୍କ ବିବୃତିକୁ ନେଇ ଶାସକ ମେଣ୍ଟ ଦୁଇଫାଳ ହୋଇଥିବା ପରି ମନେ ହେଉଛି। ସମାନ ନାଗରିକ ସଂହିତାକୁ ନେଇ ଏନଡିଏ ଭିତରେ ମତଭେଦ ଦେଖାଦେଇଛି। କିଛି ଏନଡିଏ ସହଯୋଗୀ ୟୁସିସିକୁ ସମର୍ଥନ କରିଛନ୍ତି, ଯେତେବେଳେ କିଛି ଏହାକୁ ବିରୋଧ କରିଛନ୍ତି। ୟୁସିସିକୁ ବିରୋଧ କରୁଥିବା ଦଳଗୁଡ଼ିକ କହିଛନ୍ତି ଯେ ଏହି ପ୍ରସଙ୍ଗରେ ଏକ ବ୍ୟାପକ ଆଲୋଚନା ହେବା ଉଚିତ୍।ତେଲୁଗୁ ଦେଶମ ପାର୍ଟି (ଟିଡିପି), ଶିବସେନା ଏବଂ ହିନ୍ଦୁସ୍ତାନୀ ଆୱାମ ମୋର୍ଚ୍ଚା(ଏଚ୍‌ଏଏମ୍) (ଧର୍ମନିରପେକ୍ଷ)ୟୁସିସିକୁ ସମର୍ଥନ କରିଛନ୍ତି।ଯେତେବେଳେ ଜନତା ଦଳ (ୟୁନାଇଟେଡ୍) ଏବଂ ଲୋକ ଜନଶକ୍ତି ପାର୍ଟି(ରାମ ବିଳାସ)ପରି ବିଜେପି ସହଯୋଗୀମାନେ ସତର୍କ ମନୋଭାବ ଗ୍ରହଣ କରିଛନ୍ତି।ନୀତିଶ କୁମାରଙ୍କ ଦଳ ଜେଡିୟୁର ବରିଷ୍ଠ ନେତା ତଥା ବିଧାୟକ ଶ୍ୟାମ ରଜକ କହିଛନ୍ତି, ସଂସଦରେ ବିଲ୍ ପାସ୍ ହେଉଥିବା ସମୟରେ ମଧ୍ୟ ଆମ ଦଳ ଏହାକୁ ସମର୍ଥନ କରି ସ୍ପଷ୍ଟ କରିଥିଲା ଯେ, ଏହାକୁ ବିହାରରେ ଲାଗୁ କରାଯିବା ଉଚିତ୍ ନୁହେଁ। ଦଳ ଆଜି ମଧ୍ୟ ଏହି ମତ ବଜାୟ ରଖିଛି।ଶ୍ୟାମ ରଜକ କହିଛନ୍ତି, କୌଣସି ପରିସ୍ଥିତିରେ ବିହାରରେ ୟୁସିସି କାର୍ଯ୍ୟକାରୀ କରିବା



ନେଇ ପ୍ରଶ୍ନ ଉଠୁନି। ବିହାରରେ ବର୍ତ୍ତମାନର ଏନଡିଏ ସରକାର ବିଷୟରେ ଉଲ୍ଲେଖ କରି ସେ କହିଛନ୍ତି ଯେ, ଏହା କେବଳ ବିଜେପି ସରକାର ନୁହେଁ, ବରଂ ଅନେକ ସହଯୋଗୀଙ୍କ ମେଣ୍ଟ। ମୁଖ୍ୟମନ୍ତ୍ରୀ ବିଜେପିର, କିନ୍ତୁ ସରକାର ଏକ ଏନଡିଏ ସରକାର। ଯେଉଁଥିରେ ଜେଡିୟୁ, ହିନ୍ଦୁସ୍ତାନୀ ଆୱାମ ମୋର୍ଚ୍ଚା ଏବଂ ଏଲଜେପି ସମେତ ଅନ୍ୟାନ୍ୟ ସହଯୋଗୀ ଦଳ ସାମିଲ ଅଛନ୍ତି। ବିଜେପି ନେତୃତ୍ୱ ସହିତ ଏହି ପ୍ରସଙ୍ଗରେ ଆଲୋଚନା କରିବ ବୋଲି ଜେଡିୟୁ ମଧ୍ୟ ସୂଚାଇ ଦେଇଛି। ଜେଡିୟୁର ରାଷ୍ଟ୍ରୀୟ ମୁଖପାତ୍ର ରାଜୀବ ରଞ୍ଜନ କହିଛନ୍ତି ଯେ କାର୍ଯ୍ୟକାରୀ ସଭାପତି ସଞ୍ଜୟ କୁମାର ଝା ଖୁବ୍ ଶୀଘ୍ର ଶାହଙ୍କ ସହ ଏହି ବିଷୟରେ ଆଲୋଚନା କରିବେ।ଏଲଜେପି(ରାମ ବିଳାସ)ମୁଖ୍ୟ ତଥା କେନ୍ଦ୍ର ମନ୍ତ୍ରୀ ଚିରାଗ ପାସୱାନ କହିଛନ୍ତି, ଭାରତର ସାମାଜିକ ଗଠନ ବିବିଧ, ଏବଂ ବିଭିନ୍ନ ସମ୍ପ୍ରଦାୟର ନିଜସ୍ୱ ନାଗରିକ ପରମ୍ପରା ଏବଂ ରୀତିନୀତି ଅଛି। ସମ୍ବିଧାନରେ ଅନୁସୂଚିତ ଜନଜାତିଙ୍କୁ ଦିଆଯାଇଥିବା ବିଭିନ୍ନ ଛାଡ଼କୁ ଉଲ୍ଲେଖ କରି ସେ କହିଛନ୍ତି ଯେ ତାଙ୍କ ଦଳ ସମାନତା ଏବଂ ବିବିଧତା ଉଭୟ ପାଇଁ ପ୍ରତିଶ୍ରୁତିବଦ୍ଧ। ୟୁସିସି ଡ୍ରାଫ୍ଟ ସାର୍ବଜନୀନ ହେବା ପରେ, ସମସ୍ତ ଅଂଶୀଦାରଙ୍କ ସ୍ୱାର୍ଥ ବିଚାର କରାଯିବା ପରେ ଏବଂ ବ୍ୟାପକ ପରାମର୍ଶ କରାଯିବା ପରେ ଦଳ ନିଜର ମତାମତ ପ୍ରକାଶ କରିବ।ଟିଡିପି ୟୁସିସିକୁ ସମର୍ଥନ କରେ, କିନ୍ତୁ ଏଥିରେ ସମସ୍ତ ଅଂଶୀଦାରଙ୍କୁ ସାମିଲ କରିବାକୁ ଚାହୁଁଛି। ଟିଡିପି ସଂସଦୀୟ ଦଳ ନେତା ଲାଭୁ ଶ୍ରୀକୃଷ୍ଣ ଦେବରାୟାଲୁ କହିଛନ୍ତି, ଆମେ ଏହାକୁ ସମର୍ଥନ କରିବୁ। ଏହା ଉପରେ ବର୍ତ୍ତମାନ କୌଣସି ଆଲୋଚନା ହେଉନାହିଁ। କିନ୍ତୁ ଯେତେବେଳେ ଆମେ ଆବଶ୍ୟକତା ଅନୁଭବ କରିବୁ, ଆମେ ଏହା ଉପରେ ବିଚାର କରିବୁ। ଏହାକୁ ଗ୍ରହଣ କରିବା ପୂର୍ବରୁ ଆମେ ନିଶ୍ଚିତ ଭାବରେ ବିଭିନ୍ନ ଅଂଶୀଦାରଙ୍କ ମତାମତକୁ ଏଥିରେ ସାମିଲ କରିବୁ। ତେବେ ଟିଡିପିର ବର୍ତ୍ତମାନର ମତ ପୂର୍ବ ମତଠାରୁ ଭିନ୍ନ ରହିଛି। ୨୦୨୪ ଲୋକସଭା ନିର୍ବାଚନ ପରେ ଏନଡିଏରେ ଯୋଗଦେବା ପୂର୍ବରୁ, ଟିଡିପି ମୁଖ୍ୟ ଏବଂ ଆନ୍ଧ୍ର ପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ. ଚନ୍ଦ୍ରବାବୁ ନାଇଡୁ କହିଥିଲେ, ୟୁସିସିର ପ୍ରସଙ୍ଗ ଆସିଲେ ଟିଡିପି ମୁସଲିମ ସମ୍ପ୍ରଦାୟ ସହିତ ଠିଆ ହେବ।

# ନାଟୋ ସହ ରୁଷର ସଂଘର୍ଷ ହେବାର ଆଶଙ୍କା

ନୂଆଦିଲ୍ଲୀ,୧୫।୯(ଏଜେନ୍ସି):ୟୁକ୍ରେନ ଗତ କିଛି ମାସ ମଧ୍ୟରେ ରୁଷ ମଧ୍ୟରେ ସାମରିକ ଏବଂ ରଣନୈତିକ ଲକ୍ଷ୍ୟସ୍ଥଳ ଉପରେ ଦୀର୍ଘ ଦୂରଗାମୀ ଡ୍ରୋନ୍ ଆକ୍ରମଣକୁ ଯଥେଷ୍ଟ ତୀବ୍ର କରିଛି। ଏହି ଆକ୍ରମଣଗୁଡ଼ିକ ବର୍ତ୍ତମାନ ବାଲ୍ଟିକ୍ ସାଗର ଅଞ୍ଚଳରେ ପହଞ୍ଚିଛି। ସଂଘର୍ଷ ସମୟରେ ଭୁଲ୍ ଦିଗ ନିର୍ଦ୍ଦେଶ ଯୋଗୁଁ ୟୁକ୍ରେନ ଏବଂ ରୁଷ ସାମରିକ ଡ୍ରୋନ୍ ବାରମ୍ବାର ଫିନଲ୍ୟାଣ୍ଡ, ଲାଟଭିଆ, ଲିଥୁନିଆ ଏବଂ ଏଷ୍ଟୋନିଆ ଭଳି ନାଟୋ ସଦସ୍ୟ ଦେଶଗୁଡ଼ିକର ଆକାଶ ସୀମାରେ ପ୍ରବେଶ କରୁଛନ୍ତି। ନାଟୋ ଅଞ୍ଚଳରେ ଏଭଳି ବାରମ୍ବାର ଅନୁପ୍ରବେଶ ଏକ ଚିନ୍ତା ସୃଷ୍ଟି କରିଛି। ଏହା ଯୋଗୁଁ ସିଧାସଳଖ ନାଟୋ ସହ ରୁଷର ସଂଘର୍ଷ ହେବାର ଆଶଙ୍କା ସୃଷ୍ଟି କରିଛି। ଯୁଦ୍ଧ ମୁଖ୍ୟତଃ ପୂର୍ବ ଏବଂ ଦକ୍ଷିଣ ୟୁକ୍ରେନର ଡୋନେଟସ୍କ, ପୋକ୍ରୋଭସ୍କ ଏବଂ ଜାପୋରିଝିଆ ଅଞ୍ଚଳରେ ଜାରି ରହିଛି। ପ୍ରାୟ ୨୦% ୟୁକ୍ରେନର ନିୟନ୍ତ୍ରଣ ରୁଷ ବଜାୟ ରଖିଛି। ଯେତେବେଳେ ଉଭୟ ପକ୍ଷ ଦ୍ୱାରା ଆକ୍ରମଣ ଜାରି ରହିଛି। ୟୁକ୍ରେନ ପକ୍ଷରୁ ରୁଷର ତୈଳ ବିଶୋଧନାଗାର ଏବଂ ସାମରିକ ଭିତ୍ତିଭୂମି ଉପରେ ଦୀର୍ଘ ଦୂରଗାମୀ ଡ୍ରୋନ୍ ଆକ୍ରମଣ ଜାରି ରହିଛି, ଯେତେବେଳେ ରୁଷ ପକ୍ଷରୁ ୟୁକ୍ରେନର ସହର ଏବଂ ଶକ୍ତି ଗ୍ରୀଡ୍ ଉପରେ କ୍ଷେପଣାସ୍ତ୍ର ଏବଂ କାମିକାଜେ ଡ୍ରୋନ୍ ବ୍ୟବହାର କରାଯାଇ ବଡ଼ ଧରଣର ଆକ୍ରମଣ ହେଉଛି।

# ମୋଦୀ ସରକାରଙ୍କୁ ରାହୁଲଙ୍କ ସମାଲୋଚନା

ନୂଆଦିଲ୍ଲୀ,୧୫।୯(ଏଜେନ୍ସି): ୟୁପିଆଇ ମାଧ୍ୟମରେ ହେଉଥିବା ଡିଜିଟାଲ୍ କାରବାର ଉପରେ ମର୍‌ଚାଣ୍ଟ ଡିସକାଉଣ୍ଟ ରେଟ୍ ଶୁଳ୍କ ଲାଗୁ କରିବା ପ୍ରସଙ୍ଗକୁ ନେଇ ଦେଶରେ ରାଜନୈତିକ ଝଡ଼ ସୃଷ୍ଟି ହୋଇଛି। କଂଗ୍ରେସ ସାଂସଦ ତଥା ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏହାକୁ ନେଇ କେନ୍ଦ୍ରର ମୋଦୀ ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ସରକାର ଗୁପ୍ତ ଭାବେ ୟୁପିଆଇ କାରବାର ଉପରେ ଅତିରିକ୍ତ ଶୁଳ୍କ ଆଦାୟ କରିବାର ବାଟ ଫିଟାଇ ଦେଇଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି।ରାହୁଲ ଗାନ୍ଧୀ କହିଛନ୍ତି ଯେ, କେନ୍ଦ୍ର ସରକାର ୨,୦୦୦ ଟଙ୍କାରୁ ଅଧିକ ମର୍‌ଚାଣ୍ଟ ବ୍ୟବସାୟିକ ୟୁପିଆଇ କାରବାର ଉପରେ ଏମଡିଆର୍ ଲାଗୁ କରିବାକୁ ଅନୁମତି ଦେଇଛନ୍ତି। ସେ ଦାବି କରିଛନ୍ତି ଯେ, ସଂଖ୍ୟା ଦୃଷ୍ଟିରୁ ୨,୦୦୦ ଟଙ୍କାରୁ ଅଧିକ କାରବାର ମାତ୍ର ୫ ପ୍ରତିଶତ ହୋଇଥିଲେ ମଧ୍ୟ, ସମୁଦାୟ ୟୁପିଆଇ କାରବାର ମୂଲ୍ୟର ପ୍ରାୟ ୬୫ ପ୍ରତିଶତ ଅଂଶ ଏହି ବର୍ଗରୁ ହିଁ ଆସିଥାଏ।ଗ୍ରାହକଙ୍କ ଉପରେ କୌଣସି ଶୁଳ୍କ ପଡ଼ିବ ନାହିଁ ବୋଲି ସରକାରଙ୍କ ଦାବି ଉପରେ ପ୍ରଶ୍ନ ଉଠାଇ ରାହୁଲ କହିଛନ୍ତି, 'ସରକାର ଯଦିଓ କହୁଛନ୍ତି ଯେ ଗ୍ରାହକଙ୍କ ଠାରୁ କୌଣସି ଚାର୍ଜ ନିଆଯିବ ନାହିଁ, କିନ୍ତୁ ବ୍ୟବସାୟୀଙ୍କ



ଉପରେ ଏହି ଶୁଳ୍କ ଲଗାଗଲେ ସେମାନେ ଉତ୍ପାଦ ଏବଂ ସେବାର ଦର ବଢ଼ାଇ ସାଧାରଣ ଗ୍ରାହକଙ୍କ ପକେଟରୁ ହିଁ ଏହାକୁ ଭରଣା କରିବେ।' ଏହା ସହିତ ସେ ଅଭିଯୋଗ କରିଛନ୍ତି ଯେ ଆମେରିକୀୟ ପେମେଣ୍ଟ କମ୍ପାନୀଗୁଡ଼ିକ ଦୀର୍ଘ ଦିନରୁ ଭାରତର 'ଜିରୋ-ଏମଡିଆର୍' ନୀତିକୁ ବିରୋଧ କରିଆସୁଥିଲେ ଏବଂ ମୋଦୀ ସରକାର ଆମେରିକୀୟ ଚାପ ଆଗରେ ସମ୍ପୂର୍ଣ୍ଣ ଆତ୍ମସମର୍ପଣ କରିଛନ୍ତି।ସୂଚନାଯୋଗ୍ୟ ଯେ, ଭାରତ ସରକାର 'ପେମେଣ୍ଟ ଆଣ୍ଡ ସେଟେଲମେଣ୍ଟ ସିଷ୍ଟମ୍ସ ଆକ୍ଟ, ୨୦୦୭'ର ଧାରା ୧୦ଇ ଅଧୀନରେ ଏକ ନୂତନ ବିଜ୍ଞପ୍ତି ଜାରି କରିଛନ୍ତି। ଏଥିରେ ବ୍ୟାଙ୍କଗୁଡ଼ିକୁ ୨,୦୦୦ ଟଙ୍କା ପର୍ଯ୍ୟନ୍ତ ୟପିଆଇ ଏବଂ ଜଙ୍କଟବଙ୍କ ଡେବିଟ୍ କାର୍ଡ କାରବାର ଉପରେ କୌଣସି ଶୁଳ୍କ ନଲଗାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ୨,୦୦୦ ଟଙ୍କାରୁ ଅଧିକ ମର୍‌ଚାଣ୍ଟ କାରବାର ଉପରେ ଆଗାମୀ ଦିନରେ ଏମଡିଆର ଲାଗୁ ହୋଇପାରେ, ଯଦିଓ ଏହାର ନିର୍ଦ୍ଦିଷ୍ଟ ହାର ଏପର୍ଯ୍ୟନ୍ତ ସ୍ଥିର କରାଯାଇ ନାହିଁ।

# ମାନବଜାତି ପାଇଁ ବିପଦ ସାଜିପାରେ ଏଆଇ

ନୂଆଦିଲ୍ଲୀ,୧୫।୯(ଏଜେନ୍ସି):କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ଦ୍ରୁତ ବିକାଶ ଓ ଏହାର ସମ୍ଭାବ୍ୟ ବିପଦକୁ ନେଇ ସାରା ବିଶ୍ୱରେ ଚିନ୍ତା ବୃଦ୍ଧି ପାଉଥିବା ବେଳେ ଗୁଗଲ୍ ଡିପ୍ ମାଇଣ୍ଡରୁ ଦୁଇଜଣ ପ୍ରମୁଖ ଗବେଷକ ଇସ୍ତଫା ଦେଇଛନ୍ତି। ଗବେଷକ ବିଲାଲ ଚୁଘତାଇ ଓ ଜୋସ୍ ଏଞ୍ଜେଲ୍ସ ଏହି ପ୍ରଯୁକ୍ତିବିଦ୍ୟାର ନିୟନ୍ତ୍ରଣହୀନ ଗତି ମାନବଜାତି ପାଇଁ ବିନାଶକାରୀ ହୋଇପାରେ ବୋଲି ଆଶଙ୍କା ବ୍ୟକ୍ତ କରି ନିଜ ପଦରୁ ଓହରି ଯାଇଛନ୍ତି। ସୋସିଆଲ ମିଡିଆରେ ନିଜର ଚିନ୍ତା ପ୍ରକାଶ କରି ବିଲାଲ ଲେଖିଛନ୍ତି ଯେ, ଏଆଇ ମାନବଜାତିର ବିଲୋପର କାରଣ ସାଜିବାର ଯଥେଷ୍ଟ ସମ୍ଭାବନା ରହିଛି ଏବଂ ଏହି ମହାବିପତ୍ତିକୁ ଏଡ଼ାଇବା ପାଇଁ ଆମ ପାଖରେ ସମୟ ଅତ୍ୟନ୍ତ କମ୍ ରହିଛି। ସେହିପରି ଜୋସ୍ ଏଞ୍ଜେଲ୍ସ ଚେତାବନୀ ଦେଇଛନ୍ତି ଯେ ଆଗାମୀ ୫ ବର୍ଷ ମଧ୍ୟରେ ଉନ୍ନତ ଏଆଇ ସିଷ୍ଟମ ବ୍ୟାପକ କ୍ଷତି ପହଞ୍ଚାଇବାର ଆଶଙ୍କା ରହିଛି, ଯାହାକୁ ଦୃଷ୍ଟିରେ ରଖି ସେ ଏଆଇ ସଂସ୍ଥାଗୁଡ଼ିକର କାର୍ଯ୍ୟକଳାପ ଉପରେ ନଜର ରଖୁଥିବା ଗବେଷଣା ସଂସ୍ଥା 'ମେଟା'ରେ ଯୋଗ ଦେଇଛନ୍ତି।ଖବର ଅନୁସାରେ, ଏଆଇ ମୋଡେଲଗୁଡ଼ିକ ଅପ୍ରତ୍ୟାଶିତ ଭାବେ ଶକ୍ତିଶାଳୀ ହେବା ସହ ମାନବ ନିୟନ୍ତ୍ରଣ ବାହାରକୁ ଚାଲିଯାଉଥିବାର ପ୍ରମାଣ ମିଳିଛି। ଓପନ୍-ଏଆଇର ଏଆଇ ଏଜେଣ୍ଟଗୁଡ଼ିକ ଗୋଟିଏ ପଟେ ଦଶନ୍ଧି ପୁରୁଣା ଜଟିଳ ଗାଣିତିକ ସମସ୍ୟା ସମାଧାନ କରୁଥିବା ବେଳେ, ଅନ୍ୟପଟେ ନିୟନ୍ତ୍ରଣ ବାହାରକୁ ଯାଇ ତୃତୀୟ ପକ୍ଷ ସଂସ୍ଥା 'ହଗିଂ ଫେସ୍' କୁ ହ୍ୟାକ୍ କରିବାକୁ ଚେଷ୍ଟା କରିଥିବା ଘଟଣା ସାମ୍ନାକୁ ଆସିଛି। ଆନ୍ଥ୍ରୋପିକ୍ ର ସିଇଓ ଦାରିଓ ଆମୋଡେଇ, ଆଲଫାବେଟ୍ ଓ ଓପନ୍-ଏଆଇର ମୁଖ୍ୟମାନେ ଏଆଇର ଗତିକୁ ଧୀର କରିବାକୁ ପ୍ରସ୍ତାବ ଦେଉଥିବା ବେଳେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଚୀନ୍ ସହ ପ୍ରତିଯୋଗିତାରେ ଆଗରେ ରହିବା ପାଇଁ ଏପରି କଟକଣାକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ଏହି ପରିସ୍ଥିତିରେ ବିଶ୍ୱସ୍ତରୀୟ ବୁଝାମଣା ମାଧ୍ୟମରେ ଏଆଇ ବିକାଶର ଗତିକୁ ସୀମିତ ନକଲେ ଭବିଷ୍ୟତରେ ବିପଜ୍ଜନକ ପରିଣାମ ଭୋଗିବାକୁ ପଡ଼ିବ ବୋଲି ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି।

# ଏଆଇକୁ ଧିମା କରିବା ଆମେରିକାର ଷଡଯନ୍ତ୍ର: ଚୀନ

ନୂଆଦିଲ୍ଲୀ,୧୫।୯(ଏଜେନ୍ସି):କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ବିକାଶକୁ ଧିମା କରିବା ଲାଗି ଆନ୍ଥ୍ରୋପିକର ସିଇଓ ଡୋରିଓ ଆମୋଦେଇ ଦେଇଥିବା ପ୍ରସ୍ତାବ ଆମେରିକାର ଏକ ଷଡଯନ୍ତ୍ର ବୋଲି ଚୀନ କହିଛି। ପ୍ରଯୁକ୍ତି ଉପରେ ନିଜର ଏକଚାଟିଆ ଅଧିକାରକୁ ବଜାୟ ରଖିବା ଲାଗି ଆମେରିକା ଏଭଳି ଚାଲାକି କରୁଛି। ଚୀନକୁ ପଠାଯାଉଥିବା କମ୍ପ୍ୟୁଟର ଚିପ୍ ଉପରେ ରୋକ ଲଗାଇବାକୁ ଆମେରିକା ସରକାରଙ୍କୁ ପ୍ରସ୍ତାବ ଦେଇଥିଲେ। ସେ କହିଥିଲେ ଆମେରିକାର ମହଙ୍ଗା ଓ ଅତ୍ୟାଧୁନିକ ଏଆଇ ମଡେଲ୍‌ର ପ୍ରଶ୍ନୋତ୍ତର ତଥ୍ୟକୁ ବ୍ୟବହାର କରି ଚୀନ କମ୍ ଖର୍ଚ୍ଚରେ ଓ କମ୍ ସମୟରେ ନିଜର ନୂଆ ଏଆଇ ମଡେଲ୍ ପ୍ରସ୍ତୁତ କରିନେଉଛି। ଚୀନର ଅଧିକାଂଶ ଏଆଇ ଲ୍ୟାବ ସେହି ଢାଞ୍ଚାରେ କାମ କରୁଥିବା ଆମୋଦେଇ ଅଭିଯୋଗ କରିଥିଲେ। ଚୀନର ସରକାରୀ ସମ୍ବାଦପତ୍ର 'ଗ୍ଲୋବାଲ୍ ଟାଇମ୍‌ସ' କହିଛି, ବିଶ୍ୱ ଏଆଇ ବ୍ୟବସ୍ଥାରୁ ଚୀନକୁ ଅଲଗା ରଖିବା ଲାଗି ଆମେରିକା ଷଡ୍ ?ଯନ୍ତ୍ର କରିଛି। ଏହା ହେଉଛି ଏକ ଗୋପନ ଏଆଇ ଶୀତଳଯୁଦ୍ଧ। ଏଆଇ ବିକାଶରୁ ଚୀନକୁ ଅଲଗା କଲେ ସାରା ବିଶ୍ୱର କ୍ଷତି ହେବ।

# ଭାରତକୁ ଫେରିବ 'ଫର୍ମୁଲା ୱାନ୍'

ନୂଆଦିଲ୍ଲୀ,୧୫।୯(ଏଜେନ୍ସି):ଭାରତରେ ପୁଣି ଥରେ ଫର୍ମୁଲା ୱାନ ରେସ୍ ଆୟୋଜନ କରିବା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ୨୦୨୮ ସୁଦ୍ଧା ଫର୍ମୁଲା ୱାନ୍ ରେସ୍‌କୁ ଦେଶକୁ ଫେରାଇ ଆଣିବା ଲକ୍ଷ୍ୟରେ କେନ୍ଦ୍ର କ୍ରୀଡ଼ା ମନ୍ତ୍ରାଳୟ ଏକ ୧୦ଜଣିଆ ଉଚ୍ଚସ୍ତରୀୟ ଟାସ୍କ ଫୋର୍ସ ଗଠନ କରିଛି। କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବୀୟ ମଙ୍ଗଳବାର ଏହି ଟାସ୍କ ଫୋର୍ସ ଗଠନ ସମ୍ପର୍କରେ ଘୋଷଣା କରିଛନ୍ତି। ନୀତି ଆୟୋଗର କାର୍ଯ୍ୟକ୍ରମ ନିର୍ଦ୍ଦେଶକ ତଥା ଉପଦେଷ୍ଟା ଯୁଗଳ କିଶୋର ଯୋଶୀଙ୍କୁ ଟାସ୍କ ଫୋର୍ସର ଅଧ୍ୟକ୍ଷ କରାଯାଇଛି। ଏଥିରେ କ୍ରୀଡ଼ା ବିଭାଗର ଯୁଗ୍ମ ସଚିବ କୁନାଲଙ୍କ ସହ ମୋଟରସ୍ପୋର୍ଟ୍ସ ଫେଡେରେସନ୍ ଅଫ୍ ଇଣ୍ଡିଆ ଏବଂ ପର୍ଯ୍ୟଟନ ଓ ବାଣିଜ୍ୟ ବିଭାଗର ପ୍ରତିନିଧିଙ୍କୁ ସାମିଲ କରାଯାଇଛି।ଏହାବ୍ୟତୀତ ଉତ୍ତରପ୍ରଦେଶ ଓ ମହାରାଷ୍ଟ୍ର ସରକାରଙ୍କ ପ୍ରତିନିଧିମାନେ ମଧ୍ୟ ଟାସ୍କ ଫୋର୍ସରେ ରହିବେ। ଭାରତରେ ମୋଟର ସ୍ପୋର୍ଟ୍ସର ଦୀର୍ଘକାଳୀନ ଓ ସ୍ଥାୟୀ ବିକାଶ ପାଇଁ ଏହି ଟାସ୍କ ଫୋର୍ସ ବ୍ୟାପକ ଯୋଜନା ପ୍ରସ୍ତୁତ କରିବ। ଫର୍ମୁଲା ୱାନ୍‌କୁ ଭାରତକୁ ଫେରାଇ ଆଣିବାରେ କେଉଁ ସବୁ ସମସ୍ୟା ରହିଛି, ତାହାର ମଧ୍ୟ ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ କରିବ। ଏହା ସହ ଆବଶ୍ୟକ ନୀତିଗତ ପରିବର୍ତ୍ତନ ଓ ପଦକ୍ଷେପ ସମ୍ପର୍କରେ ସୁପାରିସ କରିବ। ଏଥିନେଇ ମାଣ୍ଡବୀୟ କହିଛନ୍ତି, ଟାସ୍କ ଫୋର୍ସର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଭାରତରେ ମୋଟର ସ୍ପୋର୍ଟ୍ସର ସ୍ଥାୟୀ ବିକାଶ ପାଇଁ ଏକ ସମନ୍ୱିତ ରୋଡମ୍ୟାପ୍ ପ୍ରସ୍ତୁତ କରିବା। ଏହି ରୋଡମ୍ୟାପ୍ ଅନୁସାରେ ୨୦୨୮ରେ ଭାରତ ଫର୍ମୁଲା ୱାନ୍ ରେସ୍ ଆୟୋଜନ କରାଯାଇପାରିବ ବୋଲି ଆମେ ଆଶା ରଖିଛୁ। ପ୍ରକାଶଯୋଗ୍ୟ ଯେ ଭାରତରେ ଶେଷଥର ପାଇଁ ୨୦୧୩ରେ ଫର୍ମୁଲା ୱାନ୍ ଗ୍ରାଁ ପ୍ରି ଆୟୋଜନ ହୋଇଥିଲା। ଉତ୍ତରପ୍ରଦେଶର ଗ୍ରେଟର ନଏଡାସ୍ଥିତ ବୁଦ୍ଧ ଇଣ୍ଟରନ୍ୟାସନାଲ୍ ସର୍କିଟ୍‌ରେ ଆୟୋଜିତ ଏହି ରେସ୍ ପରେ ଭାରତରୁ ଫର୍ମୁଲା ୱାନ୍ ଦୂରେଇ ଯାଇଥିଲା। ପ୍ରଶାସନିକ ଜଟିଳତା, କର ବ୍ୟବସ୍ଥା ଓ ଅନ୍ୟାନ୍ୟ ବାଧା ଯୋଗୁଁ ଭାରତରେ ଫର୍ମୁଲା-ୱାନ୍ ରେସ୍‌ର ଆୟୋଜନ ଜାରି ରହିପାରି ନଥିଲା।

# ବିହାର ବନ୍ୟାରେ ୫୦ ଲକ୍ଷ ଲୋକ ପ୍ରଭାବିତ

ନୂଆଦିଲ୍ଲୀ,୧୫।୯(ଏଜେନ୍ସି): ବିହାରରେ ବନ୍ୟା ସ୍ଥିତି ଗମ୍ଭୀର ରହିଛି। ରାଜ୍ୟର ୧୫ ଜିଲ୍ଲାରେ ପ୍ରାୟ ୪୯.୭୨ ଲକ୍ଷ ଲୋକ ବନ୍ୟା ପ୍ରଭାବିତ ହୋଇଛନ୍ତି। ଅନେକ ନଦୀର ଜଳସ୍ତର ବିପଦ ସଙ୍କେତ ଉପରେ ରହିଛି। ବନ୍ୟା ପ୍ରଭାବିତ ପରିବାରଙ୍କୁ ତତ୍କାଳ ସହାୟତା ଦେବାକୁ ରାଜ୍ୟ ସରକାର ଆର୍ଥିକ ସହାୟତା ପ୍ରଦାନ ଆରମ୍ଭ କରିଛନ୍ତି।ମୁଖ୍ୟମନ୍ତ୍ରୀ ସମ୍ରାଟ୍ ଚୌଧୁରୀ ୮,୨୭,୪୭୨ ପ୍ରଭାବିତ ପରିବାରର ବ୍ୟାଙ୍କ ଆକାଉଣ୍ଟ ?କୁ ଡିବିଟି ମାଧ୍ୟମରେ ମୋଟ ୫୭୯.୨୩ କୋଟି ଟଙ୍କା ପଠାଇଛନ୍ତି। ପ୍ରତି ପରିବାରକୁ ୭ ହଜାର ଟଙ୍କା ଲେଖାଏଁ ଅନୁକମ୍ପା ରାଶି ମିଳିଛି। ପାଟନାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଏହି ରିଲିଫ୍ ବଣ୍ଟନର ଶୁଭାରମ୍ଭ କରାଯାଇଛି। ପ୍ରତ୍ୟେକ ଯୋଗ୍ୟ ହିତାଧିକାରୀଙ୍କୁ ସରକାରୀ ସହାୟତା ମିଳିବ ଏବଂ କେହି ବାଦ୍ ପଡ଼ିବେ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# ଟ୍ରମ୍ପଙ୍କ ମନ୍ତବ୍ୟ ପରେ ଆମେରିକା ସହିତ କୌଣସି ଆଲୋଚନାକୁ ପ୍ରତ୍ୟାଖ୍ୟାନ କଲା ଇରାନ

ନୂଆଦିଲ୍ଲୀ,୧୫।୯(ଏଜେନ୍ସି): ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଧ୍ୟପ୍ରାଚ୍ୟ ଯୁଦ୍ଧ ଉପରେ ପୁଣି ଥରେ ଆଲୋଚନା କରିବାକୁ ପ୍ରସ୍ତୁତ ଥିବା କହିବା ପରେ ଇରାନର ସୁରକ୍ଷା ମୁଖ୍ୟ ମଙ୍ଗଳବାର ଆମେରିକା ସହିତ କୌଣସି ଆଲୋଚନାକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ଇରାନର ସର୍ବୋଚ୍ଚ ଜାତୀୟ ସୁରକ୍ଷା ପରିଷଦର ସଚିବ ମୋହସେନ ରେଜା ସୋସିଆଲ ମିଡିଆ ଏକ୍ସରେ ପୋଷ୍ଟ କରି କହିଛନ୍ତି,ଟ୍ରମ୍ପଙ୍କର ଏଭଳି ମନ୍ତବ୍ୟକୁ ବିଶ୍ୱାସ କରନ୍ତୁ ନାହିଁ। ଏପରି ମନ୍ତବ୍ୟ ନେଇ ଭ୍ରମିତ ହେବା ଅନାବଶ୍ୟକ।ତେଲ ଏବଂ ହର୍ମୁଜ୍ ପ୍ରଣାଳୀ ପ୍ରସଙ୍ଗରେ ଏବେ ବାଜି ପଲଟି ଯାଇଛି।



ଏହାକୁ କେହି ରୋକିପାରିବ ନାହିଁ। ଇରାନର ସର୍ତ୍ତ ପୂରଣ ନହେବା ପର୍ଯ୍ୟନ୍ତ କୌଣସି ଆଲୋଚନା ହେବ ନାହିଁ।ଯୁଦ୍ଧ ସମାପ୍ତ କରିବା ପାଇଁ ଚୁକ୍ତି ବହୁ ଶୀଘ୍ର ହେବ ବୋଲି ସପ୍ତାହେ ଧରି କହିବା ପରେ ସୋମବାର ଟ୍ରମ୍ପ କହିଥିଲେ ଯେ, ସେ ଇରାନ ସହିତ ଆଲୋଚନା କରିବାକୁ ରାଜି ଅଛନ୍ତି। ବିଫଳ ଦେଶ ଇରାନ ଏକ ଚୁକ୍ତି କରିବାକୁ ଚାହୁଁଛି। ଆମେରିକା ଏଥିରେ ସାମିଲ ହେବ କି ନାହିଁ ତାହା ମୁଁ ନିର୍ଣ୍ଣୟ କରିବି ବୋଲି ଟ୍ରମ୍ପ ତାଙ୍କ ଟ୍ରୁଥ ସୋସିଆଲରେ କହିଥିଲେ।ତେବେ ଇରାନ ଯୁଦ୍ଧ ସମାପ୍ତ କରିବା ଏବଂ ହର୍ମୁଜ୍ ପ୍ରଣାଳୀରେ ଆମେରିକାର ଅବରୋଧ ପାଇଁ ଯୁଦ୍ଧ କ୍ଷତିପୂରଣ ତଥା ପ୍ରତିବନ୍ଧକ ପ୍ରତ୍ୟାହାର ସମେତ ଅନ୍ୟ ଦାବିଗୁଡ଼ିକୁ ବାରମ୍ବାର ସର୍ତ୍ତ ଭାବରେ ଦୋହରାଇ ଆସୁଛି।

# 'ମହାରାଷ୍ଟ୍ରର ସବୁଠୁ ଲୋକପ୍ରିୟ ପରିବାରକୁ ବଦନାମ କରିବାର ଷଡ଼ଯନ୍ତ୍ର'

ନୂଆଦିଲ୍ଲୀ,୧୫।୯(ଏଜେନ୍ସି):ଦିଶା ସାଲିଆନ୍ ମୃତ୍ୟୁ ମାମଲାରେ ସିବିଆଇ ପକ୍ଷରୁ ମାମଲା ରୁଜୁ ହେବା ପରେ ଏବେ ମହାରାଷ୍ଟ୍ର ରାଜନୀତିରେ ହଟଚମଟ ସୃଷ୍ଟି ହୋଇଛି। ଏହି ସମ୍ବେଦନଶୀଳ ଘଟଣାରେ ଶିବସେନା (ଉଦ୍ଧବ ବାଲାସାହେବ ଠାକରେ) ଗୋଷ୍ଠୀର ସାଂସଦ ସଞ୍ଜୟ ରାଉତ ପ୍ରଥମ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି ଯେ, ବମ୍ବେ ହାଇକୋର୍ଟଙ୍କର ସ୍ପଷ୍ଟ ନିର୍ଦ୍ଦେଶ ରହିଛି ଯେ ପର୍ଯ୍ୟନ୍ତ କୌଣସି ବ୍ୟକ୍ତି ବିରୋଧରେ ପ୍ରତ୍ୟକ୍ଷ ଅଭିଯୋଗ ପ୍ରମାଣିତ ହୋଇନାହିଁ, ସେ ପର୍ଯ୍ୟନ୍ତ ତାଙ୍କୁ ଅଭିଯୁକ୍ତ କୁହାଯାଇପାରିବ ନାହିଁ କିମ୍ବା ଏଫଆଇଆରରେ ତାଙ୍କ ନାମ ଯୋଡ଼ା ଯାଇପାରିବ ନାହିଁ। ବର୍ତ୍ତମାନ ସିବିଆଇ ଯେଉଁ ଏଫଆଇଆର ରୁଜୁ କରିଛି, ତାହା ସମ୍ପୂର୍ଣ୍ଣ ଭାବେ ଅଜ୍ଞାତ ବ୍ୟକ୍ତିମାନଙ୍କ ବିରୋଧରେ କରାଯାଇଛି।ଏହାସହ ଶାସକ ଦଳକୁ ସିଧାସଳଖ ଟାର୍ଗେଟ କରି ସଞ୍ଜୟ ରାଉତ କହିଛନ୍ତି ଯେ, କେନ୍ଦ୍ର ଗୃହମନ୍ତ୍ରୀ ମହାରାଷ୍ଟ୍ର ଗସ୍ତରେ ଆସି ସ୍ଥାନୀୟ ନେତାଙ୍କ ସହ ଦୀର୍ଘ ସମୟ ଆଲୋଚନା କରିବା ପରେ ହିଁ ଏହି ଏଫଆଇଆର ରୁଜୁ ହୋଇଛି। ଏହା କୌଣସି ନିରପେକ୍ଷ ତଦନ୍ତ ନୁହେଁ, ବରଂ ମହାରାଷ୍ଟ୍ରର ସବୁଠାରୁ ଲୋକପ୍ରିୟ ରାଜନୈତିକ ପରିବାରକୁ ବଦନାମ କରିବା ପାଇଁ ଏକ ସୁଚିନ୍ତିତ ଷଡ଼ଯନ୍ତ୍ର।



ଏହି ଅନ୍ୟାୟ ବିରୋଧରେ ତାଙ୍କ ଦଳ ଶେଷ ପର୍ଯ୍ୟନ୍ତ ଲଢେଇ ଜାରି ରଖିବ ବୋଲି ସେ ସ୍ପଷ୍ଟ କରିଛନ୍ତି।କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକର ଅପବ୍ୟବହାର ହେଉଥିବା ନେଇ ଅଭିଯୋଗ ଆଣି ସେ କହିଛନ୍ତି ଯେ, ଏହା ସମ୍ପୂର୍ଣ୍ଣ ଭାବେ ରାଜନୈତିକ ଚାପ ପକାଇବାର ଏକ କୌଶଳ। ବିଧାୟକ ଆଦିତ୍ୟ ଠାକରେ ଲଗାତାର ଭାବେ ଲୋକଙ୍କ ପ୍ରସଙ୍ଗ ଉଠାଇ ଦେବେନ୍ଦ୍ର ଫଡଣଭିସ ସରକାରଙ୍କ ବିଫଳତାକୁ ପଦାରେ ପକାଉଛନ୍ତି। ସେଥିପାଇଁ ତାଙ୍କୁ ରୋକିବାକୁ ଏବଂ ତାଙ୍କ ନାମକୁ ଏହି ମାମଲାରେ ଟାଣିବାକୁ ସିବିଆଇ ତଦନ୍ତର ବାହାନା କରାଯାଉଛି।ଶେଷରେ ସେ ଦାବି କରିଛନ୍ତି ଯେ, ଏହି କାର୍ଯ୍ୟାନୁଷ୍ଠାନ ପଛରେ ଦୁଇଟି ମୁଖ୍ୟ କାରଣ ଥାଇପାରେ। ପ୍ରଥମଟି ହେଉଛି, ମରାଠା ଆରକ୍ଷଣ ନେତା ମନୋଜ ଜରାଙ୍ଗେଙ୍କ ଆନ୍ଦୋଳନରୁ ଜନସାଧାରଣଙ୍କ ଧ୍ୟାନ ହଟାଇବା। ଏବଂ ଦ୍ୱିତୀୟଟି ହେଉଛି, ସଂସଦରେ ଆସିବାକୁ ଥିବା ସୀମା ନିର୍ଦ୍ଧାରଣ ବିଲକୁ ସମର୍ଥନ କରିବା ପାଇଁ ଶିବସେନା ଉପରେ ଅନୈତିକ ଚାପ ସୃଷ୍ଟି କରିବା।

# ୧୦ ଦେଶ ଉପରେ ୧୦୦% ଶୁଳ୍କ ଲଗାଇବାକୁ ଯୋଜନା କରୁଛି ଆମେରିକା

ନୂଆଦିଲ୍ଲୀ,୧୫।୯(ଏଜେନ୍ସି):ଜଣେ ଆମେରିକୀୟ ସାଂସଦ ରୁଷ ଉପରେ କଟକଣା ଲାଗୁ କରିବା ପାଇଁ ଏକ ବିଲ୍ ?ରେ ସଂଶୋଧନ ପ୍ରସ୍ତାବ ଦେଇଛନ୍ତି, ଯେଉଁଥିରେ ଭାରତ ସମେତ ରୁଷର ପ୍ରମୁଖ ବାଣିଜ୍ୟିକ ଅଂଶୀଦାରଙ୍କ ନାମ ଅନ୍ତର୍ଭୁକ୍ତ କରିବାକୁ ଦାବି କରାଯାଇଛି। 'ଲିଣ୍ଡସେ ଓ. ଗ୍ରାହାମ ସାଙ୍କସନ୍ସ୍ ରୁଷ ଆଣ୍ଡ ଇରାନ ଆକ୍ଟ' ନାମକ ଏହି ବିଲ୍ ଗତ ମାସରେ ଆମେରିକା ସିନେଟ୍ ଦ୍ୱାରା ବଡ ବହୁମତରେ ଗୃହୀତ ହୋଇଥିଲା। ଏହାର ସପକ୍ଷରେ ୮୬ ଜଣ ସାଂସଦ ଭୋଟ୍ ଦେଇଥିବା ବେଳେ ୧୧ ଜଣ ବିପକ୍ଷରେ ଭୋଟ୍ ଦେଇଥିଲେ। ଏହି ବିଲ୍ ରୁଷର ନେତୃତ୍ୱ ଏବଂ ଏହାର ଶକ୍ତି କ୍ଷେତ୍ର ଉପରେ କଟକଣା ଲଗାଇବା ସହିତ ତୈଳ ବିକ୍ରୟ କଟକଣାକୁ ଏଡ଼ାଇବା ପାଇଁ ରୁଷ ବ୍ୟବହାର କରୁଥିବା ଛାୟା ଫ୍ଲିଟ୍ ଜାହାଜଗୁଡ଼ିକ ଉପରେ କଟକଣା ଲଗାଇବା ପାଇଁ ଲକ୍ଷ୍ୟ ରଖିଛି।



ଆମେରିକା କହିଛି ଯେ, ରୁଷ ଅଶୋଧିତ ତେଲ ବିକ୍ରୟ କରି ଯେଉଁ ଟଙ୍କା ରୋଜଗାର କରୁଛି ତାହା ୟୁକ୍ରେନ ବିରୋଧରେ ଯୁଦ୍ଧରେ ବ୍ୟବହୃତ ହେଉଛି।ଏହି ବିଲ୍ ?ରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଚୀନ୍ ଏବଂ ଭାରତ ସମେତ ପ୍ରମୁଖ ରୁଷୀୟ ତୈଳ କ୍ରେତାମାନଙ୍କ ଉପରେ ୧୦୦% ପର୍ଯ୍ୟନ୍ତ ଶୁଳ୍କ ଲଗାଇବାର କ୍ଷମତା ପ୍ରଦାନ କରିବାର ପ୍ରସ୍ତାବ ମଧ୍ୟ ଦିଆଯାଇଛି। ଅଗଷ୍ଟ ୭ ତାରିଖରେ ଆମେରିକା ସିନେଟ୍ ଦ୍ୱାରା ଗୃହୀତ ଏହି ବିଲ୍‌ରେ ରୁଷର ବାଣିଜ୍ୟିକ ଅଂଶୀଦାରଙ୍କ ନାମ ନାହିଁ। ତେବେ ଏଥିରେ ପରିମାଣ ଅନୁସାରେ ବିଶ୍ୱର ପାଞ୍ଚଟି ସର୍ବବୃହତ ତୈଳ ଏବଂ ଗ୍ୟାସ୍ କ୍ରେତାଙ୍କ ନାମ ଉଲ୍ଲେଖ ଅଛି। ଏହାକୁ ରାଷ୍ଟ୍ରପତି ଟ୍ରମ୍ପଙ୍କ ନିକଟକୁ ପଠାଇବା ପୂର୍ବରୁ ଆମେରିକାର ପ୍ରତିନିଧି ସଭା ଦ୍ୱାରା ମଧ୍ୟ ଗୃହୀତ କରିବାକୁ ପଡ଼ିବ। ଆମେରିକାର ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ନଭେମ୍ବର ୩ ତାରିଖରେ ହେବାକୁ ଯାଉଛି। ଏହା ପୂର୍ବରୁ ପ୍ରତିନିଧି ସଭାର ସାଧାରଣ କାର୍ଯ୍ୟ କେବଳ ଚାରି ଦିନ ବାକି ଅଛି।ଏବେ ଡେମୋକ୍ରାଟିକ୍ କଂଗ୍ରେସମ୍ୟାନ୍ ଷ୍ଟେନି ହୋୟରର ବିଲ୍‌ରେ ଏକ ସଂଶୋଧନ ଆଗତ କରିଛନ୍ତି, ଯେଉଁଥିରେ ସ୍ପଷ୍ଟ ଭାବରେ ୧୦୦% ପର୍ଯ୍ୟନ୍ତ ଶୁଳ୍କ ଲାଗୁ ହେଉଥିବା ଦେଶଗୁଡ଼ିକର ନାମ ଉଲ୍ଲେଖ କରିବାକୁ ଦାବି ହୋଇଛି। ଭାରତ ସମେତ ୧୦ଟି ଦେଶର ନାମ ଯୋଡିବାକୁ ଦାବି କରାଯାଇଛି। ସେସବୁ ଦେଶଗୁଡ଼ିକ ମଧ୍ୟରେ ଚୀନ୍, ଭାରତ, ତୁର୍କୀ, ଆଜରବାଇଜାନ, ହଙ୍ଗେରୀ, ସ୍ଲୋଭାକିଆ ଗଣରାଜ୍ୟ, ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ),ସିଙ୍ଗାପୁର,କାଜାଖସ୍ତାନ ଏବଂ କିର୍ଗିଜସ୍ତାନ ଅଛନ୍ତି। ଏହି ବିଲ୍‌ଟି ରୁଷର ତୈଳ ଏବଂ ଗ୍ୟାସ୍ ବାଣିଜ୍ୟ ଉପରେ ଚାପ ବୃଦ୍ଧି କରିବା ପାଇଁ ଉଦ୍ଦିଷ୍ଟ। ଭାରତ ରୁଷର ଅଶୋଧିତ ତୈଳର ଏକ ପ୍ରମୁଖ କ୍ରେତା। ତେଣୁ ଭାରତ ଉପରେ ପ୍ରଭାବ ପଡ଼ିବାର ଆଶଙ୍କା ରହିଛି।ଆଶ୍ଚର୍ଯ୍ୟଜନକ କଥା ହେଉଛି, କିଛି ଡେମୋକ୍ରାଟିକ୍ ସାଂସଦ ମଧ୍ୟ ରୁଷର ବାଣିଜ୍ୟିକ ଅଂଶୀଦାରମାନଙ୍କ ଉପରେ ଅଧିକ ଶୁଳ୍କ ଲାଗୁ କରିବାର ଅଧିକାର ଟ୍ରମ୍ପଙ୍କୁ ଦେବାକୁ ବିରୋଧ କରୁଛନ୍ତି। ଡେମୋକ୍ରାଟିକ୍ କଂଗ୍ରେସମ୍ୟାନ୍ ଗ୍ରେଗୋରୀ ମିକ୍ସ ଏକ ପୃଥକ ସଂଶୋଧନ ଆଗତ କରିଛନ୍ତି ଯାହା ବିଲ୍‌ରୁ 'ନିୟମ ୧୧୩'କୁ ସମ୍ପୂର୍ଣ୍ଣ ଭାବରେ ହଟାଇବା ପାଇଁ ଆହ୍ୱାନ କରୁଛି। ଏହି ନିୟମ ରାଷ୍ଟ୍ରପତିଙ୍କୁ ରୁଷର ବାଣିଜ୍ୟିକ ଅଂଶୀଦାରମାନଙ୍କ ଉପରେ ୧୦୦% ପର୍ଯ୍ୟନ୍ତ ବ୍ୟାପକ ଅତିରିକ୍ତ ଶୁଳ୍କ ଲାଗୁ କରିବାକୁ ଅଧିକାର ଦେଉଛି।



# ଭାରତକ୍ଲାଉଡ ଓ ଇବେଂଟୋସ୍ ମଧ୍ୟରେ ରଣନୈତିକ ସହଭାଗିତା

**ଭୁବନେଶ୍ୱର, ୧୫।୯ (ନି.ପ୍ର)** : ଭବିଷ୍ୟତର ବ୍ରାଣ୍ଡ ମାର୍କେଟିଂ ଅଭିଯାନ ଓ ଇଭେଂଟ ଟେକ୍ନୋଲୋଜି ପାଇଁ ଭାରତର ଏଆଇ କ୍ଲାଉଡ ସେବା ପ୍ରଦାତା ଭାରତକ୍ଲାଉଡ ପକ୍ଷରୁ ଉତର ଆମେରିକା ଓ ଭାରତରେ ପରିଚାଳନା କରୁଥିବା ଏକ ଏଆଇ-ଚାଳିତ ଟେକ୍ନୋଲୋଜି କମ୍ପାନୀ ଆଇବେଂଟୋସ୍ ସହ ସହଭାଗିତା ଘୋଷଣା କରାଯାଇଛି। କେନ୍ଦ୍ର ମନ୍ତ୍ରୀ ପୀୟୁଷ ଗୋୟଲଙ୍କ ଅଧ୍ୟକ୍ଷତାରେ ବାଣିଜ୍ୟ ଏବଂ ନିବେଶ ଉପରେ ଆୟୋଜିତ ୭ମ ଭାରତ-କାନାଡା ମନ୍ତ୍ରୀସ୍ତରୀୟ ଆଲୋଚନା ଅବସରରେ ନିକଟରେ ଅନୁଷ୍ଠିତ ଭାରତ-କାନାଡା ବ୍ୟବସାୟ ସମ୍ମିଳନୀ ସମୟରେ ଉଭୟ ସଂସ୍ଥା ମଧ୍ୟରେ ଆଲୋଚନା ହେବା ପରେ ଏହି ସହଭାଗିତାକୁ ଆନୁଷ୍ଠାନିକ କରାଯାଇଥିଲା। ଏହି ସହଭାଗିତା ଆଇବେଂଟୋସ୍‌ର ଏଆଇ-ପରିଚାଳିତ ପ୍ଲାଟଫର୍ମକୁ ବ୍ୟବହାର କରି ଏହାର ବ୍ରାଣ୍ଡ ମାର୍କେଟିଂ, ଇଭେଂଟ ଟେକ୍ କ୍ଷମତା ଏବଂ ଗ୍ରାହକ ସମ୍ପର୍କକୁ ସୁଦୃଢ କରିବା ପାଇଁ ଭାରତକ୍ଲାଉଡ୍‌ର ପ୍ରତିବଦ୍ଧତାକୁ ପ୍ରତିଫଳନ କରୁଛି। ଭାରତକ୍ଲାଉଡ୍ ଏହାର ନିଜସ୍ୱ ଅନ୍-ବ୍ରାଣ୍ଡ ମାର୍କେଟିଂ କ୍ୟାମ୍ପେନଗୁଡ଼ିକୁ ଦକ୍ଷତାର ସହ ବ୍ୟାପକ ସ୍ତରରେ ନିର୍ମାଣ ଓ ପରିଚାଳନା କରିବା ପାଇଁ ଆଇବେଂଟୋସ୍‌ର ଏକ ଏଆଇ-ପାରିଚାଳିତ ମାର୍କେଟିଂ ପ୍ଲାଟଫର୍ମ ହାଇପର୍ ବ୍ୟବହାର କରିବ ଏବଂ ସମାନ ଏଆଇ-ଚାଳିତ ବ୍ରାଣ୍ଡ ମାର୍କେଟିଂ କ୍ଷମତାଗୁଡ଼ିକ ସହ ନିଜର ଗ୍ରାହକଙ୍କୁ ସଶକ୍ତ କରିବା ପାଇଁ ସୁଯୋଗଗୁଡ଼ିକର ଅନ୍ୱେଷଣ କରିବ।

ଏହି ଅବସରରେ କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ଶ୍ରୀ ପୀୟୁଷ ଗୋୟଲ କହିଛନ୍ତି, 'ମନ୍ତ୍ରୀମାନେ ଦ୍ରବ୍ୟ ଏବଂ ସେବା କ୍ଷେତ୍ରରେ ଦ୍ୱିପାକ୍ଷିକ ବାଣିଜ୍ୟରେ ଦୃଢ ଅଭିବୃଦ୍ଧି ପରିଲକ୍ଷିତ କରିଛନ୍ତି, ଏହା ୨୦୨୪ରେ ୨୩.୬୬ ବିଲିୟନ ଡଲାରରେ ପହଂଚିଥିବା ବେଳେ ମର୍ଚ୍ଚାଣ୍ଡାଇଜ୍ଡ ଟ୍ରେଡ୍‌ର ମୂଲ୍ୟ ପ୍ରାୟ ୮.୯୮ ବିଲିୟନ ଡଲାର ଥିଲା,




ଯାହା ପୂର୍ବ ବର୍ଷ ତୁଳନାରେ ୧୦% ବୃଦ୍ଧି ହୋଇଛି। ମନ୍ତ୍ରୀମାନେ ଭାରତ-କାନାଡା ଆର୍ଥିକ ସହଭାଗିତାର ଶକ୍ତି ଓ ସ୍ଥିରତାକୁ ପୁନଃସ୍ଥାପିତ କରିଛନ୍ତି ଏବଂ ବାଣିଜ୍ୟ ଓ ନିବେଶ ପାଇଁ ନୂତନ ସୁଯୋଗଗୁଡ଼ିକୁ ଉନ୍ମୋଚନ କରିବା ଲାଗି ଘରୋଇ କ୍ଷେତ୍ର ସହିତ ନିରନ୍ତର ସମ୍ପର୍କର ମହତ୍ୱ ଉପରେ ଗୁରୁତ୍ୱାରୋପ କରିଛନ୍ତି।' ଭାରତକ୍ଲାଉଡର ସହ-ପ୍ରତିଷ୍ଠାତା ରାହୁଲ ଟକ୍କାପାଲି କହିଛନ୍ତି, 'ଭାରତ-କାନାଡା ବ୍ୟବସାୟ ମିଶନରେ ଆଇବେଂଟୋସ୍ ଟିମ୍ ସହିତ ଆମର ଆଲୋଚନା ଉଦ୍ଭାବନ ଓ ଗ୍ରାହକ ସଂତୁଷ୍ଟି ପ୍ରତି ଏକ ସାଧାରଣ ଦୃଷ୍ଟିକୋଣ ଆଣିଥିଲା। ଭାରତକ୍ଲାଉଡ ବିଭିନ୍ନ ବଜାରରେ ଏହାର ଉପସ୍ଥିତି ବୃଦ୍ଧି କରିବା ପାଇଁ ଯୋଜନା ରଖିଥିବାରୁ, ଆମକୁ ଜଣେ ଟେକ୍ନୋଲୋଜି ପାର୍ଟନରଙ୍କର ଆବଶ୍ୟକତା ରହିଛି ଯିଏ ଆମର ମାର୍କେଟିଂ କ୍ୟାମ୍ପେନ, ଇଭେଂଟ ଓ ଡିଜିଟାଲ୍ ସମ୍ପର୍କକୁ ଅଧିକ ସ୍ମାର୍ଟ ଓ ଇଂଟରାକ୍ଟିଭ ଅଭିଜ୍ଞତା ଆଣିପାରିବ। ଆମେ ଏହି ସହଭାଗିତାକୁ ଆମର ଗ୍ରାହକ ଏବଂ ସହଯୋଗୀଙ୍କୁ ଅଧିକ ସମୃଦ୍ଧ ଡିଜିଟାଲ୍ ଅନୁଭୂତି ପ୍ରଦାନ କରିବା ପାଇଁ ଏକ ମାଧ୍ୟମ ଭାବେ ଦେଖୁଛୁ।' ସେହିପରି ଆଇବେଂଟୋସ ଆଇଏନସିର ସହପ୍ରତିଷ୍ଠାତା ଓ ସିଏମ୍‌ଓ ଜସପିନ୍ଦର ଭାଟିଆ କହିଛନ୍ତି, 'ଭାରତୀୟ ବ୍ୟବସାୟିକ ପ୍ରତିନିଧିମଣ୍ଡଳର ଅଂଶ ଭାବେ ତାଙ୍କର କାନାଡା ଗସ୍ତ ସମୟରେ ଭାରତକ୍ଲାଉଡର ପ୍ରତିଷ୍ଠାତା ଓ ସିଇଓଙ୍କୁ ଭେଟିବା ଆମର ଲକ୍ଷ୍ୟ, ଗ୍ରାହକ ଆଧାର ଓ ଉଦ୍ଭାବନ ପ୍ରତି ଦୃଷ୍ଟିକୋଣ ମଧ୍ୟରେ ଏକ ଦୃଢ ସମନ୍ୱୟ ଉନ୍ମୋଚନ କରିଥିଲା। ଭାରତୀୟ ବ୍ୟବସାୟ ପାଇଁ ଡିଜିଟାଲ୍ ମାର୍କେଟିଂ ଏବଂ ବ୍ରାଣ୍ଡିଂ କ୍ଷେତ୍ରରେ ଆଇବେଂଟୋସ୍ ପ୍ରତିଷ୍ଠାତାଙ୍କ ଦଶ ବର୍ଷରୁ ଅଧିକ ଅଭିଜ୍ଞତା, ଆମର ନୂତନ ଏଆଇ-ଚାଳିତ ମାର୍କେଟିଂ ପ୍ଲାଟଫର୍ମ, ଆଇବେଂଟୋସ୍ ହାଇପର୍ କ୍ଷମତା ସହିତ ଏକତ୍ରିତ ହେବା ସହିତ, ଆମେ ଭାରତକ୍ଲାଉଡ୍ ବ୍ରାଣ୍ଡକୁ ସୁଦୃଢ କରିବା ଏବଂ ଏହାର ଗ୍ରାହକମାନଙ୍କୁ ସଶକ୍ତ କରିବା ପାଇଁ ଏକ ଆକର୍ଷଣୀୟ ସୁଯୋଗ ଦେଖୁଛୁ।'

# ଏଚଡିଏଫସି ଏର୍‌ଗୋ ଇନ୍ସୁରାନ୍ସ କ୍ୱିଜ୍ ଜୁନିଅରରେ ଓଡିଶାର ୧୦୮ଟି ସ୍କୁଲର ୪୫୦ରୁ ଅଧିକ ଛାତ୍ରଛାତ୍ରୀ ପଞ୍ଜୀକୃତ

**ଭୁବନେଶ୍ୱର, ୧୫।୯ (ନି.ପ୍ର)** : ଭାରତର ଅଗ୍ରଣୀ ବୀମା କମ୍ପାନୀ, ଏଚଡିଏଫସି ଏରଗୋ ଜେନେରାଲ ଇନ୍ସୁରାନ୍ସ କମ୍ପାନୀ ୮ମ ଓ ୯ମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଇଁ ଏହାର ଫ୍ଲାଗସିପ ଅଭିଯାନ ଏଚ୍‌ଡିଏଫସି ଏରଗୋ ଇନ୍ସୁରାନ୍ସ କ୍ୱିଜ୍ ଜୁନିଅରର ୧୧ତମ ସଂସ୍କରଣ ଆରମ୍ଭ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମ ଅଧିନରେ ଓଡିଶାର ୧୦୮ଟି ସ୍କୁଲର ୪୫୦ରୁ ଅଧିକ ଛାତ୍ରଛାତ୍ରୀ ଏହି କ୍ୱିଜ୍ ପାଇଁ ପଞ୍ଜୀକରଣ କରିଛନ୍ତି। ଚଳିତ ବର୍ଷ ଏହି କ୍ୱିଜ କଂଟେଂଟକୁ ୧୦ଟି ଭାରତୀୟ ଭାଷାରେ ପ୍ରଦାନ କରାଯାଇଥିଲା ଏବଂ କ୍ୱିଜ ପାଇଁ ପୀକରଣ କରିଥିବା ୨୫ଟି ସ୍କୁଲ ସ୍ଥାନୀୟ ମାଧ୍ୟମର ଥିଲେ, ଯାହା ଏହି କାର୍ଯ୍ୟକ୍ରମକୁ ତୃଣମୂଳ ସ୍ତରକୁ ନେଇଥିଲା। ବର୍ତ୍ତମାନ କ୍ୱିଜ୍‌ର ପ୍ରେଲିମିନାରୀ ରାଉଣ୍ଡ ପରିଚାଳିତ ହେଉଛି। ଏହି ରାଉଣ୍ଡର ଶୀର୍ଷ ୩୨ଟି ଟିମ ଗ୍ରାଣ୍ଡ ଫିନାଲେ ପାଇଁ ନିଜର ସ୍ଥାନ ପକ୍କା କରିବା ଲାଗି ଭର୍ଚୁଆଲ ଜୋନାଲ ରାଉଣ୍ଡରେ ପ୍ରତିଦ୍ୱନ୍ଦିତା କରିବେ। ଏଚଡିଏଫସି ଏର୍ଗୋ ଇନ୍ସୁରାନ୍ସ କ୍ୱିଜ ଜୁନିଅରର ୨୦୨୬ ସଂସ୍କରଣ ଫିଜିକାଲ ଗ୍ରାଣ୍ଡ ଫିନାଲେରେ ୬ଟି ଟିମ୍ ଜାତୀୟ ଟାଇଟଲ ପାଇଁ ପ୍ରତିଦ୍ୱନ୍ଦିତା କରିବା ସହ ଶେଷ ହେବ।

୨୦୧୬ରେ ଏହାର ଆରମ୍ଭ ପରଠାରୁ ଏଚ୍‌ଡିଏଫସି ଏରଗୋ ଇନ୍ସୁରାନ୍ସ କ୍ୱିଜ ଜୁନିଅର ଉଭୟ ବ୍ୟାପକତା ଓ ପହଂଚ କ୍ଷେତ୍ରରେ ବହୁମାତ୍ରାରେ ବୃଦ୍ଧି ପାଇଛି। ୧୮ଟି ସ୍କୁଲ ସହ ଗୋଟିଏ ସହରରେ ଏକ କ୍ୱିଜ ଭାବେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଭାରତର ୧୧୦୦ରୁ ଅଧିକ ସହରକୁ ବିସ୍ତାର ହୋଇଛି। ଗତ ଦଶନ୍ଧି ମଧ୍ୟରେ ଏହି କାର୍ଯ୍ୟକ୍ରମ ୩ ମିଲିୟନରୁ ଅଧିକ ଛାତ୍ରଛାତ୍ରୀଙ୍କ ପାଖରେ ପହଂଚିଛି, ଯାହା ଏହାକୁ ଦେଶର ଯୁବ ଦର୍ଶକଙ୍କ ପାଇଁ ବୀମା ସଚେତନତା ଓ ଆର୍ଥିକ ସାକ୍ଷରତା ପହଂଚାଇବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ଲାଟଫର୍ମରେ ପରିଣତ କରିଛି।

ଏହି ପଦକ୍ଷେପ ସମ୍ପର୍କରେ ଏଚଡିଏଫସି ଏରଗୋ ଜେନେରାଲ ଇନ୍ସୁରାନ୍ସ କମ୍ପାନୀର ଡିଜିଟାଲ ବିଜନେସ୍ ଗ୍ରୁପ ଆଣ୍ଡ ମାର୍କେଟିଂ ବିଭାଗର ଯୁଗ୍ମ ଅଧ୍ୟକ୍ଷ ସୋମେଶ ସୁରାନା କହିଛନ୍ତି, 'ବୀମା ହେଉଛି ଅପ୍ରତ୍ୟାଶିତ ପରିସ୍ଥିତି ପାଇଁ ପ୍ରସ୍ତୁତ ହେବା ସମ୍ପର୍କରେ ଏବଂ ଆମେ ବିଶ୍ୱାସ କରୁଛୁ ଯେ, ଏହି ବିଚାରଧାରାକୁ ବୁଝିବାର ପ୍ରକ୍ରିୟା ଶୀଘ୍ର ଆରମ୍ଭ ହେବା ଉଚିତ। ଯାହା ଏହି ଯାତ୍ରାକୁ ନିର୍ଦ୍ଦିଷ୍ଟ ଭାବେ ଅର୍ଥପୂର୍ଣ୍ଣ କରୁଛି ତାହା ହେଉଛି ବିଭିନ୍ନ ଅଂଚଳ, ଭାଷା ଓ ପୃଷ୍ଠଭୂମିର ଛାତ୍ରଛାତ୍ରୀଙ୍କୁ ସମାନ ଆଗ୍ରହ ଓ ଉତ୍ସାହ ସହ ଏକାଠି ହେବାର ଦେଖିବା। ଆମେ ୧୧ତମ ସଂସ୍କରଣରେ ପ୍ରବେଶ କରୁଥିବାରୁ, ଆମର ଲକ୍ଷ୍ୟ କେବଳ ଉତମ କ୍ୱିଜର ସୃଷ୍ଟି କରିବା ନୁହେଁ ବରଂ ଜୀବନର ଅନିଶ୍ଚିତତା ସମ୍ପର୍କରେ ଅଧିକ ସଚେତନ, ଆତ୍ମବିଶ୍ୱାସୀ ଓ ପ୍ରସ୍ତୁତ ଥିବା ଏକ ପିଢିକୁ ବିକଶିତ କରିବା।

# ଦିଲ୍ଲୀର ଲର୍ଡ଼ ଜଗନ୍ନାଥ ସୋସାଇଟି ପକ୍ଷରୁ ଗଣେଶ ପୂଜା ଆୟୋଜନ




**ନୂଆଦିଲ୍ଲୀ, ୧୫।୯ (ନି.ପ୍ର)**: ଏଠାକାର ପୁଷ୍ପିହାର ଠାରେ ଦିଲ୍ଲୀର ଲର୍ଡ଼ ଜଗନ୍ନାଥ ସୋସାଇଟି ପକ୍ଷରୁ ୧୬ ତମ ବାର୍ଷିକ ଗଣେଶ ପୂଜା ମହା ସମାରୋହରେ ପାଳନ କରାଯାଇଛି। ଭକ୍ତିପୂତ ପରିବେଶ ମଧ୍ୟରେ ଅପରାହ୍ନରେ ଗଣପତି ଙ୍କର ପ୍ରତିମୂର୍ତ୍ତି ପ୍ରତିଷ୍ଠା ଓ ପୂଜାର୍ଚ୍ଚନା ବିଧି ମୁତାବକ ସମ୍ପନ୍ନ କରାଯାଇଥିଲା। ଦିନ ତିନିଟା ବେଳେ ରାଜଧାନୀ କ୍ଷେତ୍ରର ଶତାଧିକ ଓଡିଆ ଓ ଅଣଓଡ଼ିଆ ଭକ୍ତ ସେମାନଙ୍କର ପରିବାରବର୍ଗଙ୍କ ସହିତ ବୁଦ୍ଧିଦାତାଙ୍କର କରକମଳରେ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ। ଚଳିତ ବର୍ଷର ବିନାୟକ ଚତୁର୍ଥୀ ପର୍ବକୁ କେନ୍ଦ୍ରକରି ଆୟୋଜନ କମିଟିର ସଦସ୍ୟ, ସ୍ୱେଚ୍ଛାସେବୀ ଏବଂ ସାଧାରଣ ଦର୍ଶକ ମାନଙ୍କ ମଧ୍ୟରେ ପ୍ରବଳ ଆନନ୍ଦ, ଅପୂର୍ବ ଉଲ୍ଲାସ, ଅଦମ୍ୟ ଉତ୍ସାହ, ଅଫୁରନ୍ତ ଉଦ୍ଦୀପନା ପରିଲକ୍ଷିତ କରାଯାଇଥିଲା। ମହୋତ୍ସବରେ ଅତିଥି ଭାବରେ ଶ୍ରୀ ନୀଳାଚଳ ସେବାସଂଘର ସମ୍ପାଦକ ରବୀନ୍ଦ୍ର ନାଥ ପ୍ରଧାନ ଓ ୱାର୍ଲଡ଼ ଓଡ଼ିଶା ସୋସାଇଟିର ଅଧ୍ୟକ୍ଷ କିଶୋର ଦ୍ୱିବେଦୀ ଯୋଗ ଦେଇ ଥିଲେ। ଏହି ଅବସରରେ ଓଁ ଶ୍ରୀ ହରି ସୁର ଝଙ୍କାର ଦ୍ୱାରା ପରିବେଷିତ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଗଜାନନ ମହୋତ୍ସବର ମୁଖ୍ୟ ଆକର୍ଷଣ ଥିଲା। ବିଶିଷ୍ଟ ଗାୟକ ହରି ନାରାୟଣ ଦାଶ ଓ ସାଥି କଳାକାର ବିଦ୍ୟାଧର ଦାସ, ସୌମ୍ୟରଞ୍ଜନ ରଣା ମନଲୋଭା ସଂଗୀତ ଓ ରାଜ କୁମାର ସାମଲ ଉଚ୍ଚକୋଟୀର ତବଲା ବାଦନ ପରିବେଷଣ କରି ଦର୍ଶକ ମାନଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲେ। ପ୍ରଦୀପ୍ତ ପାତ୍ର ସମଗ୍ର କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ସଂଚାଳନା କରିଥିଲେ। ପର୍ବକୁ ସଫଳତାର ଆୟୋଜନ କରିବାରେ ସୋସାଇଟିର ସଭାପତି ରବୀନ୍ଦ୍ର ସାମଲ, ଉପ-ସଭାପତି ଅନୁପ ନାୟକ, ସମ୍ପାଦକ ରାଧାଶ୍ୟାମ ସାହୁ,ଯୁଗ୍ମ ସମ୍ପାଦକ ନଳିନୀ କାନ୍ତ ରାଉତ ଏବଂ କୋଷାଧ୍ୟକ୍ଷ ପ୍ରେମାନନ୍ଦ ଲେଙ୍କା ପ୍ରମୁଖ ମୁଖ୍ୟ ଭୂମିକା ନିର୍ବାହ କରିଥିଲେ। ସୋସାଇଟିର ବରିଷ୍ଠ ସଦସ୍ୟ ବୃନ୍ଦ ଯଥା :- ଅମୂଲ୍ୟ ଓଝା, ପ୍ରକାଶ ବିଶ୍ୱାଳ, ମନୋଜ ସାହୁ, ଭେନୁ ଗୋପାଳ, ପ୍ରଦୀପ୍ତ ବେହେରା, ସରୋଜ ବିଷ୍ଵାଣୀ, ଅଜୟ ଜେନା, ସଞ୍ଜୟ ଦଳେଇ, ରାଜ କିଶୋର ଏବଂ ବାସୁଦେବ ବେହେରା ପ୍ରମୁଖ ଆୟୋଜନରେ ସକ୍ରୀୟ ସହଯୋଗ ପ୍ରଦାନ କରିଥିଲେ।

# ଓଡ଼ିଶାର ଶିଳ୍ପଭିତିଭୂମିକୁ ସୁଦୃଢ଼ କରିବା ଏବଂ ଭାରତର ଆତ୍ମନିର୍ଭରତା ଲକ୍ଷ୍ୟକୁ ସମର୍ଥନ କରିବାରେ କଳାହାଣ୍ଡିରେ ଦାୟିତ୍ୱପୂର୍ଣ୍ଣ ଖଣି ଉତୋଳନ ଗୁରୁତ୍ୱପୂର୍ଣ୍ଣ

**ଭୁବନେଶ୍ୱର, ୧୫।୯ (ନି.ପ୍ର)** : ଇସ୍ପାତ ପରେ ବିଶ୍ୱରେ ସର୍ବାଧିକ ବ୍ୟବହୃତ ଧାତୁ ମଧ୍ୟରେ ଆଲୁମିନିୟମ ଅନ୍ୟତମ। ଏକବିଂଶ ଶତାବ୍ଦୀର ଭବିଷ୍ୟତ ନିର୍ଦ୍ଧାରଣ କରିବାକୁ ଥିବା ଅନେକ କ୍ଷେତ୍ର ନବୀକରଣଯୋଗ୍ୟ ଶକ୍ତି, ବିଦ୍ୟୁତ୍ ଯାନ, ମହାକାଶ ଓ ବିମାନ ଶିଳ୍ପ, ପ୍ରତିରକ୍ଷା, ଭିତିଭୂମି ଆଦି ପାଇଁ ଏହା ଅପରିହାର୍ଯ୍ୟ। ତେଣୁ ଆଲୁମିନିୟମ ଉତ୍ପାଦନ ପାଇଁ ଆବଶ୍ୟକ କଂଚାମାଲର ନିର୍ଭରଯୋଗ୍ୟ ଉପଲବ୍ଧତା ସୁନିଶ୍ଚିତ କରିବା ଏକ ରଣନୀତିକ ଆବଶ୍ୟକତାରେ ପରିଣତ ହୋଇଛି। ଏହି ସୁଯୋଗର କେନ୍ଦ୍ରରେ ରହିଛି ବକ୍ସାଇଟ୍। ଭାରତର ସମୃଦ୍ଧ ବକ୍ସାଇଟ୍ ଭଣ୍ଡାର ଥିବା ରାଜ୍ୟଗୁଡ଼ିକ ମଧ୍ୟରେ ଓଡ଼ିଶା ଅନ୍ୟତମ। କଳାହାଣ୍ଡିରେ ମଧ୍ୟ ବକ୍ସାଇଟର ବିପୁଳ ଭଣ୍ଡାର ରହିଛି। ତଥାପି ଏହି ସମ୍ଭାବନାର ବଡ଼ ଅଂଶ ଏବେ ବି ଅବ୍ୟବହୃତ ରହିଛି। ଅନ୍ୟପଟେ ଓଡ଼ିଶାରେ ବିଶ୍ୱର କେତେକ ବୃହତ୍ ଆଲୁମିନା ବିଶୋଧନ ଓ ଆଲୁମିନିୟମ ଉତ୍ପାଦନ କାରଖାନା ରହିଛି। ଏହି ବକ୍ସାଇଟ୍ ସମ୍ପଦକୁ ଦାୟିତ୍ୱପୂର୍ଣ୍ଣ ଭାବେ ଉନ୍ମୁକ୍ତ କରି ସୁସ୍ଥିର ପରିଚାଳନା କରାଗଲେ ନୂଆ ପୁନିବେଶ, ନିଯୁକ୍ତି ଓ ଜିଲ୍ଲାସ୍ତରୀୟ ବିକାଶର ନୂଆ ଅଧ୍ୟାୟ ଆରମ୍ଭ ହୋଇପାରିବ। ଏହା ଓଡ଼ିଶାର 'ବିକଶିତ ଓଡ଼ିଶା ୨୦୩୬' ଲକ୍ଷ୍ୟ ପୂରଣ ସହ ଭାରତର ଦୀର୍ଘମିଆଦୀ ଉତ୍ପାଦନ ପ୍ରତିଯୋଗିତାକ୍ଷମତାକୁ ମଧ୍ୟ ସୁଦୃଢ଼ କରିପାରିବ ବୋଲି ଶିଳ୍ପ ପର୍ଯ୍ୟବେକ୍ଷକମାନେ ମତ ଦେଇଛନ୍ତି। 'କଳାହାଣ୍ଡିର ବକ୍ସାଇଟ କେବଳ ଉତୋଳନ କରିବାକୁ ଥିବା ଏକ ଖଣିଜ ଭାବେ ଦେଖିବା ଉଚିତ ନୁହେଁ। ଖଣି ଉତୋଳନ ଓ ବିଶୋଧନଠାରୁ ଆରମ୍ଭ କରି ଉତ୍ପାଦନ, ପରିବହନ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଏବଂ ସରକାରୀ ରାଜସ୍ୱ ପର୍ଯ୍ୟନ୍ତ ଏହା ଏକ ବ୍ୟାପକ ବିକାଶ ଶୃଙ୍ଖଳାର ପ୍ରଥମ କଡ଼ି। ଓଡ଼ିଶାରେ ପୂର୍ବରୁ ଯଥେଷ୍ଟ ଆଲୁମିନା ବିଶୋଧନ କ୍ଷମତା ଥିବାରୁ ଉପଯୁକ୍ତ ବକ୍ସାଇଟ୍ ସମ୍ପଦକୁ ଦାୟିତ୍ୱପୂର୍ଣ୍ଣ ଭାବେ ଉନ୍ମୁକ୍ତ କରିବା ଦ୍ୱାରା ବିଦ୍ୟମାନ ଶିଳ୍ପ ବ୍ୟବସ୍ଥା ସୁଦୃଢ଼ ହେବା ସହ ଅଂଚଳରେ ଅଧିକ ଉତ୍ପାଦନଶୀଳ ନିଯୁକ୍ତି ସୃଷ୍ଟି ହୋଇପାରିବ,' ବୋଲି ଭାରତର ଭୂତତ୍ତ୍ୱ ସର୍ବେକ୍ଷଣର ପୂର୍ବତନ ନିର୍ଦ୍ଦେଶକ ଶ୍ରୀ ଶିବ ମହାକୁଡ଼ କହିଛନ୍ତି। ବକ୍ସାଇଟ୍ ହେଉଛି ଆଲୁମିନିୟମ ମୂଲ୍ୟ ଶୃଙ୍ଖଳାର ପ୍ରାରମ୍ଭିକ କଂଚାମାଲ। ଏହି ଖଣିଜର ନିର୍ଭରଯୋଗ୍ୟ ଘରୋଇ ଯୋଗାଣ ବିଦ୍ୟମାନ ବିଶୋଧନ କାରଖାନାଗୁଡ଼ିକୁ ସେମାନଙ୍କର ସର୍ବାଧିକ କ୍ଷମତାରେ ଚାଲିବାରେ ସହାୟତା କରିପାରିବ। ଏହା ପୁନିବେଶକାରୀଙ୍କ ଆସ୍ଥା ବଢ଼ାଇବା ସହ ରାଜ୍ୟରେ ଆଗାମୀ ପର୍ଯ୍ୟାୟର ଉତ୍ପାଦନ କ୍ଷମତା ବିକାଶକୁ ମଧ୍ୟ ସମର୍ଥନ କରିପାରିବ। ବର୍ତ୍ତମାନ ଅଗ୍ରଣୀ ଉତ୍ପାଦକମାନେ ବକ୍ସାଇଟ୍ ଯୋଗାଣରେ ଅଭାବ ରହିଥିବା ଜଣାଇଛନ୍ତି। ଏହା ଦୀର୍ଘଦିନ ଧରି କାରଖାନାଗୁଡ଼ିକର କ୍ଷମତାର ଅପୂର୍ଣ୍ଣ ବ୍ୟବହାର ଏବଂ ରାଜ୍ୟ ରାଜସ୍ୱ ହ୍ରାସର କାରଣ ହୋଇଛି। କଳାହାଣ୍ଡି ପାଇଁ ଦାୟିତ୍ୱପୂର୍ଣ୍ଣ ଖଣି ଉତୋଳନ ପୁନିବେଶ ଓ ଭିତିଭୂମି ବିକାଶଠାରୁ ଆରମ୍ଭ କରି ନିଯୁକ୍ତି, ସ୍ଥାନୀୟ ଉଦ୍ୟୋଗ ଓ ଆର୍ଥିକ ବିକାଶ ପର୍ଯ୍ୟନ୍ତ ଏକ ସିଧାସଳଖ ବିକାଶ ପଥ ସୃଷ୍ଟି କରିପାରିବ। ଏହାର ପ୍ରଥମ ପ୍ରଭାବ ପଡ଼ିବ ପୁନିବେଶ ଉପରେ। ଖଣି ପ୍ରକଳ୍ପ ପାଇଁ ଅନୁସନ୍ଧାନ, ଯନ୍ତ୍ରପାତି, ପରିବହନ, ସୁରକ୍ଷା ଓ ପରିବେଶ ପରିଚାଳନାରେ ବିପୁଳ ଖର୍ଚ୍ଚ ଆବଶ୍ୟକ ହୁଏ। ଉତ୍ପାଦନ ଆରମ୍ଭ ହେବା ପୂର୍ବରୁ ହିଁ ଏହା ସ୍ଥାନୀୟ ଠିକାଦାର ଓ ଯୋଗାଣକାରୀଙ୍କ ପାଇଁ ସୁଯୋଗ ସୃଷ୍ଟି କରିବ ଏବଂ ଅଂଚଳର କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗର ବିକାଶକୁ ଗତି ଦେବ। ନିଯୁକ୍ତିର ପ୍ରଭାବ କେବଳ ପ୍ରତ୍ୟକ୍ଷ ଖଣି ନିଯୁକ୍ତିରେ ସୀମିତ ରହିବ ନାହିଁ। ମୁଖ୍ୟ ପରିଚାଳନା, ରକ୍ଷଣାବେକ୍ଷଣ, ଗୁଣବତା ପରୀକ୍ଷାଗାର, ସୁରକ୍ଷା ସେବା ଓ ନିର୍ମାଣ କ୍ଷେତ୍ରରେ ମଧ୍ୟ ସୁଯୋଗ ସୃଷ୍ଟି ହୋଇପାରିବ। ଫଳରେ ଅଞ୍ଚଳର ଯୁବପିଢ଼ି ନିଜ ଅଂଚଳ ନିକଟରେ ନିଯୁକ୍ତିର ସୁଯୋଗ ପାଇପାରିବେ। ସରକାରୀ ରାଜସ୍ୱର ଲାଭ ମଧ୍ୟ ସମାନ ଭାବେ ଗୁରୁତ୍ୱପୂର୍ଣ୍ଣ। ଖଣିଜ ଉତ୍ପାଦନ ବଢ଼ାଇବା ଉପରେ ଓଡ଼ିଶାର ଗୁରୁତ୍ୱ ସହିତ ସମ୍ପଦର ବ୍ୟବହାରକୁ ମାପଯୋଗ୍ୟ ସାର୍ବଜନୀନ ଲାଭ ସହ ଯୋଡ଼ିବା ପାଇଁ ସମୟୋପଯୋଗୀ ନୀତିଗତ ପଦକ୍ଷେପ ମଧ୍ୟ ଆବଶ୍ୟକ। ଖଣି ରାଜସ୍ୱରୁ ରୟାଲଟି, କର, ବିଭିନ୍ନ ଶୁଳ୍କ ଏବଂ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ପାଣ୍ଠିକୁ ଅର୍ଥ ମିଳେ। ଏହି ଅର୍ଥ ପାନୀୟ ଜଳ, ରାସ୍ତା, ସ୍ୱାସ୍ଥ୍ୟସେବା, ବିଦ୍ୟାଳୟ ଓ ଦକ୍ଷତା ବିକାଶ ଭଳି ପ୍ରକଳ୍ପରେ ବିନିଯୋଗ କରାଯାଏ। କଳାହାଣ୍ଡି ଏହାର ଏକ ପ୍ରାସଙ୍ଗିକ ଉଦାହରଣ। ଏଠାରେ ଉଲ୍ଲେଖନୀୟ ଆଲୁମିନା ବିଶୋଧନ କ୍ଷମତା ବିକଶିତ ହୋଇଛି। ଏହା ସହିତ ବିଭିନ୍ନ ବ୍ୟବସାୟିକ ସଂସ୍ଥା ସ୍ଥାନୀୟ ସ୍ୱାସ୍ଥ୍ୟସେବା, ଶିକ୍ଷା କାର୍ଯ୍ୟକ୍ରମ ଓ କ୍ଷୁଦ୍ର ବ୍ୟବସାୟକୁ ମଧ୍ୟ ସମର୍ଥନ ଦେଉଛନ୍ତି। ତେବେ ବିଶୋଧନ କ୍ଷମତାକୁ ପର୍ଯ୍ୟାପ୍ତ ସ୍ଥାନୀୟ ବକ୍ସାଇଟ୍ ଯୋଗାଣ ନ ହେବା ତଥା ବାହାର ରାଜ୍ୟର ଯୋଗାଣ ଉପରେ ନିର୍ଭର କରିବାକୁ ପଡ଼ିଲେ ଏହି ବିକାଶ ଚକ୍ର ଅସମ୍ପୂର୍ଣ୍ଣ ରହିଯାଏ। କ୍ଷମତାର ଅପୂର୍ଣ୍ଣ ବ୍ୟବହାରର ଅର୍ଥ ହେଉଛି ଉତ୍ପାଦନ ହ୍ରାସ, ନିଯୁକ୍ତି ହ୍ରାସ ଏବଂ ଓଡ଼ିଶା ପାଇଁ ଆର୍ଥିକ ମୂଲ୍ୟର କ୍ଷତି। ତେଣୁ ସ୍ଥାନୀୟ ଭାବେ ଉପଲବ୍ଧ ବକ୍ସାଇଟ୍ର ନିର୍ଭରଯୋଗ୍ୟ ଉପଲବ୍ଧତା ସୁନିଶ୍ଚିତ କରିବା ଓଡ଼ିଶାର ସମ୍ପୂର୍ଣ୍ଣ ଆର୍ଥିକ ସମ୍ଭାବନାକୁ ବାସ୍ତବ ରୂପ ଦେବା ପାଇଁ ଅତ୍ୟନ୍ତ ଜରୁରୀ। 'ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ କେବଳ କେତେ ପରିମାଣର ଖଣିଜ ଉତ୍ପାଦନ ହେଉଛି ତାହା ନୁହେଁ; ବରଂ ଏଥିରୁ କେତେ ମୂଲ୍ୟ ଓଡ଼ିଶା ମଧ୍ୟରେ ରହୁଛି, ତାହା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ସ୍ଥାନୀୟ ବକ୍ସାଇଟ୍ର ଉପଲବ୍ଧତା ଅଧିକ ପୁନିବେଶ, ସରକାରୀ ରାଜସ୍ୱ ବୃଦ୍ଧି, ସ୍ଥାନୀୟ ବ୍ୟବସାୟର ସୁଦୃଢ଼ତା ଓ ଉନ୍ନତ ସାମାଜିକ ଭିତିଭୂମି ମାଧ୍ୟମରେ ବହୁଗୁଣିତ ପ୍ରଭାବ ସୃଷ୍ଟି କରିପାରେ।

# ଆକ୍ସିସ୍ ବ୍ୟାଙ୍କ ଓ ହିଟାଚି ପେମେଂଟ୍ ସର୍ଭିସେସ୍ ପକ୍ଷରୁ ଏଆଇ ଚାଳିତ ବ୍ୟାଙ୍କିଂ ସମାଧାନ ଉନ୍ମୋଚିତ

**ଭୁବନେଶ୍ୱର, ୧୫।୯ (ନି.ପ୍ର)** : ଦେଶର ଅନ୍ୟତମ ସର୍ବବୃହତ୍ତ ଘରୋଇ ବ୍ୟାଙ୍କ ଆକ୍ସିସ୍ ବ୍ୟାଙ୍କ ଓ ହିଟାଚି ପେମେଂଟ୍ ସର୍ଭିସେସ୍ ପକ୍ଷରୁ ମିଳିତ ଭାବେ ଦୁଇଟି ଏଆଇ ପରିଚାଳିତ ସମାଧାନ ଏକ୍ସପ୍ରେସ୍ ବ୍ୟାଙ୍କିଂ: ଡିଜିଟାଲ୍ ପଏଂଟ୍ ୨.୦ ଓ ଏଆଇ ସାଉଣ୍ଡବକ୍ସ ଉନ୍ମୋଚନ କରାଯାଇଛି। ଏକ୍ସପ୍ରେସ୍ ବ୍ୟାଙ୍କିଂ: ଡିଜିଟାଲ୍ ବ୍ୟାଙ୍କିଂ ପଏଂଟ୍ ୨.୦ ଜରିଆରେ ଗ୍ରାହକମାନେ ବ୍ୟାଙ୍କ ସେବା ପାଇପାରିବେ ଓ ପ୍ରାକୃତିକ ଭାଷାର ବାର୍ତ୍ତାଳାପ ଜରିଆରେ ସହାୟତା ହାସଲ କରିପାରିବେ। ଏଆଇ ସାଉଣ୍ଡବକ୍ସରେ ମର୍ଚ୍ଚାଂଟମାନେ ପେମେଂଟ୍ ସମ୍ପର୍କିତ ପ୍ରଶ୍ନକୁ ସ୍ୱର ଜରିଆରେ ପଚାରି ପାରିବେ ଓ ସଙ୍ଗେ ସଙ୍ଗେ ତାହାର ଉତ୍ତର ପାଇପାରିବେ। ଏହି ସମାଧାନ ବାର୍ତ୍ତାଳାପ ଭିତ୍ତିକ ବୁଦ୍ଧିମତ୍ତାକୁ ଦୈନନ୍ଦିନ ବ୍ୟାଙ୍କିଂ କାରବାର ସହ ଯୋଡ଼ିଛି। ଏକ୍ସପ୍ରେସ୍ ବ୍ୟାଙ୍କିଂ: ଡିଜିଟାଲ୍ ବ୍ୟାଙ୍କିଂ ପଏଂଟ୍ ୨.୦ ଉଭୟ ସେଲ୍ଫ ସର୍ଭିସ୍ ଓ ସହାୟକ ମୋଡ୍‌ରେ ଉପଲବ୍ଧ ହୋଇଛି ଯାହା ଖାତା ଖୋଲିବା,ତତ୍କାଳ କାର୍ଡ ଜାରି କରିବା, ଫିକ୍ସ ଡିପୋଜିଟ୍ ଜମା କରିବା, ୟୁଟିଲିଟି ବିଲ୍ ପେମେଂଟ୍ କରିବା, ଚେକ୍ ଜମା କରିବା ଓ ପାସ୍‌ବୁକ୍ ପ୍ରିଂଟ ଭଳି ସେବା ପ୍ରଦାନ କରିବ। ବ୍ୟାଙ୍କର ଗଠନ ଶୈଳୀ ଅନୁସାରେ ଏହି ସେବାକୁ ବଦଳାଇହେବ। ଏଆଇ ସାଉଣ୍ଡବକ୍ସରେ ଗୋଟିଏ ବଟନ ଦବାଇ ବ୍ୟବସାୟୀ ପେମେଂଟ୍ ସମ୍ପର୍କିତ ପ୍ରଶ୍ନ କରିପାରିବେ ଏବଂ ସ୍ୱର ଜରିଆରେ ତାହାର ଉତ୍ତର ପାଇପାରିବେ। ୧୨ଟି



ଭାରତୀୟ ଭାଷାରେ ଏହି ସେବା ଉପଲବ୍ଧ ହୋଇଛି। ଆକ୍ସିସ୍ ବ୍ୟାଙ୍କର ଗ୍ରୁପ୍ ହେଡ୍ (ବ୍ରାଂଚ ବ୍ୟାଙ୍କିଂ (ଦକ୍ଷିଣ) ସଂଜୀବ ମୋଘେ କହିଛନ୍ତି ଯେ, "ଆକ୍ସିସ୍ ବ୍ୟାଙ୍କରେ ପ୍ରଯୁକ୍ତିର ଉପଯୋଗ ମାଧ୍ୟମରେ ଦୈନନ୍ଦିନ ବ୍ୟାଙ୍କିଂ ସେବାକୁ ଅଧିକ ସରଳ, ସ୍ମାର୍ଟ ଏବଂ ଗ୍ରାହକଙ୍କ ଆବଶ୍ୟକତା ଅନୁଯାୟୀ ତ୍ୱରିତ କରିବା ଉପରେ ଆମର ଗୁରୁତ୍ୱ ରହିଛି। ହିଟାଚି ପେମେଣ୍ଟ ସର୍ଭିସେସ୍ ସହଯୋଗରେ ବିକଶିତ 'ଏକ୍ସପ୍ରେସ୍ ବ୍ୟାଙ୍କିଂ: ଡିଜିଟାଲ୍ ବ୍ୟାଙ୍କିଂ ପଏଣ୍ଟ ୨.୦' ଏକ ସୁଗମ ଓ ଭବିଷ୍ୟତମୁଖୀ ବ୍ୟାଙ୍କିଂ ଅନୁଭୂତି ପ୍ରଦାନ ଦିଗରେ ଆଉ ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ।" ଆକ୍ସିସ୍ ବ୍ୟାଙ୍କର ଗ୍ରୁପ୍ ହେଡ୍ (ଆକ୍ୱାୟାରିଂ ଏବଂ କାର୍ଡସ୍) ଭିନୀତ ବଜାଜ କହିଛନ୍ତି ଯେ, 'ଆକ୍ସିସ୍ ବ୍ୟାଙ୍କରେ ଆମେ ଏପରି ସମାଧାନ ପ୍ରସ୍ତୁତ କରିବା ଉପରେ ଧ୍ୟାନ ଦେଉଛୁ ଯାହା ବ୍ୟବସାୟିକ କାର୍ଯ୍ୟକଳାପକୁ ସରଳ କରିବ ଏବଂ ବ୍ୟବସାୟୀମାନଙ୍କ ପାଇଁ ଅର୍ଥପୂର୍ଣ୍ଣ ମୂଲ୍ୟ ସୃଷ୍ଟି କରିବ। ଏଆଇ ସାଉଣ୍ଡବକ୍ସ ଉପରେ ହିଟାଚି ପେମେଂଟ ସର୍ଭିସେସ୍ ସହିତ ଆମର ସହଭାଗିତା ବିଶ୍ୱସନୀୟ ପେମେଂଟ ଭିତ୍ତିଭୂମି ଏବଂ ବୁଦ୍ଧିମତାପୂର୍ଣ୍ଣ, ସ୍ୱର ଚାଳିତ ପ୍ରଯୁକ୍ତିବିଦ୍ୟାକୁ ଏକାଠି ଆଣିଛି ଯାହା ବ୍ୟବସାୟୀମାନଙ୍କୁ ବ୍ୟବସାୟିକ ତଥ୍ୟ ଓ ଆନ୍ତର୍ଦୃଷ୍ଟି ପାଇବା, ଦୈନନ୍ଦିନ କାର୍ଯ୍ୟ ପରିଚାଳନା କରିବା ଏବଂ ଅଧିକ ଆତ୍ମବିଶ୍ୱାସର ସହିତ କାରବାର କରିବାରେ ସାହାଯ୍ୟ କରିବ।

# ବିଦ୍ୟୁତ୍ ସେବାରୁ ସୌରଶକ୍ତି ପର୍ଯ୍ୟନ୍ତ : ଟିପିଏସ୍‌ଓଡିଏଲ୍‌କୁ ଦୁଇ ଜାତୀୟ ପୁରସ୍କାର

**ବ୍ରହ୍ମପୁର,୧୫।୯ (ନି.ପ୍ର)** : ଟାଟା ପାୱାର ଓ ଓଡ଼ିଶାସରକାରଙ୍କ ଏକ ଯୌଥ ଉଦ୍ୟୋଗଟି ପିସଦର୍ଣ୍ଣ ଓର୍ଙ୍ଗିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏସ୍‌ଓଡିଏଲ)କୁ ନୂଆଦିଲ୍ଲୀରେ ଆୟୋଜିତ 'ଦି ଇକୋନୋମିକ୍ ଟାଇମ୍ସ ଏନର୍ଜି ଲିଡରଶିପ୍ ଆୱାର୍ଡସ୍ ୨୦୨୬'ରେ ଦୁଇଟି ପ୍ରତିଷ୍ଠିତ ସମ୍ମାନ ମିଳିଛି। ବିଦ୍ୟୁତ୍ କ୍ଷେତ୍ରରେ ଉତ୍ତମ ପ୍ରଦର୍ଶନ ପାଇଁ ବୃହତ୍ କମ୍ପାନୀ ବର୍ଗରେ ବିଚାରକ ମଣ୍ଡଳୀ ପକ୍ଷରୁ କମ୍ପାନୀକୁ ସମ୍ମାନିତ କରାଯାଇଥିବା ବେଳେ, ୟୁଟିଲିଟି-ଲେଡ୍ ଆଗ୍ରିଗେସନ୍ (ୟୁଏଲ୍‌ଏ) ମଡେଲ୍ ଅଧୀନରେ ଛାତରେ ସୌରଶକ୍ତି ବ୍ୟବହାର ବଢ଼ାଇବା ପାଇଁ ଶ୍ରେଷ୍ଠ ଶକ୍ତି ପ୍ରକଳ୍ପ ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଛି। ଏହି ସମ୍ମାନ ଟିପିଏସ୍‌ଓଡିଏଲ୍‌ର ଉତ୍ତମ କାର୍ଯ୍ୟ ପରିଚାଳନା, ଗ୍ରାହକଙ୍କୁ ପ୍ରାଥମିକତା ଦେଇ ସେବା ଯୋଗାଇବା, ନୂଆ ପଦକ୍ଷେପ ଏବଂ ନିରନ୍ତର ଉନ୍ନତି ପାଇଁ କମ୍ପାନୀର ପ୍ରୟାସକୁ ସ୍ୱୀକାର କରୁଛି। ଏଥିସହ ଦକ୍ଷିଣ ଓର୍ଙ୍ଗିଶାର ବିଭିନ୍ନ ଭୌଗୋଳିକ ଅଞ୍ଚଳରେ ବିଦ୍ୟୁତ୍ ବଣ୍ଟନ ବ୍ୟବସ୍ଥାକୁ ଆହୁରି ମଜବୁତ କରିବା ସହ ସ୍ୱଚ୍ଛଶକ୍ତିର ବ୍ୟବହାରକୁ ଦ୍ରୁତଗତିରେ ବଢ଼ାଇବା ଦିଗରେ କମ୍ପାନୀର ପ୍ରୟାସକୁ ମଧ୍ୟ ଏହାମାନ୍ୟତା ଦେଇଛି। ଶକ୍ତି କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ଓ ଅବଦାନ ରଖୁଥିବା ସଂସ୍ଥା ଏବଂ ନୂଆ ପଦକ୍ଷେପ ଗୁଡ଼ିକୁ 'ଏନର୍ଜିଲିଡରଶିପ୍ ଆୱାର୍ଡସ୍' ମାଧ୍ୟମରେ ସମ୍ମାନିତ କରାଯାଏ।




'ଶକ୍ତିକମ୍ପାନୀ ପୁରସ୍କାର - ବିଦ୍ୟୁତ, ବୃହତ୍ କମ୍ପାନୀ ବର୍ଗ। ବିଚାରକ ମଣ୍ଡଳୀ ସ୍ୱୀକୃତି' ମାଧ୍ୟମରେ ଦକ୍ଷିଣ ଓର୍ଙ୍ଗିଶାର ମୁଖ୍ୟତଃ ଗ୍ରାମାଞ୍ଚଳକୁ ନେଇ ଗଠିତ ବିଦ୍ୟୁତ୍ ବଣ୍ଟନ ଅଞ୍ଚଳରେ ନିରାପଦ, ନିର୍ଭର ଯୋଗ୍ୟ ଓ ଦକ୍ଷ ବିଦ୍ୟୁତ୍ ଯୋଗାଣ କରିବା ସହ ଗ୍ରାହକଙ୍କୁ ପ୍ରାଥମିକତା ଦେଇ କାର୍ଯ୍ୟକରିବା ପାଇଁ ଟିପିଏସ୍‌ଓଡିଏଲ୍‌ର ପ୍ରୟାସକୁ ସ୍ୱୀକୃତି ମିଳିଛି। 'ୟୁଟିଲିଟି-ଲେଡ୍ ଆଗ୍ରିଗେସନ୍ (ୟୁଏଲ୍‌ଏ) ମଡେଲ୍ ଅଧୀନରେ ଛାତରେ ସୌରଶକ୍ତି ବ୍ୟବହାର' ପାଇଁ ଶ୍ରେଷ୍ଠ ଶକ୍ତି ପ୍ରକଳ୍ପ ପୁରସ୍କାର ମାଧ୍ୟମରେ ଛାତ ଉପରେ ସୌରଶକ୍ତି ବ୍ୟବସ୍ଥା ଲଗାଇବାକୁ ଅଧିକ ସହଜ ଓ ସୁଲଭ କରିବା ଦିଗରେ ଟିପିଏସ୍‌ଓଡିଏଲ୍‌ର ନୂଆ ପଦକ୍ଷେପକୁ ସ୍ୱୀକୃତି ମିଳିଛି। ୟୁଏଲ୍‌ଏମଡେଲ୍ ଅଧୀନରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଆର୍ଥିକ ସହାୟତାରେ ଗ୍ରାହକ ମାନେ ୧,୮୭୫ ଟଙ୍କା ନିଜ ଅଂଶ ଦେଇ ୧ କିଲୋୱାଟ୍‌ର ଛାତ ସୌରଶକ୍ତି ବ୍ୟବସ୍ଥା ଲଗାଇ ପାରୁଛନ୍ତି। ଗ୍ରାହକମାନଙ୍କୁ ଏକାଠି କରିବା, ସାମଗ୍ରୀ ଯୋଗାଣ, ସୌରବ୍ୟବସ୍ଥା ଲଗାଇବାର ସମନ୍ୱୟ, ଗୁଣବତ୍ତା ନିଶ୍ଚିତ କରିବା ଏବଂ ବ୍ୟବସ୍ଥାର ବ୍ୟବହାର ଅବଧିରେ ଆବଶ୍ୟକ ସହାୟତା ଯୋଗାଇବା ଭଳି କାର୍ଯ୍ୟରେ ଟିପିଏସ୍‌ଓଡିଏଲ୍ ସହଯୋଗ କରୁଛି।

# ଏଚଡିଏଫସି ଏର୍‌ଗୋ ଅପ୍ଟିମା ସିକ୍ୟୋର+ ଲଂଚ୍ କରିଛି ଆମାଜନ ପେ'

**ଭୁବନେଶ୍ୱର, ୧୫।୯ (ନି.ପ୍ର)** : ଆମାଜନ ପେ' ପକ୍ଷରୁ ଗ୍ଲୋବାଲ ଫିନଟେକ ଫେଷ୍ଟରେ ଏଚ୍‌ଡିଏଫସି ଏରଗୋ ଜେନେରାଲ ଇନ୍ସୁରାନ୍ସ କମ୍ପାନୀ ସହ ସହଭାଗିତାରେ ଆମାଜନ ଡଟ୍ ଇନରେ ଏକ ଡିଜିଟାଲ ଓ ସ୍ୱୟଂ-ସଂଚାଳିତ ସ୍ୱାସ୍ଥ୍ୟ ବୀମା କ୍ରୟ ଯାତ୍ରା ଆରମ୍ଭ କରାଯାଇଛି। ଏହି ଅଭିଜ୍ଞତା ଗ୍ରାହକଙ୍କୁ ଏକ ସ୍ୱାସ୍ଥ୍ୟ ଯୋଜନା କଭରକୁ ଭଲ ଭାବରେ ବୁଝିବା ଏବଂ ଏକ ମାର୍ଗଦର୍ଶିତ, ଡିଆଇୱାଇ (ଡୁ ଇଟ୍ ୟୋରସେଲ୍ଫ) ପକ୍ରିୟାରେ ଆବେଦନ ସମ୍ପୂର୍ଣ୍ଣ କରିବା ପାଇଁ ସକ୍ଷମ କରିବ ଯାହା ଏଜେଂଟ କଲ୍, ସ୍ୱାମ୍ କଲ କିମ୍ବା ଶାଖା ପରିଦର୍ଶନର ଆବଶ୍ୟକତାକୁ ଦୂର କରିବ। ଏହି କ୍ରୟ ଯାତ୍ରାକୁ ସିଧାସଳଖ ଆମାଜନ ପେ'ର ହେଲଥ ଇନ୍ସୁରାନ୍ସ ପେଜ୍‌ରେ ଅନ୍ତର୍ଭୁକ୍ତ କରାଯାଇଛି ଏବଂ ଏଥିରେ ଏଚ୍‌ଡିଏଫସି ଏରଗୋ ଅପ୍ଟିମା ସିକ୍ୟୋର+ ରହିଛି। ଗ୍ରାହକମାନେ ଏହି ପେଜକୁ ଯିବା ପରେ ସେମାନେ କଭରେଜ ବିବରଣୀ ଅନୁସନ୍ଧାନ କରିପାରିବେ, ପ୍ଲାନ କଭର କ'ଣ ଯାଂଚ କରିପାରିବେ ଏବଂ ସ୍ୱାଧୀନ ଭାବେ ନିଜର କ୍ରୟ ସମ୍ପୂର୍ଣ୍ଣ କରିପାରିବେ। ଏହି ଯାତ୍ରାକୁ ଏଚ୍‌ଡିଏଫସି ଏରଗୋର ବର୍ଷ ବର୍ଷର ଗଭୀର ଅଭିଜ୍ଞତା ଉପରେ ନିର୍ମାଣ କରାଯାଇଛି। ଆମାଜନ ପେ' ଇଣ୍ଡିଆର ସିଇଓ ବିକାଶ ବଂଶଲ କହିଛନ୍ତି, 'ଆମେ ଏଚ୍‌ଡିଏଫସି ଏରଗୋ ଜେନେରାଲ ଇନ୍ସୁରାନ୍ସ ସହ ସହଭାଗିତା କରି ଏବଂ ତାଙ୍କର ପ୍ରମୁଖ ସ୍ୱାସ୍ଥ୍ୟ ବୀମା ଯୋଜନା- ଅପ୍ଟିମା ସିକ୍ୟୋର+ ପ୍ରଦାନ କରି ଖୁସି ଅନୁଭବ କରୁଛୁ। ଆମେ ଲକ୍ଷ ଲକ୍ଷ ଗ୍ରାହକ ଓ ଅନ୍ୟମାନଙ୍କ ପାଇଁ ସ୍ୱାସ୍ଥ୍ୟ ବୀମାକୁ ଡିଜିଟାଲ ମାଧ୍ୟମରେ ବୁଝିବା ଓ ହାସଲ କରିବା ପାଇଁ ସହଜ କରି ବୀମା କ୍ଷେତ୍ରରେ ଆମର ଅଭିଜ୍ଞତା ଆଧାରରେ ଆଗକୁ ବଢୁଛୁ। ଏହି ପହଂଚକୁ ଏକ ସରଳ, ସ୍ୱୟଂ ସଂଚାଳିତ ଅନୁଭୂତି ଏବଂ ସର୍ବୋତମ ଶ୍ରେଣୀର ଦାବି ସହଯୋଗ ସହ ଏକତ୍ରିତ କରି ଆମେ ଗ୍ରାହକଙ୍କୁ କିଛି ମିନିଟ୍‌ରେ ଆତ୍ମବିଶ୍ୱାସର ସହ ଅଧିକ ସୂଚିତ ସ୍ୱାସ୍ଥ୍ୟ ବୀମା ନିଷ୍ପତି ଗ୍ରହଣ କରିବାରେ ସାହାଯ୍ୟ କରିବା ପାଇଁ ଲକ୍ଷ୍ୟ ରଖିଛୁ। ଏହା ଆମାଜନ ପେ'ର ବୀମା ଉତ୍ପାଦଗୁଡିକର ଏକ ଗୁରୁତ୍ୱପୂର୍ଣ୍ଣ ସମ୍ପ୍ରସାରଣକୁ ସୂଚିତ କରୁଛି।' ଏଚଡିଏଫସି ଏରଗୋ ଜେନେରାଲ ଇନ୍ସୁରାନ୍ସର ଏମ୍‌ଡି ଓ ସିଇଓ ପାର୍ଥନିଲ ଘୋଷ କହିଛନ୍ତି, 'ଏଚଡିଏଫସି ଏର୍‌ଗୋରେ ଆମେ କରୁଥିବା ସମସ୍ତ କାର୍ଯ୍ୟ ଗ୍ରାହକଙ୍କ ସହିତ ଆରମ୍ଭ ହୋଇଥାଏ। ଏକ ଡିଜିଟାଲ-ପ୍ରଥମ କମ୍ପାନୀ ଭାବେ ଆମର ଲକ୍ଷ୍ୟ ହେଉଛି ଗୁଣାତ୍ମକ ସ୍ୱାସ୍ଥ୍ୟ ବୀମାକୁ ସରଳ ଓ ଅଧିକ ପହଂଚଯୋଗ୍ୟ କରିବା। ଏହି ସହଭାଗିତା ଆମାଜନର ଡିଜିଟାଲ ପହଂଚକୁ ଆମର ସ୍ୱାସ୍ଥ୍ୟ ବୀମା ଓ ଦାବି ଅଭିଜ୍ଞତା ସହ ଏକତ୍ରିତ କରି ଆମକୁ ସେହି ଲକ୍ଷ୍ୟର ନିକଟତର କରିଛି। ଅପ୍ଟିମା ସିକ୍ୟୋର+ ସହିତ ଗ୍ରାହକମାନେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସମୟରେ ଆମର ଦାବି ସହଯୋଗ ଦ୍ୱାରା ସମର୍ଥିତ ବିସ୍ତୃତ ସୁରକ୍ଷା ପାଇବେ।' ଆମାଜନ ପେ' ଓ ଏଚଡିଏଫସି ଏରଗୋ ମଧ୍ୟରେ ଏହି ସହଭାଗିତା ବୀମା ଅନ୍ତର୍ଭୁକ୍ତୀକରଣ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଅଟେ ଏବଂ ଏହା କୌଣସି ବାହ୍ୟ ସହଯୋଗ ବିନା ସରଳ ଡିଜିଟାଲ କ୍ରୟ ଯାତ୍ରା ଆଣିଥାଏ।

# ଇଷ୍ଟ ପଏଣ୍ଟ୍ ଇଞ୍ଜିନିୟରିଂ ଛାତ୍ରମାନେ ଯାନଗୁଡ଼ିକ ସଡ଼କ ବିପଦ ସମ୍ପର୍କରେ ପରସ୍ପରକୁ ସତର୍କ କରାଉଥିବା ଆଇଓଟି ପ୍ରୋଟୋଟାଇପ୍ ତିଆରି କଲେ

**ବେଙ୍ଗାଲୁରୁ, ୧୫।୯ (ନି.ପ୍ର)** : ସଡ଼କ ସୁରକ୍ଷା ପ୍ରତି ପ୍ରଯୁକ୍ତି ଆଧାରିତ ଆଭିମୁଖ୍ୟ ନେଇ ଇଷ୍ଟ ପଏଣ୍ଟ୍ କଲେଜ ଅଫ୍ ଇନିୟରିଂ ଆଣ୍ଡ୍ ଟେକ୍‌ନୋଲୋଜି (ଇପିସିଇଟି), ବେଙ୍ଗାଲୁରୁର ଡିପାର୍ଟମେଣ୍ଟ ଅଫ୍ କଂପ୍ୟୁଟର ସାଇନ୍ସ ଆଣ୍ଡ୍ ଇଞ୍ଜିନିୟରିଂ ଛାତ୍ରମାନେ ଯାନଗୁଡ଼ିକୁ ବିପଦ ଚିହ୍ନଟ କରିବା ଏବଂ ପରସ୍ପର ସହିତ ରିଅଲ୍ ଟାଇମ୍ (ବାସ୍ତବ ସମୟ ଆଧାରିତ) ସତର୍କ ସୂଚନା ଆଦାନ ପ୍ରଦାନ ନିମନ୍ତେ ସକ୍ଷମ କରିବାକୁ ଏକ ଆଇଓଟି-ଆଧାରିତ ଯାନ-ଟୁ-ଯାନ (ଭେଇକଲ-ଟୁ-ଭେଇକଲ) ଯୋଗାଯୋଗ ବ୍ୟବସ୍ଥା ବିକଶିତ କରିଛନ୍ତି। 'ଆଇଓଟି ବେସ୍‌ଡ ଭେଇକଲ୍-ଟୁ-ଭେଇକଲ୍ କମ୍ୟୁନିକେସନ ୟୁଜିଂ ଚେନ୍ କୋଲିଜନ୍ ପ୍ରିଭେନ୍‌ସନ' ଶୀର୍ଷକ ଏହି ପ୍ରକଳ୍ପ ଅକ୍‌ଶିତା କ୍ରିଷ୍ଣା, ଗାଲି ଯଶୱନ୍ତ ସିହ୍ନା, ଜାହ୍ନବୀ କେ ଏବଂ ଏସ୍ ଲେଖାନା ପ୍ରିୟାଙ୍କ ଦ୍ୱାରା ଆସିଷ୍ଟାଣ୍ଟ ପ୍ରଫେସର




କାଞ୍ଚନ ଆର୍.ଙ୍କ ମାର୍ଗଦର୍ଶନ ଅଧୀନରେ ବିକଶିତ କରାଯାଇଥିଲା। ଏହି ପ୍ରୋଟୋଟାଇପ୍ ଇଏସ୍‌ପି୩୨- ଭିତ୍ତିକ ଯାନଗୁଡ଼ିକୁ ବ୍ୟବହାର କରିବା ସହିତ ଏକାଧିକ ସଡ଼କ-ସୁରକ୍ଷା ପରିସ୍ଥିତିଗୁଡ଼ିକୁ ଠାବ କରିବା ନିମନ୍ତେ ଅଲଟ୍ରାସୋନିକ, ଏଲ୍‌ଡିଆର, ଆକ୍ସେଲେରୋମିଟର ଏବଂ ମଦ୍ୟପାନ ସେନ୍‌ସର ଆଦିର ସମ୍ମିଶ୍ରଣକୁ ଉପଯୋଗ କରୁଛି। ଏହି ସିଷ୍ଟମ୍‌କୁ ଦୂରତା, ଦୃଶ୍ୟମାନତା ଅଥବା ତୀବ୍ର ଆଲୋକ, ଦୁର୍ଘଟଣା ଏବଂ ମଦ୍ୟପାନ ସମ୍ପର୍କିତ ବିପଦ ଆଦି ଠାବ କରିବାକୁ ଡିଜାଇନ କରାଯାଇଛି ଏବଂ ଏହା ଅନ୍ୟ ଯାନକୁ ସତର୍କ ସୂଚନା ପ୍ରଦାନ କରୁଛି। ପ୍ରକଳ୍ପ ସମ୍ପର୍କିତ ସଂକ୍ଷିପ୍ତ ସୂଚନା ଅନୁଯାୟୀ ସତର୍କ ବାର୍ତ୍ତାଗୁଡ଼ିକ ଯାନର ଏଲ୍‌ସିଡିରେ ପ୍ରଦର୍ଶିତ ହେଉଥିବାବେଳେ ଜିପିଏସ୍ ସୂଚନାକୁ ଟେଲିଗ୍ରାମ୍ ଜରିଆରେ ସଂଚରଣ କରାଯାଇ ଏକ ଦୁର୍ଘଟଣା ସମୟରେ ତୁରନ୍ତ ସ୍ଥାନ ସମ୍ପର୍କିତ ସୂଚନାକୁ ସହଭାଗୀ କରାଯାଇପାରିବ। ପ୍ରକଳ୍ପର ଟିମ୍ ସୂଚନା ଦେଇ କହିଛନ୍ତି ଯେ ଏହି ପ୍ରୋଟୋଟାଇପ୍ ସଫଳତାର ସହିତ ଦୂରତା, ତୀବ୍ର ଆଲୋକ, ଦୁର୍ଘଟଣା ଏବଂ ମଦ୍ୟପାନ ସ୍ତର ଆଦିକୁ ଠାବ କରିଛି ଏବଂ ବାସ୍ତବ ସମୟ ଆଧାରରେ ସତର୍କ ସୂଚନା ଅନ୍ୟ ଯାନ ସହିତ ସହଭାଗୀତା କରିଛି। ଏଲ୍‌ସିଡି ସତର୍କ ସୂଚନା ତତ୍‌କ୍ଷଣାତ ପ୍ରଦର୍ଶିତ ହୋଇଛି, ଜିପିଏସ୍ ସୂଚନା ସଠିକ ଭାବରେ ସଂଚରଣ କରାଯାଇଛି ଏବଂ ପ୍ରକଳ୍ପ ପରୀକ୍ଷଣ ସମୟରେ ସେନ୍‌ସରଗୁଡିକ ଚାହିଁବା ମୁତାବକ ପ୍ରଦର୍ଶନ କରିଛି। ଏହି ପ୍ରକଳ୍ପ ସମ୍ପର୍କରେ ପ୍ରକାଶ କରି ରାଜୀବ ଗୌଡା, ସିଇଓ, ଇଷ୍ଟ ପଏଣ୍ଟ୍ ଗ୍ରୁପ୍ ଅଫ ଇନଷ୍ଟିଚ୍ୟୁସନ୍ସ କହିଥିଲେ, 'ସଡ଼କ ସୁରକ୍ଷା ସେହି ବିଷୟଗୁଡିକ ମଧ୍ୟରେ ଅନ୍ୟତମ, ଯେଉଁଠାରେ ଏକ ସମସ୍ୟା ଦୁର୍ଘଟଣା ପାଲଟିବା ପୂର୍ବରୁ ପ୍ରଯୁକ୍ତି ତାହାର କାର୍ଯ୍ୟ କରିବାକୁ ହେବ। ଯାନଗୁଡିକ ପରସ୍ପର ସହିତ ସୂଚନା ଆଦାନ ପ୍ରଦାନ କରିବା ଏବଂ ଜଣେ ଡ୍ରାଇଭରଙ୍କୁ ସମ୍ଭାବ୍ୟ ବିପଦ ସମ୍ପର୍କରେ ସତର୍କ କରାଇଦେବା ବିଷୟ ଉଭୟ ବୈଷୟିକ ଦୃଷ୍ଟିରୁ କୌତୁହଳପୂର୍ଣ୍ଣ ଏବଂ ସାମାଜିକ ସ୍ତରରେ ପ୍ରାସଙ୍ଗିକ ଅଟେ। ଏହିଭଳି ପ୍ରକଳ୍ପ ପ୍ରଦର୍ଶିତ କରୁଛି ଯେ ଆମ ଛାତ୍ରମାନେ କିଭଳି ନବୋନ୍ମେଷୀ ପ୍ରଯୁକ୍ତିଗୁଡ଼ିକୁ ଗ୍ରହଣ କରିପାରିବେ ଏବଂ ସେଗୁଡ଼ିକୁ ଦୈନନ୍ଦିନ ଚାଲେଞ୍ଜଗୁଡିକର ମୁକାବିଲା ନିମନ୍ତେ ପ୍ରୟୋଗ କରିପାରିବେ। 'ପ୍ରକଳ୍ପଟି ଦ୍ରୁତ ବିପଦ ସମ୍ପର୍କିତ ସୂଚନା ପ୍ରଦାନ ଏବଂ ଜରୁରୀକାଳୀନ ପ୍ରତିକ୍ରିୟା ନିମନ୍ତେ ସଂଯୁକ୍ତ ଏମ୍ବେଡେଡ ସିଷ୍ଟମ୍‌ଗୁଡିକର ସାମର୍ଥ୍ୟକୁ ପ୍ରଦର୍ଶିତ କରୁଛି। ଏକ ପ୍ରୋଟୋଟାଇପ୍ ଭାବରେ ଏହା ଉତ୍ପାଦନ ନିମନ୍ତେ ପ୍ରସ୍ତୁତ ସୁରକ୍ଷା ବ୍ୟବସ୍ଥା ଅପେକ୍ଷା ଏକ ଆଦ୍ୟ ଇନିୟରିଂ ରୂପାୟନର ପ୍ରତିନିଧିତ୍ୱ କରୁଛି, ଯାହାକୁ ପରିମାଣାତ୍ମକ ଭାବରେ ବ୍ୟବହାର କରାଯିବା ପୂର୍ବରୁ ବ୍ୟାପକ ବାସ୍ତବ-ଜଗତରେ ପରୀକ୍ଷଣ ଏବଂ ଅଟୋମୋଟିଭ ସିଷ୍ଟମ୍ ସହିତ ଏକୀକରଣ ଆବଶ୍ୟକ ପଡିବ।



# ସେବା ସଂକଳ୍ପ ଅଭିଯାନ ପାଇଁ ପ୍ରସ୍ତୁତି ବୈଠକ



**କଟକ,୧୫।୯ (ନି.ପ୍ର) :** ଭାରତୀୟ ଜନତା ପାର୍ଟିର ଯୁବ ମୋର୍ଚ୍ଚା ପକ୍ଷରୁ ମାନନୀୟ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ଅବସରରେ 'ସେବା ସଂକଳ୍ପ ଅଭିଯାନ' ଆୟୋଜନ କରାଯିବ। ଏହି ଅବସରରେ ଆସନ୍ତା ୧୭ ସେପ୍ଟେମ୍ବରରେ ଭୁବନେଶ୍ୱର ପ୍ରଦର୍ଶନୀ ପଡ଼ିଆଠାରେ ଏକ ବିଶାଳ ରକ୍ତଦାନ ଶିବିର ଆୟୋଜନ ପାଇଁ ପ୍ରସ୍ତୁତି କରାଯାଇଛି। ଏହି କାର୍ଯ୍ୟକ୍ରମର ସଫଳ ଆୟୋଜନ ନିମନ୍ତେ ମହାନଦୀ ବିହାରସ୍ଥିତ ସେଲିବ୍ରେସନ ମଣ୍ଡପଠାରେ ଏକ ପ୍ରସ୍ତୁତି ବୈଠକ ଓ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ନେତୃତ୍ୱରେ ଆୟୋଜିତ ଏହି ବୈଠକରେ ରକ୍ତଦାନ ଶିବିରରେ କଟକ-ଚୌଦ୍ୱାର ଅଞ୍ଚଳରୁ ଅଧିକ ସଂଖ୍ୟକ ଯୁବକ ଓ କର୍ମକର୍ତ୍ତାଙ୍କ ଯୋଗଦାନ ନେଇ ଆଲୋଚନା କରାଯାଇଥିଲା। କିଭଳି ଏହି ରକ୍ତଦାନ ଶିବିରକୁ ରକ୍ତଦାନ କରିବା ସହିତ ରକ୍ତଦାନ କରିଥିବା ରକ୍ତଦାତାଙ୍କୁ ଶୁଭେଚ୍ଛା ଜଣାଇବା ସହିତ ଦୀର୍ଘାୟୁ କାମନା କରିବା ଆମର ଲକ୍ଷ୍ୟ ବୋଲି ଡ଼ଃ ପ୍ରଭାତ ରଞ୍ଜନ ବିଶ୍ୱାଳ କହିଥିଲେ। ବୈଠକରେ ମନୋଜ କୁମାର ସାହୁ, ଅମ୍ବିକା ପ୍ରସାଦ ସାମଲ, ଜିତେନ୍ଦ୍ର ପୃଷ୍ଟି, ରତନ ବାରିକ, ଆଶୁତୋଷ ଦାସ, ପୁଷ୍ପଲତା ସାହୁ, ଡ. ମନିକା ମହାପାତ୍ର, ଲକ୍ଷ୍ମଣ ରାଉତ, ଅଶୋକ ମିଶ୍ର, କବିତା ରାଣୀ ଲେଙ୍କା ଓ ଅଚ୍ୟୁତ ଘୋଷଙ୍କ ସମେତ କଟକ-ଚୌଦ୍ୱାର ଅଞ୍ଚଳର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଅପମିଶ୍ରିତ ଖାଦ୍ୟ ପଦାର୍ଥ ବିକ୍ରି ଚରମସୀମା ଟପିଛି

# ବ୍ୟବସାୟୀ ମାଲାମାଲ, ଖାଉଟି ରୋଗାଗ୍ରସ୍ତ

**କାକଟପୁର ୧୫/୯ (ନି.ପ୍ର) :** ରାଜ୍ୟରେ ବିଭିନ୍ନ ପ୍ରକାର ଖାଦ୍ୟ ପଦାର୍ଥ , ପନିପରିବା ଓ ନିତ୍ୟ ବ୍ୟବହୃତ ସାମଗ୍ରୀର ଅହେତୁକ ମୂଲ୍ୟ ବୃଦ୍ଧି ଘଟିଥିବା ବେଳେ କାକଟପୁର ଅଞ୍ଚଳରେ ଅପମିଶ୍ରିତ ଛେନା , ପନିଅର ସାଙ୍ଗକୁ ରଙ୍ଗଦିଆ ପରିବା ବିକ୍ରିକୁ ନେଇ ଖାଉଟି ଚିନ୍ତାରେ ପଡିଛନ୍ତି। ବିଭିନ୍ନ ପର୍ବପର୍ବାଣୀରେ ମିଠାର ଚାହିଦା ବଢୁଛି। ଏଣୁ ବହୁ ବ୍ୟବସାୟୀ ପାଉଡର କ୍ଷୀରର ସହାୟତା ନେଉଛନ୍ତି। ପାଉଡରକୁ ଗଚ୍ଛିତ ରଖିବା ଏବଂ ବିକ୍ରି କରିବା ଉପରେ ନିଷେଧାଜ୍ଞା ଜାରିକରାଯାଇଛି । କିନ୍ତୁ କାକଟପୁର ଅଞ୍ଚଳର ବିଭିନ୍ନ ଡାଲି ଚାଉଳ ବ୍ୟବସାୟୀ ସେମାନଙ୍କ ଦୋକାନରେ କୁଇଣ୍ଟାଲ କୁଇଣ୍ଟାଲ ପାଉଡର ବସ୍ତା ମହଜୁଦ ରଖି ଖୁଲମଖୁଲା ଛେନା , ପନିଅର ଓ କ୍ଷୀର ବେପାରୀଙ୍କୁ ବିକ୍ରି କରୁଛନ୍ତି। ପଚାରିଲେ ଦୋକାନୀ କହୁଛନ୍ତି ଯଦି ପାଉଡର ବିକ୍ରି ନହେବ ତେବେ ବିଭିନ୍ନ କମ୍ପାନୀ କ୍ଷୀର ପାଉଡର ପ୍ରସ୍ତୁତି କରିଛନ୍ତି କଣ ପାଇଁ ମିଠା ଜାତୀୟ ଖାଦ୍ୟ ପଦାର୍ଥର ସୀମିତ ସାମର୍ଥ୍ୟ ରହିଛି। କିନ୍ତୁ ପାଉଡରରୁ ପ୍ରସ୍ତୁତ ମିଠା ଜାତୀୟ ପଦାର୍ଥ, ଫଳ ପଚିବା ପାଇଁ ବିଭିନ୍ନ ରାସାୟନିକ ପଦାର୍ଥ ବ୍ୟବହାର ଫଳରେ ଅନେକ ପ୍ରକାର ପେଟ ରୋଗ, ଲିଭର ସମସ୍ୟା, କିଡ଼ନୀ



ସମସ୍ୟା ଆଦି ଦେଖାଯିବ ବୋଲି ବାଙ୍ଗୁରୀଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡଃ ସମରଜିତ ମଲ୍ଲିକ ପ୍ରକାର କରିଛନ୍ତି। ପୁରୀ ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ କାକଟପୁର ଅଞ୍ଚଳରେ ଦୀର୍ଘ ଦିନ ଧରି ଛେନା, ପନିଅର ବିକ୍ରି ହେଉଥିବା ବ୍ୟବସାୟୀ ପ୍ରତିଷ୍ଠାନ , ହୋଟେଲ ଓ ଜଳଖିଆ ଦୋକାନରେ ବିକ୍ରି ହେଉଥିବା ବାସୀ ଖାଦ୍ୟ ପଦାର୍ଥ ସାଙ୍ଗକୁ ମିଠା ଜାତୀୟ ଖାଦ୍ୟ ପଦାର୍ଥ ଉପରେ ଚଢ଼ାଉ କରାଯାଇନାହିଁ । କ୍ଷୀରରେ ପାଉଡର, ଛେନାରେ ମଇଦା , ପରିବାରେ ରଙ୍ଗ , ଫଳ ଓ କଦଳୀ ଶୀଘ୍ର ପାଚିବାକୁ ବିଭିନ୍ନ ରାସାୟନିକ ପଦାର୍ଥର ସ୍ପ୍ରେ କରାଯାଉଛି। ତେବେ ଏସବୁ ଅପମିଶ୍ରଣ ଖାଦ୍ୟ ନିରାପତ୍ତା ବିଭାଗ ଜ୍ଞାତ ସାରରେ ନା ଅଜ୍ଞାତରେ ଚାଲିଛି ତାହାକୁ ନେଇ ଅଞ୍ଚଳର ବୁଦ୍ଧିଜୀବି ଓ ପରିବେଶବିତ୍ ମାନେ ଚିନ୍ତା ପ୍ରକଟ କରିଥିବା ବେଳେ କେତେକ ବ୍ୟବସାୟୀ ନିଜ ନାମକୁ ଗୋପନ ରଖିବା ସର୍ତ୍ତରେ କହିଛନ୍ତିଯେ ଯଦିବା କେତେବେଳେ କେମିତି ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ଚଢ଼ାଉ ହେଉଛି ତେବେ ଲୋକ ଦେଖାଣିଆ ଭାବେ ଗୋଟେ ଦୁଇଟା ଦୋକାନରେ ଖାଦ୍ୟ ପଦାର୍ଥ ଯାଞ୍ଚ ଆଳରେ ଖାଦ୍ୟ ପଦାର୍ଥ ଉପରେ କେବଳ ସର୍ଫ ପାଣି ପକାଇ ଖାଦ୍ୟ ଯାଞ୍ଚ ପ୍ରକ୍ରିୟା ଖାଦ୍ୟ ନିରାପତ୍ତା ବିଭାଗ ଶେଷ କରିଦେଇ ଅଞ୍ଚଳରେ ଥିବା ଅନ୍ୟ ବ୍ୟବସାୟୀଙ୍କ ପ୍ରତି ଅହେତୁକ ଅନୁକମ୍ପା ଦେଖାଇବା ଖାଦ୍ୟ ନିରାପତ୍ତା ବିଭାଗର ସ୍ୱଚ୍ଛତା ଓ ଦକ୍ଷତା ପ୍ରତି ସନ୍ଦେହ ପ୍ରକଟ ହେଉଛି। ସ୍ୱାସ୍ଥ୍ୟ ମନ୍ତ୍ରୀ ସ୍ୱାସ୍ଥ୍ୟ ସଚିବ ଏ ଦିଗରେ ଦୃଷ୍ଟି ଦେବା ସହ ପୁରୀ ଜିଲ୍ଲା ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ବିଗତ ୨ ବର୍ଷ ମଧ୍ୟରେ କାକଟପୁର ତଥା ଏହାର ଆଖପାଖ ଅଞ୍ଚଳରେ ଥିବା କେତେଗୋଟି ବ୍ୟବସାୟୀ ପ୍ରତିଷ୍ଠାନ ଉପରେ କେତେଥର ଚଢ଼ାଉ କରାଯାଇଛି ଏବଂ ଖାଦ୍ୟ ପଦାର୍ଥରୁ ସଂଗୃହିତ ଖାଦ୍ୟର ନମୁନା କେଉଁ ସ୍ଥାନରେ ପରୀକ୍ଷା ପାଇଁ ପଠାଯାଇଛି। ଖାଦ୍ୟ ନମୁନା ପରୀକ୍ଷାରୁ କଣ ଜଣାପଡିଛି। ଏବଂ ସଂପୃକ୍ତ ବ୍ୟବସାୟୀଙ୍କ ପ୍ରତି କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ନା ଜୋରିମାନା ଆଦାୟ ହୋଇଛି ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦୃଢ଼ ଦାବୀ ହୋଇଛି।

## ଭାରତୀୟ ସେନା ର ବୃହତ ନିଯୁକ୍ତି ରାଲି

# ଜିଲ୍ଲା ପ୍ରଶାସନଙ୍କୁ ସାଧୁବାଦ ଜଣାଇଲେ ସେନା ଅଧିକାରୀ

**ପାରାଦ୍ୱୀପ, ୧୫।୯ (ନି.ପ୍ର):** ପାରାଦୀପ ସ୍ଥିତ ଗୋପବନ୍ଧୁ ଷ୍ଟାଡିଅମ ଠାରେ ସେନା ନିଯୁକ୍ତି କାର୍ଯ୍ୟାଳୟ କଟକ ତରଫରୁ ଅଗ୍ନିବୀର (ଜି ଡି ), ରିଲିଜିଅସ ଟିଚର , ଟ୍ରେଡ୍ସ ମ୍ୟାନ, କ୍ଲରିକାଲ ଆଦି ପଦବୀ ରେ



ନିଯୁକ୍ତି ପାଇଁ ବିଶାଳ ନିଯୁକ୍ତି ରାଲି ଗତ ୦୩.୦୯.୨୬ରିଖ ଠାରୁ ୧୭.୦୯. ୨୬ରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉ ଅଛି। ଜଗତସିଂହପୁର ଜିଲ୍ଲା ପ୍ରଶାସନ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଆୟୋଜିତ ଏହି ରାଲି ରେ ଉପକୂଳ ଓଡିଶା ର ୧୦ ଟି ଜିଲ୍ଲା କେନ୍ଦ୍ରୀୟ ବର୍ଗ ରେ ପଶ୍ଚିମ ବଙ୍ଗ ଓ ସିକିମ ରୁ ପାଖାପାଖି ୬୦୦୦ ନିଯୁକ୍ତି ଆଶାୟୀ ଭାଗ ନେଇ ଥିବା ବେଳେ ୨୦୦୦ ଆଶାୟୀ ନିଯୁକ୍ତି ପାଇବାର ସମ୍ଭାବନା ରହିଛି ବୋଲି ସେନା ନିଯୁକ୍ତି କାର୍ଯ୍ୟାଳୟ କଟକ ର ନିର୍ଦ୍ଦେଶକ କର୍ନ ?ଲ ପି ଏସ ପ୍ରସନ୍ନା ପ୍ରକାଶ କରିଛନ୍ତି। ଏହି ରାଲି କୁ ସଫଳ କରିବାପାଇଁ ଜଗତସିଂହପୁର ଜିଲ୍ଲାପାଳ ଜେ ସୋନାଲ, ଅତିରିକ୍ତ ଜିଲ୍ଲାପାଳ ପାରାଦୀପ ନିରଞ୍ଜନ ବେହେରା , ଅତିରିକ୍ତ ପୋଲିସ ଅଧିକ୍ଷକ ଅଜିଙ୍କ୍ୟ ବାବୁ ରାଓ ମାଣେ , ପାରାଦ୍ୱୀପ ମ୍ୟୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡାଙ୍କ ସମେତ ସମସ୍ତ ପୋଲିସ, ଡାକ୍ତରୀ ଟିମ, ଅଗ୍ନିସମ ବିଭାଗ, ପାରାଦୀପ ମୁନସିପାଲିଟି ର ସମସ୍ତ କର୍ମଚାରୀ ଙ୍କୁ କର୍ନ ?ଲ ପି ଏସ ପ୍ରସନ୍ନା ଅଭିନନ୍ଦନ ଜ୍ଞାପନ କରିବାସହ ସାଧୁବାଦ ଜଣାଇଥିଲେ। ଜିଲ୍ଲା ପ୍ରଶାସନ ଜଗତସିଂହପୁର ତରଫରୁ ଏହି ରାଲି କୁ ଜିଲ୍ଲା ଦକ୍ଷତା ବିକାଶ ତଥା ନିଯୋଜନ ଅଧିକାରୀ ଅଜିତ କୁମାର କାର୍ଯ୍ୟକ୍ରମ କୁ ସଫଳତାର ସହ ପରିଚାଳନା କରିଥିଲେ।

# ଅସୁସ୍ଥ ଭିକାରୀ ଦାସଙ୍କୁ ସିପିଆଇ ନେତୃତ୍ୱଙ୍କ ସାକ୍ଷାତ୍ ଆଶୁ ଆରୋଗ୍ୟ କାମନା



**କଟକ,୧୫।୯ (ନି.ପ୍ର):** କଟକ ମହାନଗର ନିଗମର ଶାନ୍ତି କମିଟି ସମ୍ପାଦକ, କଟକ ସହର ର ଶାନ୍ତି ଦୂତ, କଟକ ସହରରେ ଲଗାତାର ଦରଦୀ ମଣିଷ ର ବନ୍ଧୁ ତଥା ସାମ୍ପ୍ରଦାୟିକ ସଦଭାବ ପାଇଁ ନିଷ୍ଠାପର ଉଦ୍ୟମ କରୁଥିବାବେଳେ ଭିକାରୀ ଦାସ ଦୂରାରୋଗ୍ୟରେ ପୀଡ଼ିତ ହୋଇ ନିଜ ବାସଭବନ ରେ ଚିକିତ୍ସିତ ହେଉଛନ୍ତି। ଖବର ପାଇ ସିପିଆଇ ନେତୃବୃନ୍ଦ ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ଅମରେନ୍ଦୁ ମହାନ୍ତି, ଜିଲ୍ଲା ସମ୍ପାଦକ ବିନୋଦ ବେହେରା, ନଗର ସମ୍ପାଦକ ପ୍ରସନ୍ନ ମହାପାତ୍ର, ଏ ଆଇ ଟି ୟୁ ସି ଜିଲ୍ଲା ସମ୍ପାଦକ ଅଶୋକ ତା,ଇସ୍କଫ୍ ରାଜ୍ୟ ସାଧାରଣ ସଂପାଦକ ସଂଜୟ ପରିଜା, ଅଲ୍ ଓଡିଶା ବ୍ୟାଙ୍କ କର୍ମଚାରୀ ନେତା ବିପିନ୍ ବିହାରୀ ପାଢ଼ୀ ଓ ଭ୍ରମରବର ସାହୁ ପ୍ରମୁଖ ଭିକାରୀ ଭାଇ ଙ୍କୁ ତାଙ୍କ ବାସ ଭବନ ରେ ସାକ୍ଷାତ କରି ଆଶୁ ଆରୋଗ୍ୟ କାମନା କରିଛନ୍ତି। ଖୁବଶୀଘ୍ର ସୁସ୍ଥ ହୋଇ ଆଗାମୀ ପାର୍ବଣ ଦଶହରା ସମୟରେ ଶାନ୍ତି ଶୃଙ୍ଖଳା ରକ୍ଷା ଦିଗରେ ନେତୃତ୍ୱ ନେବା ପାଇଁ ସିପିଆଇ ନେତୃ ବୃନ୍ଦ ଆଶା ପ୍ରକଟ କରିଛନ୍ତି।

# ଲଗାଣ ବର୍ଷାରେ ବିଦ୍ୟାଳୟର ପ୍ରାଚୀର ଭୁଶୁଡିଲା

**ଡେଲାଙ୍ଗ,୧୫।୯ (ନି.ପ୍ର):** ଲଘୁଚାପ ଜନିତ ଲଗାଣ ବର୍ଷାରେ ଡେଲାଙ୍ଗ ବ୍ଲକ ଜେନାପୁର ପଂଚାୟତ ଅନ୍ତର୍ଗତ ପାଇକସାହି ଠାରେ ଥିବା ସରକାରୀ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟର ପ୍ରାଚୀର ଟି ଭୁସୁଡି ପଡିଛି । ଛୁଟି ଦିନ ହୋଇଥିବାରୁ ବଡ ଅଘଟଣରୁ ଛତ୍ରଛାତ୍ରୀମାନେ ବର୍ତି ଯାଇଥିବା ଗ୍ରାମବାସୀ କହିଛନ୍ତି । ତେବେ ମିଳିଥିବା ସୁଚନାନୁଯାଇ ଲଗାଣ ବର୍ଷା ପାଇଁ ବିଦ୍ୟାଳୟ ପରିସରରେ ବର୍ଷା ପାଣି ଲହଡ଼ି ମାରି ଜମି ରହିଛି । ବିଦ୍ୟାଳୟର ଉତର



ପାଶ୍ୱରେ ତଥା ଡେଲାଙ୍ଗ ରାସ୍ତା ପାର୍ଶ୍ୱକୁ ସଲଗ୍ନ ପ୍ରାଚୀରଟି ପାଣି ପଶି ଦୂର୍ବଳ ହୋଇ ରହିଥିବା ବେଳେ ମଙ୍ଗଳବାର ଅପରାହ୍ନରେ ଓଲଟି ପଡିଥିଲା । ଯଥାଶିଘ୍ର ବିଦ୍ୟାଳୟର ପ୍ରାଚୀର ନିର୍ମାଣ ପାଇଁ ଦାବୀ ଜୋର ଧରିଛି । ଏଥିପ୍ରତି ଶିକ୍ଷା ବିଭାଗ ତତ୍ପରତାର ସହ ବିଦ୍ୟାଳୟର ପ୍ରାଚୀର ନିର୍ମାଣ କରି ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେବାକୁ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ଦାବୀ ହୋଇଛି ।ଅନ୍ୟ ପଟେ ବିଗତ ୫ ବର୍ଷ ପୂର୍ବ ? ନିର୍ମାଣ ସମୟରେ ପ୍ରାଚୀରରେ ପିଲାର ରଡ଼ ଦିଆ ଯାଇଥିଲେ ସରକାରୀ ଅର୍ଥ ପାଣିରେ ପଡି ନଥାନ୍ତା ବୋଲି ବୁଦ୍ଧିଜୀବୀ ମାନେ ମତବ୍ୟକ୍ତ କରିଛନ୍ତି । ପିଲାମାନଙ୍କ ସୁରକ୍ଷା ଦୃଷ୍ଟିଟିକୁ ନେଇ ଯୁବ ନେତା ମନୋରଞ୍ଜନ ବରାଳ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରି ତୁରନ୍ତ ପ୍ରାଚୀର ନିର୍ମାଣ ପାଇଁ ଦାବି କରିଛନ୍ତି ।

# ଚଳିତ ମୌସୁମୀରେ ନୂଆ ରେକର୍ଡ

**ଭୁବନେଶ୍ୱର, ୧୫।୯ (ନି.ପ୍ର) :** ଚଳିତ ବର୍ଷ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଓଡ଼ିଶା ଉପରେ ବେଶ୍ ସକ୍ରିୟ ରହିଛି । ଗୋଟିଏ କି ଦୁଇଟି ନୁହେଁ, ଚଳିତ ମୌସୁମୀ ଋତୁରେ ବର୍ତ୍ତମାନ ସୁଦ୍ଧା ରାଜ୍ୟ ୧୧ଟି ଲଘୁଚାପର ସମ୍ମୁଖୀନ ହେଲାଣି । ବଙ୍ଗୋପସାଗରରେ ଘନ ଘନ ସୃଷ୍ଟି ହେଉଥିବା ଏହି ଲଘୁଚାପ ଯୋଗୁଁ ରାଜ୍ୟର ବିଭିନ୍ନ ସ୍ଥାନରେ ଲଗାଣ ବର୍ଷା ଜାରି ରହିବା ସହ ପାଣିପାଗରେ ବ୍ୟାପକ ପରିବର୍ତ୍ତନ ଦେଖିବାକୁ ମିଳିଛି। ଭୁବନେଶ୍ୱର ସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଗୋଟିଏ ଋତୁରେ ଏତେ ସଂଖ୍ୟକ ଲଘୁଚାପ ସୃଷ୍ଟି ହେବା ଏକ ବିରଳ ତଥା ଉଲ୍ଲେଖନୀୟ ଘଟଣା ।

# ବିଭିନ୍ନ ସ୍ଥାନରେ ପୂଜା ପାଉଛନ୍ତି ଅଗ୍ରପୂଜ୍ୟ ଶ୍ରୀ ଗଣେଶ

**କୋଦଳା, ୧୫/୯ (ନି.ପ୍ର) :** ପବିତ୍ର ଗଣେଶ ପୂଜା ଅବସରରେ ବେଗୁନିଆପଡା ବ୍ଲକ ଓ କୋଦଳା ଏନଏସି ର ବିଭିନ୍ନ ସ୍ଥାନରେ ଅଗ୍ରପୁଜ୍ୟ ଶ୍ରୀ ଗଣେଶଙ୍କ ମେଢ଼ ପୂଜା ପାଉଥିବା ଦେଖିବାକୁ ମିଳିଛି । ଏହି ପବିତ୍ର ଓ ପାବନ ଦିବସରେ ବିଭିନ୍ନ ଶିକ୍ଷାନୁଷ୍ଠାନରେ ବିଦ୍ୟାର୍ଥୀ ମାନେ ଆନନ୍ଦଉଲ୍ଲାସରେ ଠାକୁରଙ୍କୁ ଭୋଗଲଗାଇ ପୂଜାର୍ଚ୍ଚନା କରୁଥିବା ବେଳେ ଗାଁ ଗହଳି, ବଜାର, ବିଭିନ୍ନ ସଙ୍ଘ ଏବଂ ଅନୁଷ୍ଠାନ ପକ୍ଷରୁ ଶ୍ରଦ୍ଧାଳୁ ମାନେ ସୁସଜ୍ଜିତ ମେଢ଼, ସୁନ୍ଦର ଆଲୋକ ଏବଂ ନୂତନ ବସ୍ତ୍ର ସାହାଯ୍ୟରେ ଠାକୁରଙ୍କୁ ସଜେଇ ଅତ୍ୟନ୍ତ ଧାର୍ମିକ ପରିବେଶରେ ଧୂମଧାମ ସହ ପାଳନ କରିଛନ୍ତି ଗଣେଶ ପୂଜା। କୋଦଳା ଏନଏସି ର ପଣ୍ଡା ସାହି, ଖଲାଡି ସାହି, ଗୋଲାସାହି, କଲେଜ ରୋଡ, ଭାଇଗାସାହି, ଗୌରାଦେଇପୁର, ବସଷ୍ଟାଣ୍ଡ, ହରିଜନ ସାହି, ଖଡୁରା ସାହି, ନୁଆସାହି, ବଡଦାଣ୍ଡ ସାହି, ଗଣେଶ ଯୁବକ ସଙ୍ଘ, ସମେତ ଫାସି, ଦିଗାପଡା, ମଠସରସିଙ୍ଗି, ବେରୁଆଁବାଡ଼ି, କାଳିମେଘି, ସାନଉସ୍ତାପଡା, ବେଗୁନିଆପଡା, ମଠ ବରିଡା, କେ ବରିଡା, ଦେଉଳିଆପଡା, ସାଙ୍କୁଡ଼ା, ଅଙ୍ଗାର ଗାଁ, ବଡ ଖଇରଖମା, ସୁମଣ୍ଡଳ, ବୁରୁଝରୀ, ମର୍ଦ୍ଦକୋଟ, ଚିଙ୍ଗୁଡ଼ିଖୋଲ ମର୍ଦ୍ଦମେଖ, ଘୋଡାପଡା, ତାଳସର, ଷଣ୍ଢମୂଳ, ଚନ୍ଦନପୁର ଏବଂ କୁମ୍ଭାରଗାଁ ଆଦି



ପଞ୍ଚାୟତର ସମସ୍ତ ସ୍କୁଲ, କଲେଜ, ଅନୁଷ୍ଠାନ ଓ ସାହି ମାନଙ୍କରେ ଛାତ୍ରଛାତ୍ରୀ ଓ ଗ୍ରାମ୍ୟ ଯୁବକମାନେ ଧୂପ, ଦୀପ, ଅର୍ଘ୍ୟ ଦେଇ ଅଗ୍ରପୁଜ୍ୟଙ୍କ ଆଶୀର୍ବାଦ ଜାଚନା କରିଥିଲେ। ଏହି ଅବସରରେ ସମସ୍ତ ପୂଜସ୍ଥଳରେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା । କଲେଜରୋଡ ପୂଜା ମଣ୍ଡପ ଠାରେ ଆକର୍ଷଣୀୟ ତୋରଣ ସହିତ ଆଲୋକ ସଜ୍ଜା ଶୋଭା ପାଉଛି।

# 'ସେବା ସଂକଳ୍ପ ଅଭିଯାନ' ବୈଠକ, ୧୩ ସ୍ୱତନ୍ତ୍ର ଜନ କଲ୍ୟାଣକାରୀ କାର୍ଯ୍ୟ ପାଇଁ ନିଷ୍ପତି

**ବ୍ରହ୍ମପୁର,୧୫।୯(ମନ୍ଥନ):** ଆଜି ବିଧାୟକଙ୍କ ଗାନ୍ଧୀନଗର ସ୍ଥିତ କାର୍ଯ୍ୟାଳୟ ଠାରେ ବ୍ରହ୍ମପୁର ନିର୍ବାଚନ ମଣ୍ଡଳୀ ସ୍ତରୀୟ ଏକ ପ୍ରସ୍ତୁତି ଏବଂ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ମାନ୍ୟବର ବିଧାୟକ କେ ଅନିଲ କୁମାରଙ୍କ ତତ୍ତ୍ୱାବଧାନରେ ମଙ୍ଗଳବାର ଅନୁଷ୍ଠିତ ଏହି ବୈଠକରେ ଦଳର ବିଭିନ୍ନ ପଦାଧିକାରୀ ଓ ବରିଷ୍ଠ ନେତୃବୃନ୍ଦ ତଥା ଯୁବ ଓ ଛାତ୍ର ନେତା ମାନଙ୍କ ଉପସ୍ଥିତିରେ ଆଲୋଚନା ହୋଇଛି ଯେ, ଭାରତୀୟ ଜନତା ପାର୍ଟି ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସର୍ବ ସାଧାରଣ ସେବାର ୨୫



ବର୍ଷ ପୂର୍ତ୍ତି ହୋଇଛି । ଏହି ଉପଲକ୍ଷେ ଆସନ୍ତା ସେପ୍ଟେମ୍ବର ୧୭ରେ ମୋଦୀଙ୍କ ଜନ୍ମ ଦିନ ଠାରୁ 'ସେବା ସଂକଳ୍ପ ଅଭିଯାନ' ଆରମ୍ଭ ହେବାକୁ ଯାଉଛି । ଏହି ଅଭିଯାନ ଦୀର୍ଘ ଏକ ମାସ ଧରି 'ସେପ୍ଟେମ୍ବର ୧୭ ରୁ ଅକ୍ଟୋବର ୧୭' ପର୍ଯ୍ୟନ୍ତ ଜାରି ରହିବ । ଏହି ଅବସରରେ ପ୍ରଧାନମନ୍ତ୍ରୀଙ୍କ ସଫଳତା ପାଇଁ ସାରା ଭାରତ ତଥା ଓଡିଶାର ବିଭିନ୍ନ ସ୍ଥାନରେ ୧୩ଟି ପ୍ରମୁଖ କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରଧାନମନ୍ତ୍ରୀଙ୍କ ଜନ୍ମ ଦିନରୁ ଆରମ୍ଭ ହେବାକୁ ଥିବା ନେଇ ଏହି ସେବା ସଂକଳ୍ପ ଅଭିଯାନରେ ସମାଜର ବିଭିନ୍ନ ବର୍ଗଙ୍କୁ ସାମିଲ କରିବା ପାଇଁ ୧୩ଟି ସ୍ୱତନ୍ତ୍ର ଜନ କଲ୍ୟାଣକାରୀ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ବୋଲି ମାନ୍ୟବର ବିଧାୟକଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

# ଶ୍ରୀବଳଦେବଜୀଉଙ୍କ ବଡପଣ୍ଡା ଭଗବାନ ପତ୍ରୀଙ୍କ ପରଲୋକ

**କେନ୍ଦ୍ରାପଡ଼ା,୧୫।୯ (ଯୁବମୋର୍ଚ୍ଚା) :** କେନ୍ଦ୍ରାପଡା ତୁଳସୀକ୍ଷେତ୍ରର ଆରାଧ୍ୟ ପ୍ରଭୁ ଶ୍ରୀବଳଦେବଜୀଉଙ୍କ ବଡପଣ୍ଡା, ପଣ୍ଡିତସଭାର ସଦସ୍ୟ ତଥା କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ଇତିହାସ ବିଭାଗର ପ୍ରାକ୍ତନ ପ୍ରାଧ୍ୟାପକ ଭଗବାନ ପତ୍ରୀଙ୍କର ୭୪ବର୍ଷ ବୟସରେ ବିୟୋଗ ହୋଇଯାଇଛି। କେନ୍ଦ୍ରାପଡା ପୌରାଞ୍ଚଳ ଅନ୍ତର୍ଗତ ଚକଡା ଗ୍ରାମରେ ଜନ୍ମିତ ପ୍ରଫେସର ପତ୍ରୀ ଚାକିରୀରୁ ଅବସରଗ୍ରହଣ ପରେ ଶ୍ରୀବଳଦେବଜୀଉଙ୍କ ସେବା କରିବା ସହ ବିଭିନ୍ନ ସମାଜସେବା କାର୍ଯ୍ୟରେ ନିୟୋଜିତ ଥିଲେ। ସେ ଜଣେ କର୍ମନିଷ୍ଠ, ପରୋପକାରୀ ବ୍ୟକ୍ତି ଭାବରେ ପରିଚିତ ଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ପୁତ୍ର ଅସୀତ ଓ ବିଶ୍ୱପ୍ରକାଶଙ୍କ ସମେତ ପରିବାର ପରିଜନ ଉପସ୍ଥିତ ଥିଲେ। ତାଙ୍କ ବିୟୋଗ ଖବର ପାଇ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକୃତ୍ୟ ସମ୍ପର୍ଣ୍ଣ ହୋଇଥିବା ବେଳେ ଜ୍ୟେଷ୍ଠପୁତ୍ର ଅସୀତ ମୁଖାଗ୍ନି ଦେଇଥିଲେ।

## ଝାରପଡା ଗ୍ରାମ୍ୟରାସ୍ତା ଅବସ୍ଥା ଶୋଚନୀୟ

# ଶୁଣିଲାନି ପ୍ରଶାସନ ଅଣ୍ଟା ଭିଡିଲେ ଗ୍ରାମ ଯୁବକ

**ଡେଲାଙ୍ଗ,୧୫।୯ (ନି.ପ୍ର):** ଡେଲାଙ୍ଗ ବ୍ଲକ ରେଙ୍ଗାଳ ପଂଚାୟତ ଅନ୍ତର୍ଗତ ଝାରପଡା ଗ୍ରାମ୍ୟ ରସ୍ତା ଏବେ ଶୋଚନୀୟ ହୋଇପଡିଛି । ଯାହାଫଳରେ ଏହି ରାସ୍ତା ଉପରେ ଯାତାୟତ କରୁଥିବା ଗ୍ରାମର ଜନସାଧାରଣ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଥିବା ଅଭିଯୋଗ କରିଛନ୍ତି । ଝାରପଡା ଗ୍ରାମରେ ୨୬୮ ପରିବାରର ପ୍ରାୟ ୧୭ଶହ ଲୋକ ଏହି ରାସ୍ତା ଉପରେ ନିର୍ଭରଶିଳ । ସ୍ୱାଧୀନତାର ୮୦ ବର୍ଷ ବିତି ଯାଇଥିଲେ ସୁଧା ଏହି ଗ୍ରାମକୁ ଆଜି ପର୍ଯ୍ୟନ୍ତ ଢଳେଇ ରାସ୍ତାଟିଏ ନାହିଁ । ବରପଦା ଠାରୁ ଝାରପଡା ପ୍ରାୟ ଅଢେଇ କିମି ରାସ୍ତା ହୋଇଥିବା ବେଳେ ସ୍କୁଲ,କଲେଜର ଛାତ୍ରଛାତ୍ରୀ ,ବ୍ଲକ ଓ ତହସିଲକୁ ଜନସାଧାରଣ ଏବଂ ମେଡିକାଲକୁ ଆମ୍ବୁଲାନ୍ସ ଯୋଗେ ରୋଗୀଟିଏ ନେବା ଏହି ରାସ୍ତା ଉପରେ କଷ୍ଟକର ହୋଇପଡିଛି । କିନ୍ତୁ ନିର୍ବାଚନ ଆସିଲେ ନେତାମାନେ ଭୋଟ ମାଗିବା ପାଇଁ ଗ୍ରାମକୁ ଦୌଡି ଆସିଥାନ୍ତି । ଏବଂ ପ୍ରତିଶୃତି ଦିଅନ୍ତି । ଭୋଟରେ ଜିତିବା



ପରେ ଏହି ରାସ୍ତା ନିର୍ମାଣ କାମ ଆଗ କରିବା ପାଇଁ । ତେବେ ପ୍ରତିଶୃତି ପାଣିର ଗାର ହୋଇ ଯାଇଛି । ପୁର୍ବ ସରକାରର ୨୪ ବର୍ଷ ଏବଂ ନୁତନ ସରକାରକୁ ଅଢେଇ ବର୍ଷ ବିତିଯାଇଥିଲେ ସୁଧା ଗ୍ରାମବାସୀ ନେତାଙ୍କ ଠାରୁ ପ୍ରଶାସନ ପର୍ଯ୍ୟନ୍ତ ଢଳେଇ ରାସ୍ତାଟିଏ ନିର୍ମାଣ ପାଇଁ ଦୌଡି ଦୌଡି ନୟାନ୍ତ ହୋଇ ନିରାଶ ହୋଇ ପଡିଛନ୍ତି । ଶେଷରେ ଗ୍ରାମର ମହାବୀର ସେନାର ଯୁବକ ସାଥୀମାନେ ରାମଲିଳା ନାଟ୍ୟ ପରିଷଦ ବଳକା ଟଙ୍କାରେ ରାସ୍ତାରେ ମୋରମ ପକାଇ ରାସ୍ତା କାମ ହାତକୁ ନେଇଛନ୍ତି । ତାଙ୍କର ଏହି ମହତ୍ୱପୁର୍ଣ୍ଣ ଗ୍ରାମ୍ୟ ରାସ୍ତା ନିର୍ମାଣ ପାଇଁ ସେମାନଙ୍କୁ ଚାରିଆଡୁ ପ୍ରଶଂସା କରାଯାଇଛି । କିନ୍ତୁ ଜିଲ୍ଲା ଓ ବ୍ଲକ ପ୍ରଶାସନର ଏହି ଅବହେଳା ନିତୀ ପାଇଁ ସବୁଠି ସରକାର ସମାଲୋଚିତ ହୋଇଛନ୍ତି । ସ୍ଥାନୀୟ ବିଧାୟକ ହୁଅନ୍ତୁ କି ଜିଲ୍ଲାପାଳ ଏହି ଗ୍ରାମର ଢଳେଇ ରାସ୍ତା ନିର୍ମାଣ ପାଇଁ ଯଥାଶିଘ୍ର ପଦକ୍ଷେପ ନେବା ପାଇଁ ବୁଦ୍ଧିଜୀବୀ ମାନେ ଦାବୀ କରିଛନ୍ତି।

# ବିଧାୟକଙ୍କ ବିଭିନ୍ନ ଗଣେଶ ପୂଜା ମଣ୍ଡପରେ ଯୋଗଦାନ ଓ ଲୋକାର୍ପଣ ସହ ଶୁଭଦାନ

**ବ୍ରହ୍ମପୁର,୧୫।୯(ମନ୍ଥନ):** ଭକ୍ତିମୟ ପରିବେଶ ମଧ୍ୟରେ ପାଳିତ ହେଉଛି ଅଗ୍ରପୂଜ୍ୟ ଶ୍ରୀ ଗଣେଶ ଠାକୁରଙ୍କ ପବିତ୍ର ଚତୁର୍ଥୀ ପର୍ବ । ଏହି ଅବସରରେ ମାନ୍ୟବର ବ୍ରହ୍ମପୁର ବିଧାୟକ କେ ଅନିଲ କୁମାର ସହରର ବିଭିନ୍ନ ୱାର୍ଡ ତଥା ଅଞ୍ଚଳରେ ପାଳିତ ପୂଜା ମଣ୍ଡପ ଗୁଡ଼ିକରେ ଯୋଗଦାନ କରି ଜନ ସାଧାରଣଙ୍କ ପାଇଁ ମଙ୍ଗଳ କମନା କରିଛନ୍ତି । ତେବେ ସୂଚନା ଅନୁସାରେ ବିଧାୟକ ପ୍ରାତଃ ସମୟରେ ଭବାନୀ ନଗର ୧ମ ଲେନ୍ ?ରେ ଆୟୋଜିତ ପବିତ୍ର ଗଣେଶ ପୂଜା ଉତ୍ସବରେ ଯୋଗଦେଇ ପ୍ରଭୁ ଶ୍ରୀ ଗଣେଶଙ୍କ ଦର୍ଶନ କରିଥିଲେ। ଏହି ଅବସରରେ ଆୟୋଜକ ଓ ସ୍ଥାନୀୟ ଶ୍ରଦ୍ଧାଳୁ ମାନଙ୍କ ସହ ଭାବ ବିନିମୟ କରିଥିଲେ । ସେହିପରି ଲାଞ୍ଜିପଲ୍ଲୀ ମେନ୍ ? ରୋଡ୍ ? ସ୍ଥିତ ଶ୍ରୀ ସିଦ୍ଧି ବିନାୟକ ମନ୍ଦିରରେ ଆୟୋଜିତ ଗଣେଶ ପୂଜା ଉତ୍ସବ, ଗିରି ରୋଡ୍, ହିଲ୍ ପଟଣାସ୍ଥିତ ଶ୍ରୀ ସିଦ୍ଧି ବିନାୟକ ମନ୍ଦିରରେ ଆୟୋଜିତ ଗଣେଶ ପୂଜା ଉତ୍ସବ, ନିଜର ହୋଟେଲ ଜ୍ୟୋତି ରେସିଡେନ୍ସି ପରିସରରେ ଆୟୋଜିତ



ପବିତ୍ର ଗଣେଶ ପୂଜା ଉତ୍ସବରେ ପ୍ରଭୁ ଶ୍ରୀ ଗଣେଶଙ୍କୁ ପୂଜାର୍ଚ୍ଚନା ଓ ପୂଜାପାଠ କରିଥିଲେ। ସେହିପରି ସ୍ଥାନୀୟ ବ୍ରିଟ୍ କଲୋନୀ ସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ବିଧାୟକ ହାତ ପାଣ୍ଠିରୁ ନିର୍ମିତ ଆଲୋକୀକରଣ କାର୍ଯ୍ୟର ଶୁଭ ଲୋକାର୍ପଣ କରିଥିଲେ । ଦୀର୍ଘ ଦିନ ଧରି ଦାବି ହୋଇ ଆସୁଥିବା ବେଳେ, ଆଜି ଶ୍ରୀ ଗଣେଶ ପୂଜା ଉପଲକ୍ଷେ ମାନ୍ୟବର ବ୍ରହ୍ମପୁର ବିଧାୟକ ଶ୍ରୀ କେ. ଅନୀଲ କୁମାରଙ୍କ କରକମଳରେ ଆଲୋକୀକରଣ କାର୍ଯ୍ୟର ଶୁଭ ଲୋକାର୍ପଣ ସମ୍ପନ୍ନ ହୋଇଛି। ଯାହା ପାଇଁ ଅଞ୍ଚଳରେ ମାନ୍ୟବର ବିଧାୟକଙ୍କୁ ବହୁ ସାଧୁବାଦ ଜ୍ଞାପନ କରାଯାଇଥିଲା। ଏନେଇ ବିଧାୟକ ଅନିଲ କୁମାର କହିଥିଲେ ଯେ, ବିଦ୍ୟାଳୟ ପରିସରକୁ ଅଧିକ ଆଲୋକିତ, ସୁରକ୍ଷିତ ଓ ସୁନ୍ଦର କରିବା ଦିଗରେ ଏହି ପଦକ୍ଷେପ ନିଶ୍ଚିତ ଭାବେ ଏକ ସ୍ୱାଗତ ଯୋଗ୍ୟ ପ୍ରୟାସ ବୋଲି କହିଥିଲେ। ପରେ ନୀଳକଣ୍ଠ ନଗର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଆୟୋଜିତ ଗଣେଶ ପୂଜା ଉତ୍ସବରେ ଯୋଗଦେଇ ସମସ୍ତ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହ ସାମିଲ ହୋଇ ସମସ୍ତଙ୍କ ସୁଖ, ଶାନ୍ତି, ସମୃଦ୍ଧି ଓ ମଙ୍ଗଳ କାମନା କରିଥିଲେ। ସେହିପରି ତୁଳସୀ ନଗର ସ୍ଥିତ ଆଦି ଶକ୍ତି ମାଁ ଭଗବତୀ ମହାଲକ୍ଷ୍ମୀ ମନ୍ଦିରରେ ଆୟୋଜିତ ପବିତ୍ର ଗଣେଶ ପୂଜା ଉତ୍ସବରେ ଯୋଗଦେଇ ମନ୍ଦିରର ମୁଖ୍ୟ ପରିଚାଳକ ତଥା ବ୍ରହ୍ମପୁର ଅର୍ବାନ ବ୍ୟାଙ୍କ ସଭାପତି ଆର ମୁରଲୀ ମୋହନଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇ ପ୍ରଭୁ ଶ୍ରୀ ଗଣେଶଙ୍କ ଦର୍ଶନ କରିଥିଲେ। ଏବଂ ପରେ ଗାନ୍ଧୀନଗର ସ୍ଥିତ ବିଧାୟକଙ୍କ ନିଜସ୍ୱ କାର୍ଯ୍ୟାଳୟରେ ପବିତ୍ର ଗଣେଶ ପୂଜା ଉତ୍ସବ ଭକ୍ତି ଓ ଶ୍ରଦ୍ଧାର ସହ ପାଳିତ ହୋଇଥିଲା। ମାନ୍ୟବର ବ୍ରହ୍ମପୁର ବିଧାୟକ ଶ୍ରୀ କେ. ଅନୀଲ କୁମାର ପୂଜାର୍ଚ୍ଚନା କରି ଦଳର ସମସ୍ତ ବରିଷ୍ଠ ନେତା, ମଣ୍ଡଳ ସ୍ତରୀୟ ନେତୃବୃନ୍ଦ, ମହିଳା ନେତ୍ରୀ, ଯୁବ ନେତୃବୃନ୍ଦ ଏବଂ ସମସ୍ତ ଦଳୀୟ କାର୍ଯ୍ୟକର୍ତ୍ତା ଏକତ୍ରିତ ହୋଇ ଗଣେଶ ପୂଜାରେ ସାମିଲ ହୋଇଥିଲେ। ସମସ୍ତଙ୍କ ସୁଖ, ଶାନ୍ତି, ସମୃଦ୍ଧି ଓ ମଙ୍ଗଳ ପାଇଁ ପ୍ରଭୁ ଶ୍ରୀ ଗଣେଶଙ୍କ ନିକଟରେ ପ୍ରାର୍ଥନା କରାଯାଇଥିଲା। ସନ୍ଧ୍ୟାରେ ପୁରୁଣା ବସ୍ ? ଷ୍ଟାଣ୍ଡ ଠାରେ ବାରାକ୍ସ ଟ୍ୟାକ୍ସି ଷ୍ଟାଣ୍ଡ ପୂଜା କମିଟି ପକ୍ଷରୁ ଦୀର୍ଘ ୬୪ ବର୍ଷ ଧରି ଆୟୋଜିତ ହେଉଥିବା ଦୁର୍ଗା ପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ କାର୍ଯ୍ୟକ୍ରମରେ ଯୋଗଦାନ କରି ଶୁଭ ଖୁଣ୍ଟି ସ୍ଥାପନ କରିଥିଲେ ।

# ପାରାଦୀପ ବନ୍ଦର ଅଧ୍ୟକ୍ଷଙ୍କୁ କାର୍ଯ୍ୟରତ ସାମ୍ବାଦିକଙ୍କ ସୌଜନ୍ୟମୂଳକ ସାକ୍ଷାତ



ପାରାଦୀପ,୧୫/୯(ନି.ପ୍ର.): ପାରାଦୀପ ବନ୍ଦର ପ୍ରାଧିକରଣର ନୂତନ ଭାରପ୍ରାପ୍ତ ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ସୁଶାନ୍ତ କୁମାର ପୁରୋହିତଙ୍କୁ ପାରାଦୀପ ର କାର୍ଯ୍ୟରତ ସାମ୍ବାଦିକ ମାନେ ମଙ୍ଗଳବାର ଦିନ ଏକ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ । ଏହି ଅବସରରେ ଅବସରରେ ସାମ୍ବାଦିକ ଶଶାଙ୍କ ଆଚାର୍ଯ୍ୟ, ନାରାୟଣ ବେହେରା, ପ୍ରଭାକର ସାହୁ, ସୁଧାଂଶୁ ନାୟକ,ପ୍ରଶାନ୍ତ ସ୍ୱାଇଁ,ଆଲୋକ ମହାପାତ୍ର,ସଂଗ୍ରାମ ରାଉତ ପ୍ରମୁଖ ଙ୍କ ସମେତ ପାରାଦୀପ ବନ୍ଦର ଲୋକସମ୍ପର୍କ ଅଧିକାରୀ ରତିକାନ୍ତ ନାୟକ ଉପସ୍ଥିତ ଥିଲେ। ଏହି ସାକ୍ଷାତ୍ ?କାର ସମୟରେ ଅଧକ୍ଷ ଶ୍ରୀ ପୁରୋହିତ ପାରାଦୀପ ବନ୍ଦରର ପ୍ରଚାର ପ୍ରସାର କ୍ଷେତ୍ରରେ ଗଣମାଧ୍ୟମ ର ଭୂମିକା କୁ ଉଚ୍ଚ ପ୍ରଶଂସା କରିଥିଲେ। ସେହିପରି ଉପସ୍ଥିତ କାର୍ଯ୍ୟରତ ସାମ୍ବାଦିକ ମାନେ ଶ୍ରୀ ପୁରୋହିତ ଙ୍କ ନେତୃତ୍ୱରେ ପାରାଦୀପ ବନ୍ଦରର ସର୍ବାଙ୍ଗୀନ ଉନ୍ନତି କାମନା କରିଥିଲେ।

# ଇଫକୋ ପାରାଦୀପ ୟୁନିଟ୍‌କୁ ସମ୍ମାନଜନକ ଗ୍ରୀନଟେକ୍ ଏନଭାଇରନମେଣ୍ଟ ଆୱାର୍ଡ




ପାରାଦୀପ - ପରିବେଶ ସୁରକ୍ଷାରେ ଉଲ୍ଲେଖନୀୟ ସଫଳତା ପାଇଁ ଇଫକୋ ପାରାଦୀପ ୟୁନିଟ୍ କୁ ସମ୍ମାନଜନକ ଗ୍ରୀନଟେକ୍ ଏନଭାଇରନମେଣ୍ଟ ଆୱାର୍ଡ ୨୦୨୬ ପ୍ରଦାନ କରାଯାଇଛି କ୍ଷ ଗତ ସେପ୍ଟେମ୍ବର ୧୦ ତାରିଖରେ ରାଜସ୍ଥାନର ଯୋଧପୁରରେ ୨୫ତମ ଗ୍ରୀନଟେକ୍ ପରିବେଶ ଏବଂ ସ୍ଥାୟୀତ୍ୱ ସମ୍ମିଳନୀ ୨୦୨୬ ଅବସରରେ ଇଫକୋ, ପାରାଦୀପକୁ ଏହି ସଂମ୍ମାନ ଜନକ ପୁରସ୍କାର ପ୍ରଦାନ କରାଯାଇଥିଲା। ଇଫକୋ, ପାରାଦୀପ ୟୁନିଟ୍ ମୁଖ୍ୟ ଏଭି ସିଂହଙ୍କ ପକ୍ଷରୁ ଡି.ମହାନ୍ତି, ମ୍ୟାନେଜର (ଇପିସି) ଓଏନଜିସି ଲିମିଟେଡର ପୂର୍ବତନ ନିର୍ଦ୍ଦେଶକ ବେଦ ପ୍ରକାଶ ମହାୱାରଙ୍କ ଠାରୁ ଏହି ପୁରସ୍କାର ଗ୍ରହଣ କରିଥିଲେ। ୟୁନିଟ ମୁଖ୍ୟ ଅନିରୁଦ୍ଧ ବିକ୍ରମ ସିଂହ ଏବଂ ଇଫକୋ ର ବରିଷ୍ଠ ମହାପ୍ରବନ୍ଧକ (ଉତ୍ପାଦନ) କେଆରଏନ ମୂର୍ତ୍ତି ଅନେକ ଆହ୍ୱାନକୁ ସଫଳତାର ସହିତ ମୁକାବିଲା କରି ଜାତୀୟ ଖାଦ୍ୟ ସୁରକ୍ଷାର ଏକ ବୃହତ କାରଣ ପାଇଁ ସର୍ବଦା କୃଷକମାନଙ୍କ ପ୍ରତି ପ୍ରତିବଦ୍ଧ ରହିଛନ୍ତି । ଏହି ସଂମ୍ମାନ ଜନକ ପୁରସ୍କାର ସମଗ୍ର ପାରାଦୀପ ଇଫକୋ ପରିବାର ଏବଂ ଏହାର ଅଂଶୀଦାରମାନଙ୍କ ପାଇଁ ଏକ ନୈତିକ ପ୍ରୋତ୍ସାହନ ସ୍ୱରୂପ କାର୍ଯ୍ୟ କରେ । ପରିଚାଳନା ନିର୍ଦ୍ଦେଶକ କେ.ଜେ. ପଟେଲଙ୍କ ଦୂରଦୃଷ୍ଟିପୂର୍ଣ୍ଣ ନେତୃତ୍ୱ ସହିତ, ଗତ ଛଅ ଦଶନ୍ଧି ଧରି ଇଫକୋ ଦେଶ ସେବା କରିଆସୁ ଥିବା ବେଳେ ବିଶ୍ୱର ସର୍ବବୃହତ ସମବାୟ ସମାଜରେ ପରିଣତ ହୋଇଛି।

# ରାଜ୍ୟସ୍ତରୀୟ ଟଙ୍ଗ-ଇଲ୍-ମୁ-ଡୋ ମାର୍ଶଲ ଆର୍ଟ ଚାମ୍ପିୟନସିପ୍‌ରେ ଜଗତସିଂହପୁର ଜିଲ୍ଲା କ୍ରୀଡ଼ାବିତଙ୍କ ସଫଳତା ଅର୍ଜନ




ପାରାଦୀପ/ଜଗତସିଂହପୁର - କଟକର ଜବାହରଲାଲ ନେହେରୁ ଇନଡୋର ଷ୍ଟାଡିୟମଠାରେ ଚାଲିଥିବା ଦୁଇ ଦିନିଆ ୧୨ ଓ ୧୩ ସେପ୍ଟେମ୍ବର ୨୦୨୬ରେ ତୃତୀୟ ରାଜ୍ୟସ୍ତରୀୟ ଟଙ୍ଗ-ଇଲ୍-ମୁ-ଡୋ ମାର୍ଶଲ ଆର୍ଟ ଚାମ୍ପିୟନସିପ୍ ୨୦୨୬ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। କଟକ ଟଙ୍ଗ-ଇଲ୍-ମୁ-ଡୋ ଆସୋସିଏସନ ଦ୍ୱାରା ଆୟୋଜିତ ଏହି ଦୁଇ ଦିନିଆ ପ୍ରତିଯୋଗିତାରେ ଓଡ଼ିଶାର ୧୫ଟି ଜିଲ୍ଲାରୁ ୩୫୦ରୁ ଉର୍ଦ୍ଧ ଯୁବ ପ୍ରତିଭା ଅଂଶଗ୍ରହଣ କରିଥିଲେ।

ଏହି ପ୍ରତିଯୋଗିତାରେ ଜଗତସିଂହପୁର ଜିଲ୍ଲା ଦଳ ଏକ ବଡ଼ ସଫଳତା ହାସଲ କରି ମୋଟ ୧୯ଟି ପଦକ ହାସଲ କରିଛି। ଜାତୀୟ କୋଚ୍ କାହ୍ନୁ ମଲ୍ଲିକଙ୍କ ନେତୃତ୍ୱରେ ଭାଗ ନେଇଥିବା ଏହି ୧୫ ଜଣିଆ ଦଳ ୬ଟି ସ୍ୱର୍ଣ୍ଣ ପଦକ, ୭ଟି ରୌପ୍ୟ, ୬ଟି ବ୍ରୋଞ୍ଜ ପଦକ ହାସଲ କରି ନିଜର ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରିଛନ୍ତି । ଏହି ଚମତ୍କାର ପ୍ରଦର୍ଶନ ଜଗତସିଂହପୁର ଜିଲ୍ଲା ତଥା ସ୍ଥାନୀୟ ପାରାଦ୍ୱୀପ ଅଞ୍ଚଳ ପାଇଁ ଗୌରବର ଅର୍ଜନ କରିଥିବାବେଳେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି ।

ବ୍ରହ୍ମପୁର ଲୋକସଭା ସାଂସଦ ପ୍ରଦୀପ କୁମାର ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିବାସହ ପଦକ ଏବଂ ମାନପତ୍ର ପ୍ରଦାନ କରିଥିଲେ। ଏହି ସଫଳତା ହାସଲ ପରେ ପାରାଦୀପ କରାଟେ ଆସୋସିଏସନର ସଭାପତି ସମୀର କୁମାର ଓଝା ଏବଂ କରାଟେ କୋଚ୍ ମାନସ ରଞ୍ଜନ ଡୋରା ଙ୍କ ସମେତ ଅନେକ ବିଶିଷ୍ଟ ବ୍ୟକ୍ତି କ୍ରୀଡ଼ାବିତ ମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଆଗାମୀ ଜାତୀୟ ସ୍ତରୀୟ ମ୍ୟାଚ୍ ପାଇଁ ସେମାନଙ୍କ ଉତ୍ସାହ ବଢ଼ାଇଥିଲେ।

# ଆରୁହା ମଣ୍ଡଳରେ ପୂଜା ମଣ୍ଡପରୁ ମଣ୍ଡପ ବୁଲିଲେ ବିଧାୟକ

ଧର୍ମଶାଳା,୧୫।୯ (ନିପ୍ର)ବିଘ୍ନ ବିନାଶକ ପ୍ରଭୁ ଶ୍ରୀ ଗଜାନନଙ୍କ ପୂଜା ଉତ୍ସବକୁ ନେଇ ଉତ୍ସବମୁଖର ଧର୍ମଶାଳା। ଏହି ପବିତ୍ର ଅବସରରେ ଆରୁହା ମଣ୍ଡଳର ବିଭିନ୍ନ ଗ୍ରାମପଞ୍ଚାୟତରେ ଆୟୋଜିତ ଗଣେଶ ପୂଜା ଉତ୍ସବରେ ଯୋଗଦେଇ ଲୋକଙ୍କ ସହ ଯୋଡ଼ି ହୋଇଛନ୍ତି ଧର୍ମଶାଳାର ମାନ୍ୟବର ବିଧାୟକ ଶ୍ରୀ ହିମାଂଶୁ ଶେଖର ସାହୁ।ପୂଜା ମଣ୍ଡପରୁ ମଣ୍ଡପକୁ ପହଞ୍ଚି ବିଧାୟକ ଶ୍ରୀ ସାହୁ ପ୍ରଭୁ ଗଜାନନଙ୍କ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ। ଏଥିସହ ଅଞ୍ଚଳବାସୀଙ୍କ ସୁଖ, ଶାନ୍ତି, ସମୃଦ୍ଧି ଓ ମଙ୍ଗଳ କାମନା କରିଥିଲେ।ବିଧାୟକଙ୍କ ଆଗମନକୁ ନେଇ ବିଭିନ୍ନ ପୂଜା ମଣ୍ଡପରେ ଦେଖିବାକୁ ମିଳିଥିଲା ଉତ୍ସାହର ମାହୋଲ। ଯୁବକ, ମହିଳା, ଆୟୋଜକ ଓ ଶ୍ରଦ୍ଧାଳୁମାନେ ତାଙ୍କୁ ଉତ୍ସାହର ସହ ସ୍ୱାଗତ କରିଥିଲେ।ପୂଜା ମଣ୍ଡପରେ କେବଳ ଅତିଥି ଭାବେ ନୁହେଁ, ଲୋକଙ୍କ ନିଜ ଲୋକ ଭାବେ ପହଞ୍ଚିଥିଲେ ହିମାଂଶୁ ଶେଖର ସାହୁ। ପ୍ରଭୁ ଗଜାନନଙ୍କ ଆଶୀର୍ବାଦ ସହ ଲୋକଙ୍କ ଭଲପାଇବା ଓ ଆଶୀର୍ବାଦକୁ ସାଥୀ କରି ଆରୁହା ମଣ୍ଡଳର ବିଭିନ୍ନ ଅଞ୍ଚଳରେ ବିଧାୟକଙ୍କ ଏହି ଗସ୍ତ ଚର୍ଚ୍ଚାର ବିଷୟ ପାଲଟିଛି।



# ନବ ନିଯୁକ୍ତି ପି.ସି.ସି. ସାଧାରଣ ସମ୍ପାଦକ ମନୋଜ ରାଉତଙ୍କୁ ସମ୍ବର୍ଦ୍ଧନା

ଯାଜପୁର: ୧୫/୦୯:(): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତ ଚରଣ ଦାସ ଯାଜପୁରର ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ମନୋଜ ରାଉତଙ୍କୁ ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ନଗର / ବ୍ଲକ କଂଗ୍ରେସ ପକ୍ଷରୁ ନଗର କଂଗ୍ରେସ କାର୍ଯ୍ୟାଳୟ ଠାରେ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା। ପ୍ରଥମେ ଶ୍ରୀ ରାଉତଙ୍କୁ ଉପସ୍ଥିତ ସମସ୍ତ କର୍ମୀ ଏବଂ ନେତୃମଣ୍ଡଳୀମାନେ ଭବ୍ୟ ସ୍ୱାଗତ କରିବା ସହ ସଭା ଗୃହକୁ ନେଇଥିଲେ। ସଭାଗୃହରେ ଉପସ୍ଥିତ ନେତୃମଣ୍ଡଳୀ ପୁଷ୍ପଗୁଚ୍ଛ ଓ ଉ□ରୀୟ ଦେଇ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ସମ୍ବର୍ଦ୍ଧନା ସଭାରେ ଜିଲ୍ଲା କଂଗ୍ରେସର ପୂର୍ବତନ କାର୍ଯ୍ୟକାରୀ ସଭାପତି ବିଷ୍ଣୁ ଚରଣ ରାଉତ ଅଧ୍ୟକ୍ଷତା କରି ଦୀର୍ଘ ୧୨ ବର୍ଷରୁ ଉର୍ଦ୍ଧ୍ୱ ସମୟଧରି ଶ୍ରୀ ରାଉତ ଜିଲ୍ଲା କଂଗ୍ରେସ କମିଟିର ସଭାପତି ଭାବେ କାର୍ଯ୍ୟ କରି କଂଗ୍ରେସର ସଂଗଠନକୁ ସୁଦୃଢ଼ କରିବା ସହ ସୁଚାରୁରୂପେ କାର୍ଯ୍ୟ ତୁଲାଇଥିଲେ। ତାଙ୍କର ଦକ୍ଷତାକୁ ନେଇ ପ୍ରଦେଶ କଂଗ୍ରେସ କମିଟିର ସଭାପତି ଶ୍ରୀ ଦାସ ତାଙ୍କୁ ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ଦେଇଛନ୍ତି ବୋଲି କହିବା ସହ କୃତଜ୍ଞତା ଜଣାଇଥିଲେ। ଅନ୍ୟାନ୍ୟ ନେତୃମଣ୍ଡଳୀ ମାନଙ୍କ ମଧ୍ୟରେ ବରିଷ୍ଠ ନେତା ସନ୍ତୋଷ ନନ୍ଦ, ନଗର କଂଗ୍ରେସ ସଭାପତି ନାରାୟଣ ଚନ୍ଦ୍ର ସାମନ୍ତ, ବ୍ଲକ କଂଗ୍ରେସ ସଭାପତି ଗଦାଧର ଦାସ, ବରିଷ୍ଠ ନେତା ଦିଲ୍ଲୀପ ଦାଶ, ପୂର୍ଣ୍ଣ ଜେନା ପ୍ରଭୃତି ନେତୃମଣ୍ଡଳୀମାନେ ଶୁଭେଚ୍ଛା ଜଣାଇବା ସହ ଆଗାମୀ ଦିନରେ କଂଗ୍ରେସ ସଂଗଠନ ମଜବୁତ୍ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ପ୍ରଦେଶ କଂଗ୍ରେସ ପକ୍ଷରୁ ଯେଉଁ ନୂତନ ଗୁରୁ ଦାୟିତ୍ୱ ଅର୍ପଣ କରାଯାଇଛି; ତାହାକୁ ସେ ଆଗାମୀ ଦିନରେ ଦଳର ସାଂଗଠନିକ ବୈଠକରେ ଜିଲ୍ଲାର ସମସ୍ତ କର୍ମକ□ା ଓ ସମସ୍ତ ସେଲ୍ ଅଧ୍ୟକ୍ଷ ତଥା କଂଗ୍ରେସ, ଯୁବ କଂଗ୍ରେସ, ମହିଳା କଂଗ୍ରେସ, ଛାତ୍ର କଂଗ୍ରେସ, ଛାମୁଆ ନେତାମାନଙ୍କ ସହିତ ବୈଠକ କରି ଆଗାମୀ ପ□ାୟତ ଓ ପୌର ନିର୍ବାଚନ ପାଇଁ ରଣନୀତି ପ୍ରସ୍ତୁତ କରିବାକୁ ଉପସ୍ଥିତ କର୍ମୀ ଓ ନେତୃମଣ୍ଡଳୀମାନଙ୍କୁ ଆହ୍ୱାନ ଦେବା ସହ ସମସ୍ତ ଏକ ମନ ହୋଇ କାର୍ଯ୍ୟ କଲେ ଆଗାମୀ ଦିନରେ କଂଗ୍ରେସ ଦଳ ନିଶ୍ଚିତଭାବେ ସୁଦୃଢ଼ ହୋଇପାରିବ ବୋଲି କହିଥିଲେ। ଏହି କ୍ରମରେ ପି.ସି.ସି ର ସଭାପତି ଭକ୍ତ ଚରଣ ଦାସ ଓ ଓଡ଼ିଶା ପ୍ରଭାରି ଲାଲଜୀ ଦେସାଇଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହ ଏ.ଆଇ.ସି.ସି ବରିଷ୍ଠ ନେତା ରାହୁଲ୍ ଗାନ୍ଧୀ, ଏ.ଆଇ.ସି.ସି. ସଭାପତି ମଲ୍ଲିକାର୍ଜ୍ଜୁନ୍ ଖଡ଼୍‌ଗେ, ବରିଷ୍ଠ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ, ବରିଷ୍ଠ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ, ପୂର୍ବତନ ରାଜ୍ୟସଭା ସାଂସଦ ରାମଚନ୍ଦ୍ର ଖୁ□ିଆ,



ପୂର୍ବତନ ମନ୍ତ୍ରୀ ଶରତ ରାଉତଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଦୁର୍ଯ୍ୟୋଧନ ବେହେରା, ଶ୍ୟାମସୁନ୍ଦର କର, ଦେବ ପଣ୍ଡା, ଆଲୋକ ବେହେରା, ପ୍ରତିମା କର, ହୃଷିକେଶ ପତି, କନକଲତା ରାଉତ, ଭରତ ସାମଲ, ଭାସ୍କର ମହାନ୍ତି, ବିଭୂତି ମହାପାତ୍ର, ନିକୁଞ୍ଜ ସାମଲ, ଅଶୋକ ଦାସ, ରବିନାରାୟଣ ସ୍ୱାଇଁ, ଅଲେଖ ପୃଷ୍ଟି, ଅପୂର୍ବ ସାମଲ, ସେକ୍ ଅବ୍ଦୁଲ୍ ହଲିମ୍, ରାଜେନ୍ଦ୍ର ସାହୁ, ସନ୍ତୋଷ ସାହୁ, କାହ୍ନୁ ଚରଣ ସ୍ୱାଇଁ, ଅନନ୍ତ ନାୟକ, ଅଶୋକ ବାରିକ, ସାଗର ପରିଡ଼ା, ଅଞ୍ଜିତ ନାୟକ, କପିଳେଶ୍ୱର ଦଳାଇ, ପରିମଳ ବିଶ୍ୱାଳ, ରବିନାରାୟଣ ଜେନା, ଅର୍ଣ୍ଣବ ମିଶ୍ର, ଅନିରୁଦ୍ଧ ରାଉତ, ରମାକାନ୍ତ ସେଠୀ, ରଶ୍ମିକାନ୍ତ ବିଶ୍ୱାଳ, ବିଦ୍ୟାଧର ପାଣିଗ୍ରାହୀ, ଭରତ ଚନ୍ଦ୍ର ସାହୁ, ଜଗନ କେତକି, ଅକ୍ଷୟ ଶତପଥୀ, ଜନାର୍ଦ୍ଦନ ଅଧିକାରୀ, ସୂର୍ଯ୍ୟମଣି ଖିଲାର, ଏକାଦଶୀ ତ୍ରିପାଠୀ, ବିଜୟ ମହାପାତ୍ର, ଅମୂଲ୍ୟ ବିଶ୍ୱାଳ, ଅଲେଖ ସାହୁ, ଦିପୁ ମଲ୍ଲିକ, ନକୁଳ ସାହୁ, ମନୋଜ ସାହୁ, କୁଳମଣି ଦଳାଇ ପ୍ରଭୃତି ଶତାଧିକ କଂଗ୍ରେସ କର୍ମୀ ଓ ନେତୃମଣ୍ଡଳୀମାନେ ଯୋଗଦେଇ ଶ୍ରୀ ରାଉତଙ୍କୁ ଉ□ରୀୟ ଓ ପୁଷ୍ପଗୁଚ୍ଛଦେଇ ସମ୍ବର୍ଦ୍ଧିତ କରିଥିଲେ।

# ଆହ୍ୱାନ ଫାଉଣ୍ଡେସନ୍ ପକ୍ଷରୁ ଚିତ୍ରାଙ୍କନ ପ୍ରତିଯୋଗିତା



ପାରାଦୀପ - ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆହ୍ୱାନ ଫାଉଣ୍ଡେସନ୍ ପକ୍ଷରୁ ପାରାଦୀପ ନୂଆବଜାର ସ୍ଥିତ ସତ୍ୟସାଇ ମନ୍ଦିର ପରିସରରେ 'ଫେଷ୍ଟିଭାଲ ଭରସେସ ନେଚର' ଶୀର୍ଷକ କୁ ନେଇ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଗତ ରବିବାର ଦିନ ଆୟୋଜିତ ହୋଇଯାଇଛି । ପାରାଦୀପର ବିଭିନ୍ନ ବିଦ୍ୟାଳୟ ର ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଉତ୍ସାହର ସହ ଅଂଶଗ୍ରହଣ କରି ପର୍ବପର୍ବାଣୀ ପରେ ପ୍ରକୃତି, ନଦୀ ଓ ପରିବେଶ ଉପରେ ପଡୁଥିବା ପ୍ରଦୂଷଣର ପ୍ରଭାବକୁ ଚିତ୍ର ମାଧ୍ୟମରେ ପ୍ରକାଶ କରିଥିଲେ। ଏହି ଅବସରରେ ପାରାଦୀପ ପୌରପାଳିକାର ଅଧ୍ୟକ୍ଷ ବସନ୍ତ କୁମାର ବିଶ୍ୱାଳ, ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ପାରାଦୀପ ବନ୍ଦର ର ଉପମୁଖ୍ୟ ଅର୍ଥ ପରାମର୍ଶଦାତା ପ୍ରଶାନ୍ତ ମହାରଣା, ବିଶିଷ୍ଟ ଦନ୍ତ ଚିକିତ୍ସକ ଡା. ଅରବିନ୍ଦ ନାୟକ , ବରିଷ୍ଠ ଚିତ୍ରକର ସୁଧାଂଶୁ ସୁତାର ଯଥାକ୍ରମେ ମୁଖ୍ୟ ଓ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବାସହ ଆଗକୁ ବଢ଼ିବା ପାଇଁ ପ୍ରେରଣା ଦେଇଥିଲେ।

# ଜେମ୍ସ ସ୍କୁଲରେ ଜ୍ଞାନଦାତା ଶ୍ରୀ ଗଣେଶଙ୍କ ପୂଜାଉତ୍ସବ

ବ୍ୟାସନଗର୧୫।୯: ବ୍ୟାସନଗର ସ୍ଥିତ ଅଗ୍ରଣୀ ଶିକ୍ଷାନୁଷ୍ଠାନ ମାନଙ୍କ ମଧ୍ୟରେ ଗ୍ଲୋରିୟସ ଇଂଲିଶ ମିଡିୟମ୍ ସିନିୟର୍ ସେକେଣ୍ଡାରୀ ସ୍କୁଲ ଅନ୍ୟତମ ଓ ପ୍ରତିବର୍ଷ ପରି ଏ ବର୍ଷ ଆମ ସ୍କୁଲରେ ଜ୍ଞାନଦାତା ଶ୍ରୀଗଣେଶଙ୍କ ପୂଜା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏ ବର୍ଷ ପୂଜା ଉତ୍ସବଟି ଖୁବ ଆଡମ୍ବରରେ ପାଳନ କରାଯାଇଅଛି । ଏହି ଉତ୍ସବଟିରେ ସ୍କୁଲ୍ ର ସମସ୍ତ ଛାତ୍ର ଛାତ୍ରୀ ଓ କର୍ମଚାରୀଙ୍କ ଉପସ୍ଥିତିରେ ଜ୍ଞାନଦାତା ଗଣେଶଙ୍କ ପୂଜାକର୍ମ ସମ୍ପାଦନ କରାଯାଇଅଛି । ପ୍ରସାଦ ସେବନ ସହ ଏକ ସୁମିଷ୍ଟ ଭୋଜୀର ଆୟୋଜନ କରାଯାଇଥିଲା । ଏହି ଉତ୍ସବରେ ପୂର୍ବ ବର୍ଷର ଛାତ୍ରଛାତ୍ରୀ ଓ ବହୁ ଅଭିଭାବକ ଯୋଗଦାନ କରି ପୂଜା ସହ ଭୋଜିର ଖୁବ ମଜା ନେଇଥିଲେ । ସ୍କୁଲର ସଭାପତି ଶ୍ରୀମତୀ ଅସ୍ମିତା ପତି, ସ୍କୁଲର ସେକ୍ରେଟାରୀ ଡ଼କ୍ଟର ଅଭୟ ପତି, ଭାଇସ ପ୍ରିନ୍ସିପାଲ୍ ଶ୍ରୀ. ସରୋଜ କୁମାର ସାହୁ ତଥା ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ସାଜସଜ୍ଜାକୁ ଖୁବ୍ ପ୍ରଶଂସା କରିଥିଲେ ।



# ଅଖିଳ ଭାରତ ମହିଳା କଂଗ୍ରେସର ୪୨ତମ ପ୍ରତିଷ୍ଠା ଦିବସ ପାଳିତ

ଭୁବନେଶ୍ୱର : ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତିଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱରର ବାଜପେୟୀ ନଗରସ୍ଥିତ ଯାତ୍ରା ପଡ଼ିଆରେ ଅଖିଳ ଭାରତ ମହିଳା କଂଗ୍ରେସର ୪୨ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି।

ଏହି ଅବସରରେ ମିନାକ୍ଷୀ ବାହିନୀପତି କହିଥିଲେ ଯେ, ୧୯୪୦ ମସିହାରେ ସ୍ୱାଧୀନତା ସଂଗ୍ରାମୀ ସୁଚେତା କୃପଲାନୀ ଭାରତୀୟ ଜାତୀୟ କଂଗ୍ରେସର ମହିଳା ଶାଖା ପ୍ରତିଷ୍ଠା କରିଥିଲେ। ୧୯୫୨ରୁ ୧୯୮୩ ପର୍ଯ୍ୟନ୍ତ ଏହା ଦଳର ମହିଳା ସେଲ୍ ଭାବେ କାର୍ଯ୍ୟ କରିଥିଲା। ୧୯୮୪ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ମହିଳା କଂଗ୍ରେସର ପୁନର୍ଗଠନ କରି ବେଙ୍ଗାଲୁରୁରେ ଆୟୋଜିତ ଜାତୀୟ ସମ୍ମିଳନୀରେ ଏହାକୁ 'ଅଖିଳ ଭାରତ ମହିଳା କଂଗ୍ରେସ' ଭାବେ ରୂପାୟିତ କରିଥିଲେ। ୧୯୮୪ରୁ ୧୯୮୮ ପର୍ଯ୍ୟନ୍ତ ବେଗମ ଅବିଦା ଅହମ୍ମଦ ପ୍ରଥମ ଜାତୀୟ ସଭାନେତ୍ରୀ ଏବଂ ଜୟନ୍ତୀ ପଟ୍ଟନାୟକ ଦ୍ୱିତୀୟ ସଭାନେତ୍ରୀ ଭାବେ ଦାୟିତ୍ୱ ତୁଲାଇଥିଲେ।ବର୍ତ୍ତମାନ ଅଖିଳ ଭାରତ ମହିଳା କଂଗ୍ରେସ ଜାତୀୟ ସଭାନେତ୍ରୀ ଅଲକା ଲାମ୍ବାଙ୍କ ନେତୃତ୍ୱରେ ସକ୍ରିୟ ଭାବେ କାର୍ଯ୍ୟ କରୁଛି ବୋଲି ବାହିନୀପତି କହିଥିଲେ। ମହିଳା ଅଧିକାର, ନ୍ୟାୟ ଓ ନିଯୁକ୍ତି ପାଇଁ ଲାମ୍ବାଙ୍କ ନେତୃତ୍ୱରେ ଲଢ଼େଇ ଜାରି ରହିଛି ବୋଲି ସେ ଉଲ୍ଲେଖ କରିଥିଲେ।



ଓଡ଼ିଶାରେ ମହିଳାଙ୍କ ବିରୋଧରେ ଦୁଷ୍କର୍ମ ଓ ନିର୍ଯାତନା ବିରୋଧରେ ମହିଳା କଂଗ୍ରେସ ଆନ୍ଦୋଳନ ଜାରି ରଖିଛି ବୋଲି ସେ କହିଥିଲେ। ପିସିସି ସଭାପତି ଭକ୍ତ ଚରଣ ଦାସ ଏହି ସଂଗ୍ରାମକୁ ଆଗେଇ ନେବା ପାଇଁ ଦଳୀୟ କର୍ମୀଙ୍କୁ ଉତ୍ସାହିତ କରୁଛନ୍ତି ବୋଲି ସେ କହିଥିଲେ। ରାଜ୍ୟର ପ୍ରତ୍ୟେକ ବ୍ଲକ ଓ ପଂଚାୟତରେ ମହିଳା କଂଗ୍ରେସ ସଭାନେତ୍ରୀ ନିଯୁକ୍ତ କରାଯାଇ ତୃଣମୂଳ ସ୍ତରରୁ ମହିଳାଙ୍କ ବିରୋଧରେ ହେଉଥିବା ଅତ୍ୟାଚାର ଓ ଦୁଷ୍କର୍ମ ବିରୋଧରେ ଆନ୍ଦୋଳନକୁ ଅଧିକ ତୀବ୍ର କରାଯିବ ବୋଲି ସେ କହିଥିଲେ।

ବିଜେପି ମହିଳାମାନଙ୍କୁ ସ୍ୱାବଲମ୍ବୀ ଓ ସୁରକ୍ଷିତ ରଖିବାର ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଥିଲେ ମଧ୍ୟ ମହିଳାମାନଙ୍କ ପ୍ରତି ବିଶ୍ୱାସଘାତ କରିଛି ବୋଲି ବାହିନୀପତି ଅଭିଯୋଗ କରିଥିଲେ।କାର୍ଯ୍ୟକ୍ରମରେ ଅଖିଳ ଭାରତ ମହିଳା କଂଗ୍ରେସର 'ପ୍ରିୟଦର୍ଶିନୀ ଉଡାନ' କାର୍ଯ୍ୟକ୍ରମ ଅନ୍ତର୍ଗତ ମହିଳାମାନଙ୍କୁ ସାନିଟାରୀ ନାପ୍‌କିନ୍ ବଂଟନ କରାଯାଇଥିଲା। ପ୍ରତିଷ୍ଠା ଦିବସ ଅବସରରେ କେକ୍ କଟାଯିବା ସହ ମିଷ୍ଟାନ୍ନ ବଂଟନ କରାଯାଇଥିଲା।ଏହି ଅବସରରେ ଜୟଶ୍ରୀ ପଟ୍ଟନାୟକ, ପ୍ରଣତୀ ମିଶ୍ର, ପ୍ରତିମା ମଲ୍ଲିକ, ବିଶ୍ୱକଲ୍ୟାଣୀ କର, ଜୟସ୍ମିତା ମହାନ୍ତି, ଶ୍ରୀୟା ମହାନ୍ତି, ଲଳିତା ନାୟକ, ପ୍ରମିଳା ସାହୁ, ଉର୍ବଶ୍ରୀ ମିଶ୍ର, କାମିନୀ ମହାରଣା ଓ ଅଞ୍ଜଳୀ ମଲ୍ଲିକଙ୍କ ସମେତ ବହୁ ମହିଳା କଂଗ୍ରେସ ନେତ୍ରୀ ଓ କର୍ମୀ ଉପସ୍ଥିତ ଥିଲେ।

# ବ୍ଲକ୍‌ସ୍ତରୀୟ ବିଦ୍ୟାଳୟ ସମୂହକ୍ରିଡା ପ୍ରତିଯୋଗିତା

ଭଦ୍ରକ ୧୫।୦୯(ନି.ପ୍ର.): ତିହିଡି ବ୍ଲକ୍‌ର ଆନନ୍ଦ ପ୍ରସାଦ ପଂଚାୟତ ସହଯୋଗ ହାଇସ୍କୁଲରେ ଦୁଇଦିନ ଧରି ଚାଲିଥିବା ବ୍ଲକସ୍ତରୀୟ ବିଦ୍ୟାଳୟ ସମୂହକ୍ରିଡା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଅଛି । ବି.ଡି.ଓ ନିରଞ୍ଜନ ବାରିକ ଉଦ୍‌ଘାଟନ କରିଥିଲେ । ସଭାପତି ଏ.ବି.ଓ ଲକ୍ଷ୍ମିପ୍ରୀୟା ମାଝୀ ପୋରହିତ୍ୟ କରିଥିଲେ । ମୁଖ୍ୟବକ୍ତା ଭାବେ ତହସିଲଦାର ସୁବାଶିଷ ସାହୁ ଯୋଗଦେଇ ପିଲାମାନେ ପାଠପଢା ସହିତ ଖେଳକୁଦରେ ଆକୃଷ୍ଟ ହେବା ଉଚିତ୍ ବୋଲି କହିଥିଲେ । ସମାନୀୟ ଅତିଥି ଭାବେ ସରପଂଚ ସୁପ୍ରଭା ପାଣି, ପୁଷ୍ପାଞ୍ଜଳି ଲେଙ୍କା, ଶିକ୍ଷକ ସମେନ୍ଦ୍ର ମିଶ୍ର ସିନ୍ଧଳ ହାଇସ୍କୁଲର ପ୍ରଧାନ ଶିକ୍ଷକ ବିଶ୍ୱନାଥ ପଣ୍ଡା, ଭକ୍ତବନ୍ଧୁ ପତି, ଉମାକାନ୍ତ ଦାସ, ଅବସର ପ୍ରାପ୍ତ ଶାରିରୀକ ଶିକ୍ଷା ଶିକ୍ଷକ ବାବାଜି ଚରଣ ମହାକୁଡ, ଗିରିଜା ଚରଣ ଯେନା, ବିଭୁତି ସାହୁ, ସୋମନାଥ ମିଶ୍ର, ସୁରେଶ ଚନ୍ଦ୍ର ମହାକୁଡ, ବିଜୟ କୁମାର ନାୟକ ସମ୍ବାଦ ସାମ୍ବାଧିକ ପ୍ରଭାତ ରାଉଳ, ସାମ୍ବାଧିକ ବଂଶୀଧର ଦାସ ମଂଚାସିନ ଥିଲେ ସନ୍ଥପୁରାସ୍ଥିତ ଆଦର୍ଶ ବିଦ୍ୟଳୟର ଉଦ୍‌ଯାପନ ସଭାରେ ଅଧକ୍ଷ ଆରତି ସାହୁ ପୌରହିତ୍ୟ କରିଥିଲେ ଏଥିରେ ଜିଲ୍ଲା କ୍ରିଡା ଅଧିକାରୀ ଭାବେ ରାଜେନ୍ଦ୍ର କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ସମାନୀୟ ଅତିଥି ଭାବେ ଭଦ୍ରକ ବ୍ଲକ୍ କ୍ରିଡା ସଂପାଦକ ମାନସ କୁମାର ନାୟକ ତିହିଡି ବ୍ଲକ୍ କ୍ରିଡା ସଂପାଦକ ପ୍ରଭାତ କୁମାର ଯେନା ଓ ଆଦର୍ଶ ବିଦ୍ୟଳୟର କ୍ରିଡା ଶିକ୍ଷକ ସନ୍ଦିପ୍ କୁମାର ମିଶ୍ର ଯୋଗ ଦେଇଥିଲେ । ଏହି ପ୍ରତିଯୋଗିତାରେ ୧୭ ବର୍ଷରୁ କମ୍ ଓ ୧୪ ବର୍ଷରୁ କମ୍ ବାଳକ ଓ ବାଳିକାକୁ ନେଇ ବିଭିନ୍ନ ଖେଳକୁଦ ପ୍ରତିଯୋଗିତା ହୋଇଥିଲା । ତିହିଡି ବ୍ଲକ୍‌ର କ୍ରିଡା ସଂପାଦକ ବିଭିନ୍ନ ପ୍ରିୟାପ୍ରିତିକୁ ନେଇ ମନାଇଛାରେ କ୍ରିଡାପ୍ରତିଯୋଗିତାରେ ବାଳକ ଓ ବାଳିକାଙ୍କ ନାମ ଚୟନ କରିଥିଲେ ।

ତିହିଡି ବ୍ଲକ୍‌ର କ୍ରିଡା ସଂପାଦକ ପ୍ରଭାତ ଯେନାଙ୍କ ବିରୁଦ୍ଧରେ ତିହିଡି ବ୍ଲକ୍‌ର ୪ ଗୋଟି ଜୋନ୍‌ର କେତେକ ଶିକ୍ଷକ ଓ ଶିକ୍ଷୟତ୍ରୀ ମାନେ ଅଭିଯୋଗ କରିଛନ୍ତି । ବିଶେଷକରି ସେ ଯେଉଁ ସ୍କୁଲରେ କ୍ରିଡା ଶିକ୍ଷକ ଅଛନ୍ତି ସେହି ସ୍କୁଲର ଅଧିକ ପିଲାଙ୍କୁ ବେନିୟମ ଭାବରେ ଚୟନ କରିଥିଲେ । ଓ ଜିଲ୍ଲାସ୍ତରୀୟ କ୍ରିଡାକୁ ନାମ ଘୋଷଣା କରିଥିଲେ । ଆଉ ମଧ୍ୟ ତାଙ୍କ ନାମରେ ୪ ଗୋଟି ଜୋନ୍‌ର କେତେକ ଖେଳ ଶିକ୍ଷକ ଓ ଶିକ୍ଷୟିତ୍ରୀ ଅଭିଯୋଗ କରିଛନ୍ତି ରାତି ଅଧିଆ ଘରକୁ ଘର ବୁଲି ଦସ୍ତଖତ ଆଣି ତିହିଡି ବ୍ଲକ୍‌ର କ୍ରିଡା ସଂପାଦକ ହେଇଛନ୍ତି । ଏହି ସଂପାଦକ ଜଣକ ତିହିଡି ବ୍କ ସ୍ତରିୟ ୪ ଗୋଟି ଜୋନ୍‌ର ଡକାଇଥିବା ନିରିହ ପିଲାମାନଙ୍କୁ ଖେଳକୁଦରେ ଭାଗନଦେଇ କୋମଳମତୀ ଛାତ୍ରଛାତ୍ରୀ ମାନଙ୍କୁ ବିଦା କରିଦେଇଥିଲେ । ତାଙ୍କ ବିରୁଦ୍ଧରେ ଏହି ୪ ଗୋଟି ଜୋନ୍‌ର କେତେକ କ୍ରିଡା ଶିକ୍ଷକ ଓ ଶିକ୍ଷୟତ୍ରୀ ଅଭିଯୋଗ କରିଛନ୍ତି । ବହୁତ ଅନିୟମିତତା କାର୍ଯ୍ୟରେ ଲିପ୍ତରହି ଜିଲ୍ଲାସ୍ତରୀୟ ଖେଳରେ କୋମଳମତୀ ଛାତ୍ର ଛାତ୍ରୀମାନଙ୍କୁ ଚୟନ କରିଛନ୍ତି । ଯଥାଶିଘ୍ର ଏହି ସଂପାଦକଙ୍କୁ ତିହିଡି ବ୍ଲକ୍‌ର ୪ ଗୋଟି ଜୋନ୍‌ରୁ ବାହାର କରାଯାଇ ନୂତନ କ୍ରିଡା ସଂପାଦକଙ୍କୁ ନିଯୁକ୍ତି କରାଯାଉ । ତିହିଡି ବ୍ଲକ୍‌ର ଦୈନିକ ସମ୍ବାଦ ସାମ୍ବାଦିକ ଫଡ ବିହୁନ ଖବର ପ୍ରକାଶ କରିଥିବାରୁ ପେଣ୍ଡଲ୍ ଉପରେ ବସିଥିବା ଅନେକ ବୁଦ୍ଧିଜୀବି ଅତିଥିଙ୍କ ନାମ ଖବରକାଗଜରେ ପ୍ରକାଶ ପାଇନଥିବାର ଦେଖାଯାଇଥିଲା । ଏହି ସମ୍ବାଦ ଖବରକାଗଜର ତିହିଡି ବ୍ଲକ୍‌ର ପୁର୍ବତନ ସାମ୍ବାଦିକ ଗୋଟିଏ ସଭାରେ କଂଗ୍ରେସ୍ ନେତାଙ୍କ ନାମ ପେପରରେ ପ୍ରକାସ ନକରିଥିବାରୁ ସଂପାଦକ ସୌମ୍ୟରଞ୍ଜନ ପଟ୍ଟନାୟକ ସେ ସାମ୍ବାଦିକକୁ ତିରସ୍କାର କରିଥିଲେ । ଓ କହିଥିଲେ ଯଦି ଏ ପ୍ରକାର ଭୂଲ୍ ତଥ୍ୟ ସମ୍ବାଦ ପେପରରେ ପ୍ରକାଶ କରୁଛ ତେବେ ତୁମଭଳିଆ ଅଯୋଗ୍ୟ ସାମ୍ବାଦିକତା ଛାଡିଦିଅ । ଜଣେ ସାମ୍ବାଦିକର କର୍ତବ୍ୟ ପେଣ୍ଡେଲରେ ଜେତେଜଣ ଅତିଥି ଭାବରେ ବସିଥିବେ ତାଙ୍କ ଫଟ ସହିତ ପେପରରେ ନାମ ବାହାର କରିବା କଥା । କିନ୍ତୁ ଏ ସାମ୍ବାଦିକ ଜଣକ କେତେଜଣ ଅତିଥିଙ୍କ ନାମ କାଟିଦେଉଥିଲେ ।

Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9778071104, Email : odishamanthan@gmail.com

● Editor : Sarat Raut

ସଂପାଦକ: ଶରତ ରାଉତ